

ମା' ହେଲେ ସାକ୍ଷୀ ମଲ୍ଲିକ ପୃଷ୍ଠା ୬


# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 244 | ଭାଗ ୩୨ | ସଂଖ୍ୟା ୨୪୪ | Bhubaneswar | Thursday 28 November 2024 | Page 8 Rs. 4.00 | ଭୁବନେଶ୍ୱର | ଗୁରୁବାର ୨୮ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଅଗ୍ନିଶମରେ ଏବେ ଫାୟାର ଓ୍ୱମ୍ୟାନ୍



- ୮୨୬ ଆଗ୍ନିକ ଓ ୧୧୫ ଗାଡ଼ିଚାଳକଙ୍କୁ ନିଯୁକ୍ତି
- ଅଗ୍ନିଶମ ବିଭାଗରେ ୨୨ ଭାଗ ପଦବୀ ପୂରଣ
- ଗୃହ ବିଭାଗରେ ୧୦ ହଜାର ପଦବୀ ଖୁବ୍ ଶୀଘ୍ର ପୂରଣ ହେବ

**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ଆଗାମୀ ଦିନରେ ଫାୟାର ମ୍ୟାନ ପଦବୀରେ ମହିଳାଙ୍କ ନିଯୁକ୍ତି ବିଷୟକୁ ବିଚାରକୁ ନିଆଯିବ। ଏଥିପାଇଁ ଆବଶ୍ୟକ ସଂଶୋଧନ ଜରିଆରେ ପଦବୀକୁ ଫାୟାର ଫାଇଟର ବା ଅଗ୍ନିଯୋଦ୍ଧା ଭାବେ ନାମିତ କରାଯିବ। ଏହାଫଳରେ ମହିଳାମାନେ ମଧ୍ୟ ଏଥିରେ ନିଯୁକ୍ତିର ସୁଯୋଗ ପାଇ ପାରିବେ ବୋଲି ବୁଧବାର ରାଜ୍ୟ ସ୍ତରୀୟ ଅଗ୍ନିଯୋଦ୍ଧା ନିଯୁକ୍ତି ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓ୍ୟୁଏଟି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଗ୍ନିଯୋଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ, ଜନସାଧାରଣଙ୍କ ସେବା ଓ ସୁରକ୍ଷିତ ରଖିବା ପାଇଁ ଆପଣମାନଙ୍କୁ ସୁଯୋଗ ମିଳିଛି। ମଣିଷ ଜୀବନ ବଞ୍ଚାଇବା ମହାପୂଣ୍ୟ। ଦରମା ତ ପ୍ରତ୍ୟେକ କର୍ମଚାରୀ ପାଉଛନ୍ତି, କିନ୍ତୁ ଜୀବନ ରକ୍ଷାକରି ପୂଣ୍ୟ ଅର୍ଜନ କରିବାର ସୁଯୋଗ ସମସ୍ତଙ୍କୁ ମିଳେ ନାହିଁ। ସମାଜର ପ୍ରଶଂସା ଓ ସମ୍ମାନ ଆପଣଙ୍କ ଜୀବନର ➪ପୃଷ୍ଠା-୬

## ଡିସେମ୍ବର ୨୦ ପରେ ତୃତୀୟ ଉଇକେଟ୍!

**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ଡିସେମ୍ବର ୨୦ତାରିଖରେ ରାଜ୍ୟସଭା ନିର୍ବାଚନ ସରିଲା ପରେ ବିଜେଡିର ତୃତୀୟ ଉଇକେଟ୍ ପଡ଼ିବା ନେଇ ଆଲୋଚନା ଆରମ୍ଭ ହୋଇଗଲାଣି। ପ୍ରଥମ ଉଇକେଟ୍ ଭାବେ ବିଜେଡିର ରାଜ୍ୟସଭା ସାଂସଦ ମମତା ମହନ୍ତ ଥିବାବେଳେ ଦ୍ୱିତୀୟ ଉଇକେଟ୍ ଭାବେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର ରହିଥିଲେ। ତେବେ ତୃତୀୟ ଉଇକେଟ୍ ପତନ ସମସ୍ତଙ୍କୁ ଚମକାଇ ଦେବ ବୋଲି ଏବେ ଠାରୁ ଚର୍ଚ୍ଚା ହେଲାଣି।

ରାଜ୍ୟରେ ବିଜେପି କ୍ଷମତାକୁ ଆସିବାପରେ ବିଜେଡିର ରାଜ୍ୟ ସଭାରେ ଥିବା ୯ଜଣ ସାଂସଦଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ନିଜ ପଟକୁ ଆଣିବାରେ ସକ୍ଷମ ହୋଇଛି। ଏହି ଦୁଇ ଜଣ ହେଲେ ମମତା ମହନ୍ତ ଓ ସୁଜିତ୍ କୁମାର। ମମତା ଇତି ମଧ୍ୟରେ ଉପନିର୍ବାଚନରେ ବିଜେପି ସାଂସଦ ଭାବେ ରାଜ୍ୟସଭାକୁ ଯାଇଥିବାବେଳେ ସୁଜିତ କୁମାର ଆସନ୍ତା ୨୦ତାରିଖରେ ଯିବା ଏକ ପ୍ରକାର ନିଶ୍ଚିତ। ବିଜେପି ଯୋଜନା ବଦ୍ଧ ଭାବେ ବିଜେଡିର ଗୋଟିଏ ପରେ ଗୋଟିଏ ରାଜ୍ୟସଭା ସାଂସଦକୁ ନିଜ ଖାଲେଇରେ ପୂରାଉଥିବାବେଳେ ତୃତୀୟ ଉଇକେଟ୍‌କୁ ନେଇ ଅବଗଣନା ଆରମ୍ଭ ହୋଇଗଲାଣି।

**ଅବଗଣନା ଆରମ୍ଭ**

**ଚମକାଇ ଦେବ ନିଷ୍ପତ୍ତି**

ବିଜେଡିର ଜଣେ ଜଣେ କରି ରାଜ୍ୟସଭା ସାଂସଦ ଇସ୍ତଫା ଦେଇ ବିଜେପିକୁ ଆସିବାର କାରଣ ହେଲା ଯଦି ଦୁଇଟି ରାଜ୍ୟସଭା ପଦ ପାଇଁ ଉପନିର୍ବାଚନ ହେବ ତେବେ ସଂଖ୍ୟା ଦୃଷ୍ଟିରୁ ବିଜେଡି ଗୋଟିଏ ଆସନ ହାତେଇ ନେବ। କାରଣ ଦ୍ୱିତୀୟ ପ୍ରାର୍ଥୀଙ୍କୁ ଜିତାଇବାପାଇଁ ବିଜେଡିର ୫୮ଜଣ ବିଧାୟକ ଯଥେଷ୍ଟ। ତେଣୁ ବିଜେପି ଅତି ସୁଚିନ୍ତିତ ରଣନୀତି ଭାବେ ବିଜେଡି ବିଧାୟକମାନଙ୍କୁ ନିଜ ପଟକୁ ଆଣୁଛି।



ଗତ ନିର୍ବାଚନରେ ଲୋକସଭାରେ ବିଜେଡି ମୂଳପୋଛ ହୋଇଯାଇଥିବାବେଳେ ରାଜ୍ୟସଭାରେ ଏବେ ଦଳର ବଳ ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି। ଏବେ ରାଜ୍ୟସଭାରେ ବିଜେଡିର ଅଛନ୍ତି ମାତ୍ର ସାତଜଣ ସାଂସଦ। ସେମାନଙ୍କ ମଧ୍ୟରେ ରହିଛନ୍ତି ଡକ୍ଟର ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ଶୁଭାସିଷ ଖୁଣ୍ଟିଆ, ସୁଲତା ଦେଓ, ମୁନ୍ନା ଖାଁ, ନିରଞ୍ଜନ ବିଶି ଓ ଦେବାଶିଷ ସାମନ୍ତରାୟ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯଦିଓ ବିଜେଡି ସହଯୋଗରେ ରାଜ୍ୟସଭାକୁ ଯାଇଛନ୍ତି, ସିଏ କିନ୍ତୁ ବିଜେପିର ବୋଲି ସମସ୍ତେ ଜାଣିଛନ୍ତି।

ବିଜେଡିର ଏହି ସାତଜଣ ଯାକ ସାଂସଦ ଦୃଢ ଭାବେ ବିଜେଡି ପ୍ରତି ନିଜର ଆନୁଗତ୍ୟ ପ୍ରଦର୍ଶନ କରୁଥିବାବେଳେ କିଏ ତୃତୀୟ ଉଇକେଟ୍ ➪ପୃଷ୍ଠା-୬

## ଆସନ୍ତା ବର୍ଷ ସ୍କୁଲ ସ୍ତରରେ ଏନ୍ଇପି

**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ୨୦୨୫ ସୁଦ୍ଧା ରାଜ୍ୟରେ ସ୍କୁଲ ସ୍ତରରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି(ଏନ୍ଇପି) । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ହେଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ଗୋଟିଏ ପରେ ଗୋଟିଏ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ



କହିଛନ୍ତି, ଏନ୍ଇପି ରାଜ୍ୟରେ ଲାଗୁ ହେବା ପାଇଁ ଟାସ୍କ ଫୋର୍ସ ଗଠନ ହୋଇଛି। ଏହା ସହ ୬ ଟି ସବ୍‌କମିଟି ମଧ୍ୟ ଗଠନ ହୋଇସାରିଛି। ସମସ୍ତ ସବ୍‌କମିଟି ସୁପାରିସ କରିବେ। ଏହାକୁ ଅନୁଧ୍ୟାନ କରାଯିବ ଓ ସମସ୍ତଙ୍କ ମତାମତ ନେଇ ଏନ୍ଇପି ଲାଗୁ କରାଯିବ। ବିଗତ ଦିନରେ ରାଜ୍ୟରେ ଥିବା ଶିକ୍ଷକ ଅଭାବ ପୂରଣ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ➪ପୃଷ୍ଠା-୬

## ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଉଠାଇ ଫସିଗଲେ ପ୍ରସନ୍ନ

## ଆଦାନୀକୁ ଗଛ ଲଗେଇବାକୁ କିଏ ଦେଇଥିଲା ଅନୁମତି ?

**ଭୁବନେଶ୍ୱର, ୨୭।୧୧ (ସଂଚାର ବ୍ୟୁରୋ):** ଗନ୍ଧମାର୍ଦ୍ଦନ ପାଦଦେଶରେ ଆଦାନୀ କମ୍ପାନୀକୁ ପୁଳାପୁଳା ଜମି କିଣି ଗଛ ଲଗେଇବାକୁ କିଏ ଦେଇଥିଲା ଅନୁମତି। ପୂର୍ବର ବିଜେଡି ସରକାର ନା ବର୍ତ୍ତମାନର ବିଜେପି ସରକାର। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ





ସିଂହଦେଓଙ୍କ ପ୍ରଶ୍ନରେ ଅଡୁଆରେ ପଡିଗଲେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଆଜି ବିଧାନସଭା ଗନ୍ଧମାର୍ଦ୍ଦନ ପାହାଡ ଜମିକୁ ନେଇ ଗୃହରେ ଉଦବେଗ ପ୍ରକାଶ କରିଥିଲେ ବିରୋଧୀ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି କି, ପୂର୍ବ ସରକାର ସମୟରେ ଗନ୍ଧମାର୍ଦ୍ଦନରୁ ବକ୍ସାଇଟ ଖନନ ପାଇଁ ଅନୁମତି ଦିଆଯାଇଥିଲା ➪ପୃଷ୍ଠା-୬

## ଭିଜିଲାନ୍ସ ଜାଲରେ ୨ ଅଫିସର

## ଖଣି ଅଧିକାରୀଙ୍କ ୧୪ ପ୍ଲଟ୍, ୩ କୋଠା



**ବ୍ରହ୍ମପୁର/କେନ୍ଦୁଝର, ୨୭।୧୧(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ୨ ଅଫିସର। ଉଭୟଙ୍କ ଘର ରେଡ୍ କରାଯାଇଛି। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ। ଅଙ୍ଗନବାଡ଼ି କେନ୍ଦ୍ରର କର୍ମଚାରୀଙ୍କ ବକେୟା ଅର୍ଥ ପ୍ରଦାନ କରିବା ପାଇଁ ୧୨ ହଜାର ଟଙ୍କାରନେବା ବେଳେ ଧରାପଡ଼ିଛନ୍ତି। ବେଆଇନ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝରର କନିଷ୍ଠ ଖଣି ଅଧିକାରୀ ପଦ୍ମନାଭ ହୋତାଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ରେଡ୍ ହୋଇଛି।

ସିଡିପିଓ ସନ୍ଧ୍ୟାରାଣୀ ୧୨ ହଜାର ଟଙ୍କା ଲାଞ୍ଚ ମାଗିବାରୁ ଉକ୍ତ କର୍ମଚାରୀ ଭିଜିଲାନ୍ସକୁ ଜଣାଇଥିଲେ। ଭିଜିଲାନ୍ସର ଯୋଜନା ମୁତାବକ ସଂପୃକ୍ତ କର୍ମଚାରୀ ଟଙ୍କା ଦେବା ବେଳେ ଭିଜିଲାନ୍ସ ଟିମ୍ ସିଡିପିଓଙ୍କୁ ଧରିଛନ୍ତି। ତାଙ୍କଠାରୁ ୧୨ ହଜାର ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ତାଙ୍କର ତିନିଟି ଠିକଣାରେ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି।

ସେହିପରି ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ବୁଧବାର କେନ୍ଦୁଝରର କନିଷ୍ଠ ଖଣି ଅଧିକାରୀ ପଦ୍ମନାଭ ହୋତାଙ୍କର ଭୁବନେଶ୍ୱର, କେନ୍ଦୁଝର, ଭବାନୀପାଟଣା ଓ ଯାଜପୁର ସ୍ଥିତ ୭ଟି ଠିକଣାରେ ଭିଜିଲାନ୍ସ

### ନଗଦ ଟଙ୍କା ସହ ଧରାପଡ଼ିଲେ ସିଡିପିଓ



ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ତାଙ୍କର ପୁଳାପୁଳା ସମ୍ପତ୍ତି ଠାବ କରାଯାଇଛି।

କନିଷ୍ଠ ଖଣି ଅଧିକାରୀ ପଦ୍ମନାଭଙ୍କର ୩ ବହୁତଳ କୋଠା ଠାବ କରାଯାଇଛି। ତା' ମଧ୍ୟରେ ଗୋଟିଏ ଚାରି ମହଲା କୋଠା ଅଛି। ଏହି କୋଠାଟି ଭୁବନେଶ୍ୱରର କୋରଡ଼କଣ୍ଟାରେ ଅଛି। କେନ୍ଦୁଝରର ଜଗନ୍ନାଥପୁରରେ ତାଙ୍କର ଗୋଟିଏ ଦୁଇ ମହଲା କୋଠା ଥିବା ବେଳେ ଯାଜପୁରର ➪ପୃଷ୍ଠା-୬

## ଖୋଲୁଛି ବିଜେଡି ସରକାର ଅପକର୍ମ ତାଲିକା




### ଝୋଟବ୍ୟାଗ ବାଣ୍ଟିବାରେ ୨୫୨କୋଟି ଅପବ୍ୟୟ

**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ରାଜନୈତିକ ପ୍ରଚାର ପାଇଁ ତତକାଳୀନ ବିଜେଡି ସରକାର ରାଜ୍ୟ ରାଜକୋଷକୁ ମନଇଚ୍ଛା ଅପବ୍ୟବହାର କରିଛନ୍ତି । କୌଣସି କାରଣ ନଥାଇ ଝୋଟ ବ୍ୟାଗ ବାଣ୍ଟିବା ଆଳରେ ୨୫୨ କୋଟି ୪୧ଲକ୍ଷ ଟଙ୍କା ଅପଚୟ କରିବାକୁ ପଛାଇନାହାନ୍ତି । ରାଜ୍ୟର ପ୍ରାୟ ୯୫ଲକ୍ଷ ୯୦ହଜାର ୨୨୦ଟି ରାସନକାର୍ଡଧାରୀ ପରିବାରକୁ ନିର୍ବାଚନ ପୂର୍ବରୁ 'ଫାଇଭ-ଟି ଲୋଗୋ, ଶଙ୍ଖଚିହ୍ନ ଓ ଆମଓଡ଼ିଶା ନବୀନ ଓଡ଼ିଶା' ଲେଖା ଥାଇ ୨ଟି ଲେଖାଏଁ ଝୋଟବ୍ୟାଗ୍ ବାଂଟିଥିଲେ । ରାଜ୍ୟବାସୀ ବିଜେଡି ସରକାରକୁ ବାଏବାଏ କରି ବିଜେପି ସରକାରକୁ କ୍ଷମତାସୀନ କରିବା ପରେ ଏହି ତଥ୍ୟ ପଦାକୁ ଆସିଛି ।ଆଜି ବିଧାନସଭାରେ ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ରାସନକାର୍ଡଧାରୀମାନଙ୍କୁ ଦୁଇଟି ଲେଖାଏଁ ଝୋଟବ୍ୟାଗ ଦିଆଯାଇଛି । ଗାଙ୍ଗେଜ୍ ଜୁଟ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାଠାରୁ ୧କୋଟି ୯୧ଲକ୍ଷ ୮୦ହଜାର ୪୪୦ଟି ବ୍ୟାଗ କ୍ରୟ କରାଯାଇଛି । ଗୋଟିଏ ବ୍ୟାଗ ୨୦କିଲୋ ଓ ଅନ୍ୟଟି ୧୦କିଲୋ ଓଜନ ବିଶିଷ୍ଟ ଥିଲା । ପ୍ରତ୍ୟେକ ରାସନକାର୍ଡଧାରୀ ପରିବାରକୁ ଏହି ଝୋଟବ୍ୟାଗରୁ ଦୁଇଟି ଲେଖାଁଏ ଦିଆଯାଇଥିଲା । ଅନ୍ୟ ୪ଟି ସଂସ୍ଥା ବିର୍ଲା କର୍ପୋରେସନ, ଗ୍ଲୋଷ୍ଟର ପ୍ରାଃ ଲିମିଟେଡ୍, ବାଲୀଫାବସ୍ ଇଂଟରନ୍ୟାସନାଲ, ଶକ୍ତିଗଡ଼ ଟେକ୍ସଟାଇଲ୍ ପ୍ରାଃ ଲିମିଟେଡ୍ ସଂସ୍ଥା ଟେଣ୍ଡରରେ ସାମିଲ ହୋଇଥିଲେ । ଝୋଟବ୍ୟାଗ ଦେଇଥିବା ସଂସ୍ଥାଠୁ ସିକ୍ୟୁରିଟି ଡିପୋଜିଟ୍, ଜିଏସଡି ଓ ଟିଡିଏସ୍ ଆଦିବାବଦରେ ମୋଟ ୧୭.୩୮କୋଟି ଟଙ୍କା ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

ସୂଚନାଯୋଗ୍ୟ, ➪ପୃଷ୍ଠା-୬

### ୧. ୭୭ ଲକ୍ଷ ମୃତ ହିତାଧିକାରୀ ଚିହ୍ନଟ

ରାଜ୍ୟରେ ଭୂତ ଖାଉଥିଲେ ରାସନ ଚାଉଳ। ଇ-କେଓ୍ୱାଇସି ବେଳେ ୧ ଲକ୍ଷ ୭୭ ହଜାର ୬୮ ମୃତ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ଉତ୍ତରରେ କହିଛନ୍ତି, ରାଜ୍ୟରେ ୨୦୨୪- ୨୫ ମସିହାରେ ରାସନ କାର୍ଡ ତଥ୍ୟାବଳୀକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଚାଲୁ କରାଯାଇଥିବା ଆଧାର ଇ-କେଓ୍ୱାଇସି ଯାଞ୍ଚ ପ୍ରକ୍ରିୟାରେ ୧,୭୭,୦୬୮ ଜଣ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ରାସନ କାର୍ଡ ତଥ୍ୟାବଳୀରୁ ବାଦ ଦିଆଯାଇଛି। ଆଧାର ଇ-କେଓ୍ୱାଇସି ଯାଞ୍ଚ ଏକ ସାମୟିକ ପ୍ରକ୍ରିୟା। ଅଦ୍ୟାବଧି ସମୁଦାୟ ୩,୩୬,୩୫,୯୧୮ ପିଡିଏସ ହିତାଧିକାରୀଙ୍କ ମଧ୍ୟରୁ ଏବେ ସୁଦ୍ଧା ୨ କୋଟି ୬୯ ଲକ୍ଷ ୨୩ ହଜାର ୮୩୦ ହିତାଧିକାରୀଙ୍କ କେଓ୍ୱାଇସି ଯାଞ୍ଚ ସରିଲାଣି। ଯାଞ୍ଚ ସମୟରେ ଚିହ୍ନଟ ମୃତ ହିତାଧିକାରୀଙ୍କୁ ବାଦ ଦିଆଯାଇ ଆଗକୁ ପୁଣି ଯେତେ ସ୍ଥାନ ଖାଲି ହେବ, ସେହି ସ୍ଥାନରେ ଯୋଗ୍ୟ ଆବେଦନକାରୀଙ୍କୁ ନୂତନ ରାସନ କାର୍ଡ ଯଥାଶୀଘ୍ର ଯୋଗାଇ ଦିଆଯିବ। ଏବେବି ୬ ଲକ୍ଷ ୧୯ ହଜାର ୮ ଶହ ୩୬ ନୂଆ କାର୍ଡ ପାଇଁ ଆବେଦନ କରି ଅପେକ୍ଷାରେ ଥିବା ମନ୍ତ୍ରୀ କହିଛନ୍ତି।

## ଧନ୍ୟ କହିବ ଆଇଆଇସି ମ୍ୟାଡାମଙ୍କୁ

## ନାଇଟ ସୁଟରେ 'ଡେ' ଡ୍ୟୁଟି



ଆଗକୁ ଡିଜିପି ସମ୍ମିଳନୀ। ରାଜଧାନୀ ଭୁବନେଶ୍ୱର ଏବେ ହାଇ ଆଲର୍ଟରେ। କାରଣ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା। ଯାହାକୁ ନେଇ ପୁରା ଭୁବନେଶ୍ୱର ବର୍ତ୍ତମାନ ପୋଲିସ ଛାଉଣିରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ପରେ ମହାମହିମ ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ରହିଛି। ଆଇପିଏସ୍‌ଙ୍କ ଠାରୁ ଆରମ୍ଭ କରି ଥାନାରେ କାମ କରୁଥିବା ହୋମଗାର୍ଡ ସଭିଙ୍କୁ ଗୁରୁତ୍ୱପୂର୍ଣ୍ଣ ଡ୍ୟୁଟି ବଣ୍ଟନ କରାଯାଇଛି। କିନ୍ତୁ ଏତେସବୁ ପ୍ରସ୍ତୁତି ଭିତରେ ଜଣେ ଥାନାଧିକାରୀଙ୍କ ଡ୍ୟୁଟି କରିବାର ଅଜବ ଶୈଳୀ ସଭିଙ୍କୁ ତାଜୁବ କରିଛି। ଭୁବନେଶ୍ୱର ୟୁପିଡି ନାସନାଲ ହାଇୱେ କଡରେ ଥିବା ଏକ ଥାନାରେ ଇନ୍ସପେକ୍ଟର ଭାବେ କାମ କରୁଛନ୍ତି ଜଣେ ମହିଳା। ଆଇନଶୃଙ୍ଖଳା ରକ୍ଷା ଦୂର କଥା, ମ୍ୟାଡାମ ଏବେ ଚର୍ଚ୍ଚାକୁ ଆସିଛନ୍ତି ନିଜ ଡ୍ରେସ କୋଡ୍ ପାଇଁ। ଥାନାରେ ଦିନ ଦ୍ୱିପ୍ରହରେ ନାଇଟ ସୁଟ୍ ପିନ୍ଧୁଛନ୍ତି ମ୍ୟାଡାମ। ଏତଲା ରଖିବା ଠାରୁ ଆରମ୍ଭ କରି ଫାଇନାଲ୍ ରିପୋର୍ଟ ପର୍ଯ୍ୟନ୍ତ, ସବୁକିଛି କରୁଛନ୍ତି ଏହି ନାଇଟ ଡ୍ରେସରେ। ଆମକୁ ମିଳିଥିବା ଖବର ଅନୁଯାୟୀ ମ୍ୟାଡାମ କୁଆଡେ ଥାନା ଉପରେ ନେଇଥିବା ଏକ ରୁମରେ ରାତିରେ ରେଷ୍ଟ ନେଉଛନ୍ତି। ଭଲକଥା, କିନ୍ତୁ ଯେଉଁ ଡ୍ରେସ ପିନ୍ଧି ଶୋଉଚନ୍ତି, ସେହି ଡ୍ରେସ ପିନ୍ଧି ପୋଲିସ ଭଳି ଏକ ଦାୟିତ୍ୱପୂର୍ଣ୍ଣ ବିଭାଗରେ କାମ କରିବା ଘଟଣାକୁ ଆଡ଼ ଆଖିରେ ଦେଖିଛନ୍ତି ଅନେକ। ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ତୁରନ୍ତ ଏ ଦିଗରେ ବଡ଼ବାବୁମାନେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ପୋଲିସ ମହଲରେ ଚର୍ଚ୍ଚା ଜୋର ଧରିଛି।



### କାନ ଡେରିଥା

୧୩ ବର୍ଷ ଆଇପିଏଲ୍ ମ୍ୟାଚରେ
କୋଟିଏ ଟଙ୍କାରେ
ନିଲାମ ହୋଇଛି ଯାଇ
ଏ ଖବର ଶୁଣି ଗାଁ ପିଲାଙ୍କର
ଡେଉଁଛି ତ ଖାଲି ନାହି।

## ବିରଜା ପ୍ରକଳ୍ପମୁହାଁ ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିର ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଉପରେ ଏବେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧିକ ଶାଖା (ଇଓଡବ୍ଲ୍ୟୁ)ର ନଜର। ଏହି ପ୍ରକଳ୍ପରେ କେତେ ଅର୍ଥ ବ୍ୟୟ ହୋଇଛି ଓ ଲୋକେ କିଭଳି ଭାବେ ଟଙ୍କା ପାଇଛନ୍ତି ତାହାର ଖୋଳତାଡ ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଢାଞ୍ଚାରେ ବିରଜା ମନ୍ଦିରର ବିକାଶ ପାଇଁ ଯୋଜନା କାର୍ଯ୍ୟକାରୀ ହେଉଛି। ବିଶେଷକରି ଏହା ଆଖପାଖରେ ଥିବା ୫୪ଟି ଶିବମନ୍ଦିରର ବିକାଶ ସହିତ ମୁକ୍ତି ମଣ୍ଡପ, ଦୋଳ ମଣ୍ଡପ, ଆନନ୍ଦବଜାର, ଦୋକାନ ଏବଂ ମନ୍ଦିର ପ୍ରଶାସନ ସୌଧ ସମେତ ଯାତ୍ରୀମାନଙ୍କୁ ଉନ୍ନତ ସେବା ଯୋଗାଇବା ପ୍ରକଳ୍ପ ମଧ୍ୟରେ ରହିଛି। ପୁରୀ ଓ ଲିଙ୍ଗରାଜ ମନ୍ଦିରରେ ଯେଭଳି ସୌନ୍ଦର୍ଯ୍ୟକରଣ ➪ପୃଷ୍ଠା-୬

- ବନ୍ଧାହେବେ ହାତଗୁଞ୍ଜା ପାର୍ଟି
- ଅନେକଙ୍କ ଛାତିରେ ଛନକା



### ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ମାମଲା

## ୧୪ ଅଭିଯୁକ୍ତଙ୍କ ଶୁଣାଣି ସ୍ଥଗିତ

### ପୁଣି ନୂଆ ମାମଲାରେ ଯୋଡ଼ିଲା ପୁଲିସ

**ଯାଜପୁର,୨୭।୧୧(ସଂଚାର ବ୍ୟୁରୋ):** ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଗିରଫ ୧୪ ଅଭିଯୁକ୍ତଙ୍କ ଜାମିନ ଆବେଦନର ବିଚାର ଯାଜପୁର ଜିଲ୍ଲା ଦୌରା ଜଜ୍ କୋର୍ଟ ସ୍ଥଗିତ ରଖିଛି। ଡିସେମ୍ବର ୨ ତାରିଖରେ ପରବର୍ତ୍ତୀ ଶୁଣାଣି ହେବା ପାଇଁ ସ୍ଥିର ହୋଇଛି। ଏହାସହିତ ସେମାନଙ୍କ ନାମରେ ପୁନର୍ବାର ଯାଜପୁର ସଦର ପୁଲିସ ନୂଆ ମାମଲା ଯୋଡିଛି। ଗତ ୨୦ ତାରିଖରେ ବୁଢ଼ା ବ୍ରିଜରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ କରାଯାଇଥିଲା। ଏହି ମାମଲାରେ ସଦର ଥାନା କେସ ନଂ ୩୩୦/୨୪ରେ ଗିରଫ ଶ୍ରୀହରି ମହାପାତ୍ର, ଗଣେଶ ଜେନା, ଦେବଦତ୍ତ ଦାସ, ସବ୍ୟସାଚୀ ରାଉତରାୟ, ଜଗନ୍ନାଥ ବାରିକ, ମୁକ୍ତିକାନ୍ତ ନାୟକ, ବିଜୟ ଧଳ, ସୁନୀଲ କୁମାର ସିଂହ, ଦିଲ୍ଲୀପ କୁମାର ଜେନା, ସରୋଜ କୁମାର ଦାସ, ପ୍ରକାଶ ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ରାଷ୍ଟ୍ରପତି(ନିର୍ବାଚିତ) ଡୋନାଲ୍ଡ ଟ୍ରମ୍ପଙ୍କ ସରକାରରେ ଆଉଜରେ ଭାରତୀୟ ସାମିଲ। ଭାରତୀୟ ବୈଜ୍ଞାନିକ ଜୟ ଭଟ୍ଟାଚାର୍ଯ୍ୟଙ୍କୁ ନାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥର ନିର୍ଦ୍ଦେଶକ କରାଯାଇଛି। ଏହା ହେଉଛି ଆମେରିକାର ଅନ୍ୟତମ ସର୍ବୋଚ୍ଚ ସ୍ୱାସ୍ଥ୍ୟ ଅନୁଷ୍ଠାନ।
- ଆନ୍ଧ୍ର ପ୍ରଦେଶର ଅଙ୍କାପାଲ୍ଲି ଜିଲ୍ଲାରେ ଥିବା ଏକ ଫାର୍ମା କମ୍ପାନୀ ଲ୍ୟାବରୁ ବିଷାକ୍ତ ଗ୍ୟାସ ଲିକ ହୋଇ ଜଣେ ମୃତ ଓ ୧୧ ଅସୁସ୍ଥ।
- ବାତ୍ୟା ପେଙ୍ଗାଲ ପ୍ରଭାବରେ ଲଗାଣ ବର୍ଷା। ଚେନ୍ନାଇ ବିମାନ ବନ୍ଦର ସମେତ ତାମିଲନାଡୁ, କେରଳ ଓ ଆନ୍ଧ୍ରର ବିଭିନ୍ନ ବିମାନ ବନ୍ଦରରେ ବିମାନ ସେବା ପ୍ରଭାବିତ।
- ତିନି ଦଶନ୍ଧିରୁ ଅଧିକ ସମୟ ଧରି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଏକ ମାତ୍ର ମଞ୍ଚ ଉପସ୍ଥାପକ ଦମ୍ପତି ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବ୍ରହ୍ମପୁରର ହୃଷିକେଶ ଓ ସୁଦୀପ୍ତା ପାଣିଗ୍ରାହୀ ଭାରତର ପ୍ରଥମ ଉପସ୍ଥାପକ ଦମ୍ପତି ଭାବରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ।
- ମୁଖ୍ୟମନ୍ତ୍ରୀ ଚୟନରେ କୌଣସି ପ୍ରକାର ବାଧକ ନୁହଁନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ବୟାନ ପରେ ଦେବେନ୍ଦ୍ର ଫଡ଼ନଭିସଙ୍କ ପାଇଁ ରାସ୍ତା ସଫା।

## ପାଣି ପାଇଁ ହନ୍ତସନ୍ତ ଲୋକେ

# ଅଧାପନ୍ତରିଆ କାମ କରି ଚୁପ୍ ବସିଛନ୍ତି ଠିକାଦାର ଓ ଜେଇ




**କେନ୍ଦ୍ରାପଡ଼ା,୨୭।୧୧(ସଂଚାର ବ୍ୟୁରୋ):** ଗାଆଁ ରେ ତିଆରି ହୋଇଛି ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି। ହେଲେ ଦୀର୍ଘଦିନ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛି ଗ୍ରାମବାସୀ। ପାଖାପାଖି ଗ୍ରାମର ଲୋକଙ୍କ ପାଖରେ ପାଣି ପହଞ୍ଚିଲାଣି ହେଲେ ନିଜ ଗାଆଁ ରେ ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ପାନୀୟ ଜଳ ମିଳିବାରେ ବିଳମ୍ବ ହେଉଛି। ଜେଇ ଓ ଠିକାଦାରଙ୍କ ଅଧାପନ୍ତରିଆ କାମ ଯୋଗୁଁ ଲୋକଙ୍କ ପାଖରେ ପାନୀୟ ଜଳ ସୁବିଧା ପହଞ୍ଚିବାରେ ବିଳମ୍ବ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମାର୍ଶାଘାଇ ବ୍ଲକ ର ତାଳସଙ୍ଗା ଗ୍ରାମ ରେ ବସୁଧା ଯୋଜନାରେ ୨୪୧ କୋଟି ଟଙ୍କା ରେ ନିର୍ମିତ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ୪ବର୍ଷ ଧରି ଚାଲିଥିବା ବେଳେ ତଳସଙ୍ଗା ଗ୍ରାମ ପଞ୍ଚାୟତ କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ମିଳି ପାରିଲା ନାହିଁ। ଏହି ପ୍ରକଳ୍ପ ରୁ ପାଣି ଅନ୍ୟ ପଞ୍ଚାୟତ ଗୁଡିକୁ ଯୋଗାଣ ହେଉଥିବା ବେଳେ ତାଳସଙ୍ଗା ପଞ୍ଚାୟତ ବାସି ଙ୍କୁ ପାନୀୟ ଜଳ ମିଳୁ ନାହିଁ ଯାହାକୁ ନେଇ ଗ୍ରାମ ବାସି ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀ ପର୍ଯ୍ୟନ୍ତ କେବଳ ପ୍ରତିଶୃତି ଦେଇ ଚାଲିଛନ୍ତି। କିନ୍ତୁ ପାନୀୟ ଜଳ ମିଳି ପାରିଲା ନାହିଁ ଯାହାକୁ ନେଇ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ବିଧାନସଭା ରେ ସ୍ୱର ଉଠେଇ ଥିଲେ । ଡିସେମ୍ବର ସୁଦ୍ଧା ପାନୀୟ ଜଳ ଯୋଗାଣ ଯୋଗାଇ ଦେବାକୁ ପ୍ରତିଶୃତି ମିଳିଥିଲା। ହେଲେ ଏପର୍ଯ୍ୟନ୍ତ ତାଳସଙ୍ଗା ପଞ୍ଚାୟତ କୁ ପାଣି ପହଞ୍ଚି ପାରିନି ଯାହାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କ ସମେତ ଶତାଧିକ ଗ୍ରାମବାସୀ ବୁଧବାର ଦିନ ସକାଳୁ ଆନ୍ଦୋଳନ କରିଛନ୍ତି । ଯେ ପର୍ଯ୍ୟନ୍ତ ସେମାନଙ୍କ ଗାଁକୁ ପାନୀୟ ଜଳ ଯୋଗାଣ ନ ହୋଇଛି ସେ ପର୍ଯ୍ୟନ୍ତ ପାନୀୟ ଜଳ ପ୍ରକଳ୍ପ ରେ ତାଲା ପଡି ରହିବ ବୋଲି ଆନ୍ଦୋଳନକାରି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭ ରେ ସଞ୍ଜୟ ରାଉତ, ପ୍ରତାପ ମହାନ୍ତି, ନନ୍ଦ କିଶୋର ବେହେରା, ସରୋଜ ଲେଙ୍କା, ସଞ୍ଜୟ ବେହେରା, ରମେଶ ଲେଙ୍କା, ଗୁଣ ମଣି ବେହେରା, ପ୍ରତାପ ବେହେରା, ଜିତେନ୍ଦ୍ର ମହାନ୍ତି, ଅଭୟ ସାହୁ, ପ୍ରମୋଦ ସାହୁ ସମେତ ଶତାଧିକ ଗ୍ରାମ ବାସି ସାମିଲ ଥିଲେ ।

## କଷଣଅଣ୍ଟା ହାଇସ୍କୁଲରେ ପ୍ଲାଷ୍ଟିକ ବର୍ଜନ ସଚେତନତା

**ପଟ୍ଟାମୁଣ୍ଡାଇ,୨୭।୧୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଓଡିଶା ପରିବେଶ ଶିକ୍ଷଣ କେନ୍ଦ୍ର ପକ୍ଷରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ହାଇସ୍କୁଲ ଠାରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପ୍ରଶିକ୍ଷଣ ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି ।

କଷଣଅଣ୍ଟା ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚ୍ଚିତ୍ର କୁମାର ବେହୁରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ସଂଯୋଜକ ଡ. ରାଜେଶ କୁମାର ମହାନ୍ତ, ପ୍ରକୃତି ବନ୍ଧୁ ପ୍ରଦୀପ ନାୟକ, ପ୍ରଧାନଶିକ୍ଷକ ଶ୍ରୀମନ୍ତ ବେହେରା,ଶିକ୍ଷାବିତ ସୁରେଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରିବେଶ ପ୍ରଦୂଷଣରେ ପ୍ଲାଷ୍ଟିକର କୁପ୍ରଭାବ ଓ ଏହାର ବ୍ୟବହାରକୁ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରି ପ୍ଲାଷ୍ଟିକ ବର୍ଜନ ପାଇଁ ପରାମର୍ଶ ଦେଇଥିଲେ। ଏଇ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଜୟନ୍ତ ପଣ୍ଡା,ପ୍ରବୀଣ ନାୟକ, କାର୍ତ୍ତିକ ଦାସ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ସୁସ୍ମିତା ମହାପାତ୍ର, ସଂଯୁକ୍ତା ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ଶେଷରେ ଅକ୍ଷୟ କୁମାର ସିଂହ ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ,କୃଷକ ମିଳିତ ମଞ୍ଚର ସମାବେଶ




**କେନ୍ଦ୍ରାପଡା,୨୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଟ୍ରେଡ ୟୁନିୟନ ସମୂହ ଏବଂ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ସ୍ୱାଧୀନ ଫେଡରେସନ ସମୂହର ମିଳିତ ମଞ୍ଚର କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ୧୨ ଦଫା ଦାବି ନେଇ ସର୍ବଭାରତୀୟ ଡ଼ାକରାରେ ମଙ୍ଗଳବାର ଦିନ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚେତାବନୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଫସଲ ପାଇଁ ଆଇନଗତ ଭାବେ ସୁନିଶ୍ଚିତ କ୍ରୟ ବ୍ୟବସ୍ଥା ସହ ସମସ୍ତ ଫସଲ ପାଇଁ ସି-୨ ଯୁକ୍ତ ଏହାର ୫୦ ଶତାଂଶ ହାରରେ ସର୍ବନିମ୍ନ ସାହାଯ୍ୟକ ମୂଲ୍ୟ ପ୍ରଦାନ କରିବା, ୪ଟି ଶ୍ରମ କୋଡ୍ ଉଚ୍ଛେଦ କରାଯିବା,ଶ୍ରମର ଆଉଟସୋର୍ସିଂ ନିଯୁକ୍ତି ଓ ଠିକା-କରଣ (ଚୁକ୍ତିଭିତ୍ତିକ ଚାକିରି ପ୍ରଦାନ) ବନ୍ଦ କରାଯିବା ଏବଂ ସମସ୍ତଙ୍କ ପାଇଁ ରୋଜଗାର ସୁନିଶ୍ଚିତ କରାଯିବା,ସଂଗଠିତ, ଅସଂଗଠିତ ଓ କୃଷି କ୍ଷେତ୍ରର ସମସ୍ତ ଶ୍ରମିକଙ୍କ ପାଇଁ ଜାତୀୟ ସର୍ବନିମ୍ନ ମଜୁରୀ ମାସିକ ୨୬,୦୦୦ଟଙ୍କା ଏବଂ ସାମାଜିକ ସୁରକ୍ଷା କାର୍ଯ୍ୟକାରୀ କରାଯିବା,କୃଷକ ଓ କୃଷି ଶ୍ରମିକମାନଙ୍କୁ ଋଣବୋଝରୁ ମୁକ୍ତ କରିବା ସହ ଚାଷୀ ଆତ୍ମହତ୍ୟାକୁ ବନ୍ଦ କରିବା ପାଇଁ ବ୍ୟାପକ ଋଣ ଛାଡ଼ କରିବା ପାଇଁ ଦାବି କରାଯାଇଛି । ଏହା ସହ ନ୍ୟାସନାଲ ମନିଟାଇଜେସନ୍ ପାଇପଲାଇନ୍ (ଏନ୍ ଏମ୍ ପି)କୁ ରଦ୍ଦ କରାଯାଇ - ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍ ଶକ୍ତି ଯୋଗାଣ ଇତ୍ୟାଦି ସାର୍ବଜନୀନ ସେବାର ଘରୋଇକରଣ ବନ୍ଦ, ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବା ନାଁ ,କୃଷି ପମ୍ପ ପାଇଁ ମାଗଣା ବିଜୁଳି ଆଦି ଯୋଗାଇ ଦେବାକୁ ଦାବି ହୋଇଛି। ଅନୁଷ୍ଠିତ ଏହି ସମାବେଶରେ ବିଶିଷ୍ଟ ଶିକ୍ଷକ ନେତା ଅଜୟ ସାମଲଙ୍କ ସଭାପତିତ୍ୱର ଅନୁଷ୍ଠିତ ସଭାରେ ସଂଯୁକ୍ତ କିଷାନ ମୋର୍ଚ୍ଚା କେନ୍ଦ୍ରାପଡା ଜିଲ୍ଲା ଆବାହକ ଗୟାଧର ଧଳ, ଏଆଇଟିୟୁସି ନେତା ରମଣୀ ରଞ୍ଜନ ରାଉତରାୟ,ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ, ଆମ ଆଦମୀ ସଭାପତି ସଂଦୀପ୍ତ ଦାଶ,ସିଟୁ ନେତା ଜଗତଜିବନ ଦାଶ,ଚାଷୀ ମୂଲିଆ ସଂଗଠନର ସଭାପତି ଫକୀର ଖଟୁଆ, କଳିଙ୍ଗ ଭାରତ ଶ୍ରମିକ ସଂଘ ସଭାପତି ପ୍ରକାଶ ମହାନ୍ତି, କୃଷକସଭା ସମ୍ପାଦକ ବିଜୟ ଦାସ, ନବନିର୍ମାଣ ସଂଯୋଜକ ଦାଶରଥି ସାହୁ, ରାଜ୍ୟ କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ଏଆଇକେସ ନେତା ଆଦିକନ୍ଦ ରାଉଳ,ପେନସନ ସଂଗଠନ ନେତା ଧନେଶ୍ୱର ରାଉତ,ନାରୀନେତ୍ରୀ ନନ୍ଦିନୀ ସାହୁ, କୃଷକ ନେତା ପ୍ରକାଶ ମଳିକ, ରିଟେର୍ଡ ସଙ୍ଘ ନେତା ବୈଷ୍ଣବ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ରକୁ ଅତିରିକ୍ତ ଉପଜିଲ୍ଲାପାଳ ଡ଼ଃ ଅଶୋକ ଦାଶଙ୍କୁ ସଭା ସ୍ଥଳରେ ପ୍ରଦାନ କରାଯାଇଥିଲା।ଅନ୍ୟମାନଙ୍କ ମଧ୍ୟରେସୂର୍ଯ୍ୟକାନ୍ତ ପରିଡ଼ା, ମାଧବ ଦାସ, ଦୋଳଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋ-ଖୋ ପ୍ରତିଯୋଗିତା ଉଦ୍‌ଘାଟିତ




**କେନ୍ଦ୍ରାପଡା,୨୭।୧୧(ସଂଚାର ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରାୟୋଜିତ ଅନ୍ତଃ ମହାବିଦ୍ୟାଳୟ ସ୍ତରୀୟ ୨ ଦିନିଆ ଖୋ-ଖୋ ପ୍ରତିଯୋଗିତା କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଏହି ପ୍ରତିଯୋଗିତାକୁ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ ରଞ୍ଜନ ସାହୁ ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମଂଚାସୀନ ଅନ୍ୟତମ ଅତିଥି ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ତଥା ଆଇ.କ୍ୟୁ.ଏ.ସି ସଂଯୋଜକ ଡ଼ ମଥୁରୀ ଚରଣ ନାୟକ, ପ୍ରାଶାସନିକ ଅଧିକାରୀ ପ୍ରଫେସର ଜ୍ୟୋସ୍ନାମୟୀ ପତି, କ୍ରୀଡା ସଂସଦର ଉପସଭାପତି ଡ଼ ସୁଜାତା ମହାନ୍ତି, କ୍ରୀଡା ପ୍ରଶିକ୍ଷିକା ଶ୍ରୀମତୀ ସଂଯୁକ୍ତା ମହାନ୍ତି ଏହି ପ୍ରତିଯୋଗିତା ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ସନତ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ସାହୁ, ରଞ୍ଜିତ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଅଧ୍ୟାପକ ଡ଼ ଶକ୍ତିଶେଖର ଦାଶ ସଂଯୋଜନା କରିଥିଲେ । ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନ ମହିଳା ମହାବିଦ୍ୟାଳୟ, ମାହାଙ୍ଗା ମହିଳା ମହାବିଦ୍ୟାଳୟ, ଇନ୍ଦିରା ଗାନ୍ଧି ମହିଳା ମହାବିଦ୍ୟାଳୟ, ଯାଜପୁର ରୋଡ୍, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ, ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ, ରାଣୀ ଶୁକଦେବୀ ମହିଳା ମହାବିଦ୍ୟାଳୟ ଆୟୋଜକ ତୁଳସୀ ମହିଳା ମହାବିଦ୍ୟାଳୟ ସମେତ ୧୨ ଗୋଟି ମହିଳା ମହାବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ରୋଗିଣା ବାଛୁରୀକୁ ଗୋଶାଳାକୁ ସ୍ଥାନାନ୍ତର କଲା ଶ୍ରୀ ଜଗନ୍ନାଥ ଟ୍ରଷ୍ଟ

**କେନ୍ଦ୍ରାପଡ଼ା,୨୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହରର ୯ ନମ୍ବର ୱାର୍ଡ ଅନ୍ତର୍ଗତ ମାଧପୁର ଗ୍ରାମର କେନାଲ କୂଳ ରେ ଥିବା ଏକ ଅର୍ଦ୍ଧ ନିର୍ମିତ ଗୃହରେ ଏକ ବାଛୁରୀ ରୋଗାଗ୍ରସ୍ତ ହୋଇ ପଡିଥିବାର ଖବର ସ୍ଥାନୀୟ ଯୁବକ ମାନେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଙ୍କୁ ଜଣାଇଥିଲେ। ଉକ୍ତ ବାଛୁରୀ ଦୀର୍ଘ କିଛି ଦିନ ହେବ ଅସୁସ୍ଥ ହୋଇ ପଡ଼ିରହିଥିଲା । ଏହା ଜାଣି ସ୍ଥାନୀୟ ଯୁବକ ନିର୍ବାଣ ପଣ୍ଡା ସ୍ଥାନୀୟ ଲୋକ ଙ୍କୁ ସାଙ୍ଗରେ ନେଇ ସେବା କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ଦିନ ପରେ ତାର ଶରୀର ଅସୁସ୍ଥତା ବଢ଼ିଯିବା ପରେ କିପରି ଅଧିକ ସେବା ସେ ପାଇ ପାରିବ ତା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଭାବଗ୍ରାହୀ ସାହୁ, ନିଗମ ସାହୁ, ନିର୍ବାଣ ପଣ୍ଡା, ଅର୍ଚ୍ଚିତ୍ କୁମାର ବାରିକ ଓ ତପନ ମୋହନ ବାରିକ ପ୍ରମୁଖ ପହଞ୍ଚି ଚିକିତ୍ସା ଯୋଗାଇବା ସହ ଗୋସାଳାକୁ ସ୍ଥାନାନ୍ତର କରିଛନ୍ତି ।



## ଶିବାନନ୍ଦ ଆଶ୍ରମରେ ଭାଗବତ ସପ୍ତାହ



**କେନ୍ଦ୍ରାପଡ଼ା,୨୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ପଞ୍ଚାୟତର ପିଙ୍ଗଳ ଗ୍ରାମର ଶିବାନନ୍ଦ ଆଶ୍ରମରେ ଶ୍ରୀମଦ୍ ଭାଗବତ ସପ୍ତାହ ଓ ମହାଯଜ୍ଞକୁ ଗରାପୁର ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରି ଭାଗବତ ଏବଂ ଭାରତର ମହିମା ସମ୍ପର୍କରେ ଆଶୀର୍ବଚନ ପ୍ରଦାନ କରିଥିଲେ। କୋରୋ ପଞ୍ଚାୟତର ତନାର, ପାଳକଣା, ରାମଦାସ ମଠ ପିଙ୍ଗଳ ପ୍ରଭୃତିରୁ କୀର୍ତ୍ତନ ଦଳ ଆସି ସଂକୀର୍ତ୍ତନ କରିଥିଲେ । ଭକ୍ତମାନଙ୍କୁ ଶ୍ରୀ'ମା ଭାଗବତ କଥାମୃତ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ ରାଜା ପରୀକ୍ଷିତ ୭ଦିନ ଭିତରେ ମୃତ୍ୟୁବରଣ କରିଥିଲେ । ତାଙ୍କ ଉପରେ ଅଭିଶାପ ଥିଲା ଯେ ସେ ୭ ଦିନ ଭିତରେ ମୃତ୍ୟୁବରଣ କରିବେ ବୋଲି । ରାଜା ସବୁକାର୍ଯ୍ୟ ଛାଡି ଏହି ଭାଗବତ ମାହାତ୍ମ୍ୟ ପୁରାଣ ଶ୍ରବଣ କରି ମୁକ୍ତିଲାଭ କରିଥିଲେ । ସେଥିପାଇଁ ଆମ ଜୀବନରେ ଏହି ୭ଦିନ ଭିତରେ ମୃତ୍ୟୁବରଣକୁ ଭୟ ନକରି ଏହି ମହାନ ପର୍ବକୁ ଜୀବନରେ ଗ୍ରହଣ କଲେ ଓ ସତ୍‌ମାର୍ଗରେ ଚାଲିଲେ ଆମେମାନେ ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତି କରିପାରିବା । ମାୟା ମରିଚୀକା ପଛରେ ଧାଇଁ ଜୀବନକୁ ନଷ୍ଟ ଏବଂ କୂପ ବେଙ୍ଗ ପରି ଗଢି ତୋଳିବା ଉଚିତ୍ ନୁହେଁ । କାରଣ ଭାରତ ହେଉଛି ଏକ ଧର୍ମପୂର୍ଣ୍ଣ ଭୂମି ଯାହାର ନାମ ଭାରତବର୍ଷ । ଯାହା ନାହିଁ ଭାରତେ ତାହା ନାହିଁ ମରତେ । ଏହି ନ୍ୟାୟରେ ଆମେ ଗର୍ବ ଅନୁଭବ କରିବା ଯାହାକି ଆମେ ଏହି ପୂର୍ଣ୍ଣଭୂମିରେ ଜନ୍ମ ହୋଇ ପାପ କର୍ମକୁ ଛାଡି ପୂଣ୍ୟ କାର୍ଯ୍ୟ କରିବା । ଏହି ଭାଗବତ ମହାପୁରାଣ ଆମକୁ ଏହି ଶିକ୍ଷା ଦେଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମର ମୃତ୍ୟୁଞ୍ଜୟ ପରିଡା, ସରପଞ୍ଚ ରଞ୍ଜିତ ପ୍ରସାଦ ଜେନା, ବିଜୟ ପରିଡା, ହୁଣ୍ଡି ପରିଡା, ଶ୍ରୀଧର ରାଉତ, ଶ୍ରୀବତ୍ସ ନାୟକ, ଗାୟତ୍ରୀ ମାତା, ସୀତା ମାତା, ନାରଣ ପ୍ରଧାନ, ଲୋକନାଥ ବାରିକ, ପାଗଳ ସିଂହ, ବିଷ୍ଣୁ ବେହେରା, ପ୍ରଭାତ ପରିଡା, କାଞ୍ଚନ ଜେନା, କ୍ଷୀରୋଦ ପରିଡା, କାଳନ୍ଦୀ ପରିଡା, କୀର୍ତ୍ତିଦାୟିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବ୍ରହ୍ମଚାରୀ ନୃସିଂହ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୀବନ ନେଇପାରେ ପୋଷ୍ଟ ମାଷ୍ଟରଙ୍କ ମେଡିସିନ୍ !

## ବିନା ଅନୁମତି ପ୍ରମାଣପତ୍ରରେ ଚିକିତ୍ସା ସେବା

ସଂଚାର ପ୍ରଭାବ




**ମହାକାଳପଡ଼ା,୨୭।୧୧(ସଂଚାର ବ୍ୟୁରୋ):** ଜଣେ ଡ଼ାକ ବିଭାଗର କର୍ମଚାରୀ ସାଜିଛନ୍ତି ଡାକ୍ତର। ଡାକ ସେବା ପାଇଁ ଉଦ୍ଦିଷ୍ଟ ଘରେ ବେଆଇନ ଭାବେ ଚଲାଇ ଆସୁଛନ୍ତି ହୋମିଓପାଥି ଚିକିତ୍ସା। ଯାହାକୁ ନେଇ ଖବର ପ୍ରସାରଣ କରିଥିଲା 'ସଂଚାର'। ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ଅଧିନସ୍ଥ ଜଗରଜୋର ହାଟ ରେ ରହିଛି ଏହି ଡାକଘର ସମେତ ହୋମିଓପାଥି ଚିକିତ୍ସା ଗୃହ। ସୂଚନା ଅନୁସାରେ ସାକ୍ଷ କୁମାର ଦାସ ନାମକ ବ୍ୟକ୍ତି ଡ଼ାକ ମାଷ୍ଟର ଭାବରେ ନିଯୁକ୍ତ ଅଛନ୍ତି। କିନ୍ତୁ ଡ଼ାକ ସେବା ସହିତ ସାକ୍ଷ ବାବୁ ବେଆଇନ୍ ଭାବରେ ହୋମିଓପାଥି ଚିକିତ୍ସା କରି ଆସୁଛନ୍ତି। ଛୋଟ ଠାରୁ ବୟସ୍କ ସମସ୍ତଙ୍କୁ ଯୋଗାଉଛନ୍ତି ଔଷଧ। ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ ହୋଇ ମଧ୍ୟ ବାବୁଙ୍କୁ ଘାରିଛି ବେଆଇନ୍ ଭାବରେ ଅର୍ଥ ରୋଜଗାରର ନିଶା। ହେଲେ ବାବୁଙ୍କ ଏହି ନିଶା ଏବେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଆଶଙ୍କା ସୃଷ୍ଟି କରିଛି। ସାକ୍ଷ କୁମାରଙ୍କ ବେଆଇନ ଔଷଧ ଖାଇ କେତେବେଳେ କାହାର ଯେ, ଜନଜୀବନ ହାନୀ ଘଟିବ ସେକଥାକୁ ନେଇ ଏବେ ସନ୍ଦେହ ବଢ଼ିଛି। ଜିଲ୍ଲାରେ ଥିବା ଔଷଧ ନୀରିକ୍ଷକ (ଡ୍ରଗ୍ସ ଇନ୍ସପେକ୍ଟର) ଙ୍କ କୋହଳ ମନୋଭାବ ପାଇଁ ଏମିତି ବେଆଇନ୍ ଔଷଧ କେନ୍ଦ୍ର ଗଢି ଉଠୁଛି। ସବୁ ନିୟମ କାନୁନ କୁ ଜଳାଞ୍ଜଳି ଦେଇ କ୍ୱାକ୍ ମାନେ ନିଜକୁ ଡାକ୍ତର ସଜାଇ ଲୋକଙ୍କୁ ଶୋଷଣ କରୁଛନ୍ତି। ପ୍ରଶ୍ନ ଉଠୁଛି ଯଦି ଯଦି ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଆଖି ସମଗ୍ର ଅଞ୍ଚଳ ପାଇଁ ରହିଛି ତେବେ ଏମିତି ବେଆଇନ କେନ୍ଦ୍ର ଗଢି ଉଠୁଛି କେମିତି ? ବେଆଇନ୍ ଔଷଧ ଖାଇ ଯଦି କିଛି ଗୁରୁତର ସମସ୍ୟା ସୃଷ୍ଟି ହୁଏ ସେଥିପାଇଁ ଦାୟୀ ରହିବ ତ ପ୍ରଶାସନ ? ଖବର ପ୍ରସାରଣ ପରେ ଡ୍ରଗ୍ସ ଇନ୍ସପେକ୍ଟର ଓ ଜିଲ୍ଲା ପ୍ରଶାସନ ଏହି ବେଆଇନ ଚିକିତ୍ସା କେନ୍ଦ୍ର ଉପରେ ଚଢ଼ାଉ କରି ଏହି ଅସାଧୁ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରକ୍ତଦାନ ଶିବିର ପାଇଁ ବଳଦେବ ସେନାର ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୨୭।୧୧(ସଂଚାର ବ୍ୟୁରୋ):** ବଳଦେବ ସେନା ପକ୍ଷରୁ ପ୍ରତିବର୍ଷ ଡିସେମ୍ବର ମାସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଆସୁଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଳଦେବ ସେନାର ପଞ୍ଚମ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ଯାଉଛି । ଏଥିନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ମାଉସୀମା ମନ୍ଦିର ସ୍ଥିତ ସେନା କାର୍ଯ୍ୟାଳୟରେ ବଳଦେବ ସେନା ପକ୍ଷରୁ ସଭାପତି ପପୁନ୍ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ନିରଞ୍ଜନ ସୁଆର, ସମ୍ପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ମୁଖପାତ୍ର ଜ୍ୟୋତି ରଞ୍ଜନ ପତ୍ରୀ, ହିମାଂଶୁ ରାଉତ, ଅନିଶ ସୂତାର, ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା, ଲଲାଟେନ୍ଦୁ ବେହେରା, କ୍ରାନ୍ତି ପ୍ରକାଶ ରଣା, ଉମାକାନ୍ତ ବେହେରା, ପ୍ରୀତମ ଦାସ, ଗୌତମ ସାହୁ, ଶ୍ରୀକାନ୍ତ ଜେନା, ଭବାନୀ କେଶରୀ ସାହୁ, କମଳ ଲୋଚନ ସାହୁ, ରାକେଶ ମହାନ୍ତିଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ଥିଲେ । ବୈଠକରେ କିପରି ଏହି ଶିବିରକୁ ଏକ ବିଶାଳ ଶିବିର ରୂପେ ପରିଗଣିତ କରାଯିବ, ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ରକ୍ତର ଅଭାବକୁ କିପରି ଏଡାଯାଇ ପାରିବ, କିପରି ଆମେ କିଛି ରକ୍ତ ଯୋଗାଡ କରି କିଛି ମାତ୍ରାରେ ଜୀବନ ବଞ୍ଚାଯାଇ ପାରିବ ଏହିପରି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ସର୍ବ ଶେଷରେ ସମସ୍ତ ସଦସ୍ୟଙ୍କ ସହମତି କ୍ରମେ ନିଷ୍ପତି ନିଆଗଲା ଯେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପ୍ରତିବର୍ଷ ଭଳି ଆସନ୍ତା ଡିସେମ୍ବର ମାସ ୨୨ତାରିଖ ରବିବାର ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଯାତ୍ରୀ ନିବାସରେ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।



## ବିଧାନସଭା ଖବର

### ମାଗଣା ଚାଉଳରେ କେନ୍ଦ୍ରର ଖର୍ଚ୍ଚ ୮୯୬୭ କୋଟି

**ଭୁବନେଶ୍ୱର, ୨୭।୧୧(ସଂଚାର ବ୍ୟୁରୋ):** ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ଓଡ଼ିଶାକୁ କେନ୍ଦ୍ର ସରକାର ଚାଉଳ ଯୋଗାଣ ବାବଦରେ ବର୍ଷକୁ ହାରାହାରି ୮୯୬୭ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରେ ଚାଉଳର ଦରସହିତ ପରିବହନ ଓ ବିତରଣ ଖର୍ଚ୍ଚ ସାମିଲ ଅଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କର ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଶ୍ରୀ ପାତ୍ର କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧିନରେ ୯୩, ୨୩, ୦୭୯ ପରିବାରର ୩, ୨୬, ୩୩, ୦୯୭ ସଦସ୍ୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩, ୧୫, ୦୨୪ ପରିବାରର ୧୦, ୦୩, ୭୧୯ ସଦସ୍ୟଙ୍କୁ ମାଗଣାରେ ଚାଉଳ ଯୋଗାଇ ଦିଆଯାଉଛି। କେନ୍ଦ୍ର ସରକାର ୨୨ଲକ୍ଷ ୪୪ ହଜାର ମେଟ୍ରିକ ଟନ୍ ଚାଉଳ ଯୋଗାଇ ଦେଉଛନ୍ତି। ଏହି ଚାଉଳର କିଲୋପିଛା ଖର୍ଚ୍ଚ ହାରାହାରି ୩୯.୯୬ ଟଙ୍କା। ରାଜ୍ୟ ସରକାର ବର୍ଷକୁ ହାରାହାରି ୬୦ହଜାର ମେଟ୍ରିକ ଟନ୍ ଚାଉଳ ଯୋଗାଇ ଦେଉଛନ୍ତି ଯାହାର କିଲୋପିଛାଖର୍ଚ୍ଚ ୪୧.୩୩ ଟଙ୍କା।

### ଟାଟା ପାୱାର ବସାଇଛି ୨୫ଲକ୍ଷରୁ ଅଧିକ ନୂଆ ମିଟର

ଟାଟା ପାୱାର ରାଜ୍ୟରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ହାତକୁ ନେବାପରେ ସମଗ୍ର ରାଜ୍ୟରେ ପ୍ରାୟ ୨୫, ୩୮, ୨୩୪ଟି ନୂତନ ମିଟର ସ୍ଥାପନ କରିଛି। ଏହି ସମୟରେ ଝାରସୁଗୁଡା ଜିଲ୍ଲାରେ ୫୯, ୮୩୪ଟି ମିଟର ଲାଗିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ସେ କହିଛନ୍ତି ଯେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ନିୟମ ଅନୁଯାୟୀ ନୂତନ ମିଟର ସଂଯୋଗ କିମ୍ବା ସ୍ଥାନାନ୍ତରଣ ସମୟରେ ଗ୍ରାହକମାନେ ବିତରଣ କମ୍ପାନୀ ଦ୍ୱାରା ନିଯୁକ୍ତ ସ୍ୱୀକୃତିପ୍ରାପ୍ତ ଭେଣ୍ଡରଙ୍କ ଠାରୁ ନିଜେ ମିଟର କିଣିପାରିବେ। ଏଥିପାଇଁ ମିଟର ଭଡା ବାବଦକୁ କୌଣସି ଦେୟ ଦେବାକୁ ପଡ଼ିବନାହିଁ। ଯଦି ବିତରଣ କମ୍ପାନୀ ମିଟର ଦେବ ତେବେ ଓଇଆରସି ଦ୍ୱାରା ଧାର୍ଯ୍ୟ ଦର ଅନୁଯାୟୀ ମିଟର ଦେୟ ଆଦାୟ କରାଯିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ୧୨.୬୫ କୋଟି ଟଙ୍କାର ହସ୍ତତନ୍ତ ସାମଗ୍ରୀ ରପ୍ତାନି

ବିଗତ ୫ବର୍ଷ ମଧ୍ୟରେ ରାଜ୍ୟରୁ ଉତ୍ପାଦିତ ହସ୍ତତନ୍ତ ସାମଗ୍ରୀ ଭାରତ ବାହାରେ ଯଥା ଆମେରିକା, ଜାପାନ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଇଂଲଣ୍ଡ, ଭିଏତନାମ, ସ୍ପେନ, ପୋଲାଣ୍ଡ, କାନାଡା, ନ୍ୟୁଜିଲାଣ୍ଡ ଓ ଇଟାଲୀ ଆଦି ଦେଶକୁ ରପ୍ତାନି ହୋଇଛି। ଏହିସବ ସାମଗ୍ରୀର ପରିମାଣ ୧୨ କୋଟି ୬୫ହଜାର ଟଙ୍କା ବୋଲି ବିଧାସଭାରେ ସୂଚନା ଦେଇଛନ୍ତି ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ।

## ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପକୁ ରୌପ୍ୟ ପୁରସ୍କାର

### କ୍ରମାଗତ ଭାବେ ତୃତୀୟ ଥର ପାଇଁ ପୁରସ୍କୃତ ହେଲା ଓଡ଼ିଶା



**ନୂଆଦିଲ୍ଲୀ,୨୭।୧୧:** ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ '୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୪'ରେ 'ଓଡ଼ିଶା ମଣ୍ଡପ'କୁ ମିଳିଛି ରୌପ୍ୟ ପଦକ । ଏହି ବିଶାଳ ବାଣିଜ୍ୟ ମେଳାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ 'ଓଡ଼ିଶା ମଣ୍ଡପ'କୁ ଏହି ପୁରସ୍କାର ମିଳିଛି। ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ ଓଡ଼ିଶା ସରକାରଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଙ୍ଗଠନର ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ ସମୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, 'ଓଡ଼ିଶା ମଣ୍ଡପ'ର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ନଭେମ୍ବର ୧୪ ତାରିଖଠାରୁ ଆରମ୍ଭ ହୋଇଥିବା 'ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା' ୨୭ ତାରିଖରେ ଶେଷ ହୋଇଛି । ଚଳିତ ବର୍ଷକୁ ମିଶାଇ ଓଡ଼ିଶା ଲଗାତାର ଭାବେ ତୃତୀୟ ଥର ପାଇଁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ମଞ୍ଚରେ ପୁରସ୍କାର ପାଇଛି । 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଥିମରେ ଚଳିତ ବର୍ଷ 'ଓଡ଼ିଶା ମଣ୍ଡପ'ର ଡିଜାଇନ ପ୍ରସ୍ତୁତ କରାଯାଇଥିଲା । ଏଠାରେ ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜି ସହ ଭାରତର ଆଧୁନିକ ବିଜ୍ଞାନ ଓ କାରିଗରିର ଯାତ୍ରା ପ୍ରତିଫଳିତ ହୋଇଥିଲା । ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟର ମୁଖଶାଳା ମୁକ୍ତେଶ୍ୱର ତୋରଣ, କୋଣାର୍କ ମନ୍ଦିରର ପ୍ରତିରୂପ, ରତ୍ନଗିରିର ବୌଦ୍ଧ କୀର୍ତ୍ତିରାଜି ସହ ଅତ୍ୟାଧୁନିକ ବୁଲେଟ୍ ଟ୍ରେନ ଓ ଶିଳ୍ପ ପ୍ରଗତିର ଚିତ୍ର ଓଡ଼ିଶା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିଥିଲା। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ପ୍ରସ୍ତୁତ ଓଡ଼ିଶା ପାଭିଲିୟନରେ ଚଳିତ ବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୨୫ଟି ଷ୍ଟଲ୍ ସ୍ଥାନ ପାଇଥିଲା । ବିଗତ ୧୪ ଦିନ ମଧ୍ୟରେ ଓଡ଼ିଶା ମଣ୍ଡପକୁ ପ୍ରାୟ ୫ ଲକ୍ଷରୁ ଅଧିକ ଲୋକ ଆସିଥିବା ବେଳେ ମଣ୍ଡପରେ ୫୫ ଲକ୍ଷରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିଲା । ଓଡ଼ିଶାର କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଓ ଉତ୍ପାଦ ପ୍ରତି ଦେଶବିଦେଶର ବହୁସଂଖ୍ୟକ ବ୍ୟବସାୟୀ ଆକୃଷ୍ଟ ହୋଇ ସେମାନଙ୍କ ସହିତ ବ୍ୟବସାୟୀକ ବାର୍ତ୍ତାଳାପ କରିଥିଲେ ।

## ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ବନ୍ଧୁମିଳନ



**କେନ୍ଦ୍ରାପଡ଼ା,୨୭।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ମଧ୍ୟବର୍ତ୍ତୀକାଳୀନ ସଭା ବନ୍ଧୁମିଳନ ଆସର ରାପୁରସ୍ଥ କାର୍ଯ୍ୟାଳୟଠାରେ ବରିଷ୍ଠ ସଭ୍ୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଗଠନର ସର୍ବ ବରିଷ୍ଠ ସଭ୍ୟ ତଥା ମୁଖ୍ୟ ଉପଦେଷ୍ଟା ମନ୍ମଥ ନାଥ ରାୟଙ୍କ ଅସୁସ୍ଥତା ନେଇ ଗଭୀର ଦୁଃଖ ପ୍ରକାଶ କରାଯିବା ସହ ଆଶୁ ଆରୋଗ୍ୟ ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ନରୋତ୍ତମ ଜେନା ବିବରଣୀ ପାଠ କରିବା ସହିତ ଗତ ବାର୍ଷିକ ଉତ୍ସବରେ ଆୟ ବ୍ୟୟ ତଥ୍ୟ ଉପସ୍ଥାପନ କରିଥିଲେ । ଖାଲି ପଡିଥିବା ଉପସଭାପତି ଓ ଆବାହକ ପଦ ନିମିତ୍ତ ଯଥାକ୍ରମେ ଚୌଧୁରୀ କୈଳାସ ପଟ୍ଟନାୟକ ଓ ସନାତନ ତରାଇଙ୍କୁ ମନୋନୀତ କରାଗଲା । ଆସନ୍ତା ଫେବୃୟାରୀ ୧୫ତାରିଖ ମଧ୍ୟରେ ନବବର୍ଷର ବାର୍ଷିକ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ କରାଯିବାର ସ୍ଥିର କରାଗଲା । ପତ୍ରିକା ପ୍ରକାଶକ ନିମନ୍ତେ ଆସନ୍ତା ଡିସେମ୍ବର ମାସ ୧୫ତାରିଖ ମଧ୍ୟରେ ଲେଖା ପଠାଇବା ପାଇଁ ସଭ୍ୟମାନଙ୍କୁ ନିବେଦନ କରାଗଲା । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ଅନାମ ଚରଣ ସାହୁ, ଅର୍ଥ ସମ୍ପାଦକ ଦାଶରଥୀ ନାୟକ, କୈଳାସ ପଟ୍ଟନାୟକ, ଦୋଳଗୋବିନ୍ଦ ସାହୁ, ସୋମନାଥ ପଢ଼ିହାରୀ, ବଳଭଦ୍ର ନାୟକ, ଅକ୍ଷୟ କୁମାର ସ୍ୱାଇଁ, ସନାତନ ତରାଇ, ବାଉରୀ ବନ୍ଧୁ ମୁଦୁଲି, ନରୋତ୍ତମ ବେହେରା, ମାଗୁଣୀ ଚରଣ ବିଶ୍ୱାଳ, ପ୍ରାକ୍ତନ ଓହ୍‌ଟା ସମ୍ପାଦକ ତ୍ରୈଲୋକ୍ୟ ଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମିଡିଆ ସମ୍ପାଦକ କାଶୀନାଥ ରାଉତରାୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାନୁଆରୀ ୬ରୁ ରାଜ୍ୟସ୍ତରୀୟ ପୁସ୍ତକମେଳା



**କେନ୍ଦ୍ରାପଡ଼ା,୨୭।୧୧(ସଂଚାର ବ୍ୟୁରୋ):** ପ୍ରତିବର୍ଷ ଭଳି ଏହି ବର୍ଷ କେନ୍ଦ୍ରାପଡା ଇଭଣ୍ଟେ ମ୍ୟାନେଜର୍ସ ଦ୍ୱାରା ଦ୍ୱିବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳା ୨୦୨୫ ଜାନୁୟାରୀ ୬ରୁ ୧୩ ତାରିଖ (୮ଦିନ) ପର୍ଯ୍ୟନ୍ତ ସ୍ଥାନୀୟ ଟେଲିକମ ପଡିଆରେ ଆୟୋଜିତ ହେବ । ଏହି ଉପଲକ୍ଷେ କେମର ପ୍ରତିଷ୍ଠାତା ଡ଼ଃ ବିରଜା ରାଉତରାୟଙ୍କ ନେତୃତ୍ୱରେ ସଭାପତି ଅକ୍ଷୟ ପାଣିଙ୍କ ସଭାପତିତ୍ୱରେ ମାଧପୁର କାର୍ଯ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ସଭାପତି ଭାବେ ସରୋଜକାନ୍ତ ସାହୁ ଓ ଅତିରିକ୍ତ ସମ୍ପାଦକ ଭାବେ ପ୍ରତାପ ସ୍ୱାଇଁଙ୍କୁ ମନୋନିତ କରାଯାଇଛି। ଏହି ଉପଲକ୍ଷେ ଆଜିର ବୈଠକରେ ଡ଼ଃ ରାଉତରାୟଙ୍କ ଦ୍ୱାରା ଚଳିତ ବର୍ଷ ପାଇଁ ସାମାଜିକ ଗଣମାଧ୍ୟମ ପ୍ରମୋ ପୋଷ୍ଟର ଉନ୍ମୋଚିତ କରାଗଲା । ଆଗାମୀ ଡିସେମ୍ବର ୨୭ରୁ ୨୯ ପାର୍ଯ୍ୟନ୍ତ କେମ ସହଯୋଗରେ ସିମ୍ଫୋନି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମହମଦ ଜାହିଦ ଖାଁ ସୂଚନା ଦେଇଛନ୍ତି । ଏହି ବୈଠକରେ ତାରିଣି ପାଟ୍ଟଯୋଶୀ, ଧର୍ମଦଶୀ କର, ବଂଶିଧର ମହାନ୍ତି, ନୃସିଂହ ତ୍ରିପାଠୀ, ଦିଲିପ କୁମାର ସାହୁ, ସାନ୍ତନୁ ମଲ୍ଲିକ, ଲକ୍ଷ୍ମିକାନ୍ତ ନାୟକ, ବିଜୟ ବେହେରା, ହିମାଂଶୁ ଦାସ, ରାଜେନ୍ଦ୍ର ମହାପାତ୍ର, ସନ୍ଦିପ ସାହୁ, ଭଞ୍ଜକିଶୋର ମହାରଣା ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ରିତ୍ୱିକ ଆଭା ଚାରିଟେବଲ୍ ଟ୍ରଷ୍ଟର ସାଂସ୍କୃତିକ ସନ୍ଧ୍ୟା







**ଭୁବନେଶ୍ୱର, ୨୭।୧୧ (ସଂଚାର ବ୍ୟୁରୋ):** ରିତ୍ୱିକ ଆଭା ଚାରିଟେବଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମାନସିକ ଓ ଶାରୀରିକ ଅନଗ୍ରସର ପିଲାମାନଙ୍କ ଶିକ୍ଷା ଓ ଯତ୍ନ ପାଇଁ ସମର୍ପିତ ଡିଭାଇନ୍ ଚାଇଲଡ୍ ଇଂଟିଗ୍ରାଲ୍ ସ୍କୁଲ ଫର ସ୍ପେଶାଲ ଚିଲ୍ଡ୍ରେନର ବାର୍ଷିକ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରି ଭାରତୀୟ ରେଳପଥର ପୂର୍ବତନ ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପମହାପ୍ରବନ୍ଧକ ଓ ଆଦାନୀ ଗ୍ରୁପ୍‌ର ପରାମର୍ଶଦାତା ସୁବ୍ରତ କୁମାର ତ୍ରିପାଠୀ କହିଲେ "ମାନସିକ ଓ ଶାରୀରିକ ଅନଗ୍ରସର ଶିଶୁଙ୍କୁ ଶିକ୍ଷା ଦେବା ଓ ଯତ୍ନ ନେବା ସମାଜର ସର୍ବୋଚ୍ଚ ମାନବିକ ମୂଲ୍ୟବୋଧ ଭିତ୍ତିକ କାର୍ଯ୍ୟ। ଯେଉଁମାନଙ୍କର ସୁରକ୍ଷା, ପ୍ରଯତ୍ନ ଓ ସକ୍ଷମ ମାନଙ୍କ ସହ ସମକକ୍ଷ କରାଇବା ପାଇଁ ସ୍ୱୟଂ ଈଶ୍ୱର ହିଁ ଶକ୍ତି ପ୍ରଦାନ କରିଥାନ୍ତି।" ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ଏହି ସନ୍ଧ୍ୟାରେ ଅନୁଗୁଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର, ଏସ.ସି.ବି ମେଡ଼ିକାଲ କଲେଜର ସ୍ନାୟୁରୋଗ ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଅଶୋକ କୁମାର ମଲ୍ଲିକ, ଆୟକର ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଆୟୁକ୍ତ ପ୍ରଦୋଷ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ରିତ୍ୱିକ ଆଭା ଚାରିଟେବଲ୍ ଟ୍ରଷ୍ଟର ମାନବିକ ମୂଲ୍ୟବୋଧ ଓ ସମର୍ପିତ ସେବା ମନୋଭାବ ନେଇ କରୁଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରି ଭୂୟସି ପ୍ରଶଂସା କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ତଥା ପୂର୍ବତଟ ରେଳପଥର ପ୍ରାକ୍ତନ ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ଶ୍ରୀମତୀ ମଞ୍ଜୁ ରାୟ ଏହି ସାଂସ୍କୃତିକ ସନ୍ଧ୍ୟାର ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀମତୀ ଭାରତୀ ବ୍ରହ୍ମା ମଞ୍ଚ ପରିଚାଳନାରେ ସହଯୋଗ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ରିତ୍ୱିକ ରାୟଙ୍କ ସ୍ମୃତିରେ ଗଠିତ ଏହି ଚାରିଟେବଲ୍ ଟ୍ରଷ୍ଟ ଓଡ଼ିଶାର ବିଭିନ୍ନ ସ୍ଥାନରେ ମେଗା ହେଲଥ୍ କ୍ୟାମ୍ପ କରିବା ସହ ବରିଷ୍ଠ ନାଗରିକମାନଙ୍କୁ ସହଯୋଗର ହାତ ବଢ଼ାଇଛି। ଡିଭାଇନ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ।

## ରାଜଧାନୀରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ

**ଭୁବନେଶ୍ୱର, ୨୭।୧୧:** ରାଜଧାନୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ଅନୁପମା ଦେବୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବେଳେ ଏପଟେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରେ ଏହି ଅଭିଯାନ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି। ନିକଟରେ ଭାରତ ସରକାରଙ୍କ ପରିବାର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ସର୍ଭେ ଅନୁସାରେ ଭାରତ ବର୍ଷରେ ୨୩ଭାଗ ଶିଶୁ ବିବାହ ବୟସ ପୂର୍ବରୁ ବିବାହ କରିଥାନ୍ତି। ଓଡ଼ିଶାରେ ମଧ୍ୟ ଏହି ସଂଖ୍ୟା ଶତକଡା ୨୦ଭାଗରୁ ଅଧିକ। ବାଲ୍ୟବିବାହ ଅର୍ଥ ପିଲାମାନଙ୍କ ସହ ଦୁଷ୍କର୍ମ। ତେଣୁ ବାଲ୍ୟବିବାହକୁ ଭାରତ ବର୍ଷରୁ ୨୦୩୦ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ସରକାର ସ୍ଥିର କରିଛନ୍ତି। ଏଥିନିମନ୍ତେ ଭାରତ ସରକାରଙ୍କ ତରଫରୁ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ଆରମ୍ଭ କରାଯାଇଛି ଓ ଏଥିରେ ସମସ୍ତ ସରକାରୀ ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗ୍ରାମପଞ୍ଚାୟତ ଓ ସାଧାରଣ ଲୋକ ସାମିଲ ହେବା ପାଇଁ ସରକାର ଆହ୍ୱାନ ଦେଇଛନ୍ତି।




ରୁଚିକା ସମାଜ ମଙ୍ଗଳ ସଂଗଠନ ଭାରତରେ ଗଢ଼ାଯାଇଥିବା ପିଲାମାନଙ୍କ ପାଇଁ ନ୍ୟାୟ ଅଧିକାର ମହାସଂଘ (ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍ସ) ର ଜାତୀୟ ନେଟୱର୍କ ଅଂଶୀଦାର ଭାବେ ଗତ ୩ବର୍ଷ ହେବ କାର୍ଯ୍ୟକରି ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ବାଲ୍ୟବିବାହ ମୁକ୍ତ ଭାରତ ପାଇଁ ଶପଥ ପାଠ କରାଇ ସାରିଛି ଓ ପ୍ରାୟ ୧୦୦୦ରୁ ଅଧିକ ବାଲ୍ୟବିବାହ ରୋକିପାରିଛି।

ପ୍ରଶାସନ ସହାୟତାରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନକୁ ଶୁଭାରମ୍ଭ କରି ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ମନ୍ଦାକିନି କର କହିଲେ ବାଲ୍ୟବିବାହ ମୁକ୍ତ ଭାରତ ପାଇଁ ଓଡିଶା ସରକାର ପ୍ରତିଶ୍ରୁତିବଦ୍ଧ। ଯେକୌଣସି ପରିସ୍ଥିତିରେ ଓଡ଼ିଶାକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଶିଶୁ ସୁରକ୍ଷା ଆୟୋଗ ପ୍ରଚେଷ୍ଟା ଜାରି ରଖିଛି। ରୁଚିକା ସଂଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ବେଣୁଧର ସେନାପତି କହିଲେ ବାଲ୍ୟବିବାହ ଭଳି ଏକ ଘୃର୍ଣ୍ୟ ସାମାଜିକ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରି ସବୁ ପିଲାଙ୍କ ପାଇଁ ଏକ ସୁରକ୍ଷିତ ଶୈଶବ ସୁନିଶ୍ଚିତ କରିବା ନିମନ୍ତେ ରୁଚିକା ସଂଗଠନ ସଂକଳ୍ପବଦ୍ଧ। ଏଥିନିମନ୍ତେ ଖୋର୍ଦ୍ଧା, ପୁରୀ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ସହିତ ମିଶି ରୁଚିକା କାର୍ଯ୍ୟ କରୁଛି।

ଏହି କାର୍ଯ୍ୟକ୍ରମରେ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା, ଅତିରିକ୍ତ ଶିଶୁ କଲ୍ୟାଣ ସମିତିର ସଦସ୍ୟା, ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ପ୍ରାୟ ୩୦୦ ରୁ ଉର୍ଦ୍ଧ ମହିଳା ନେତ୍ରୀ ଏକତ୍ରିତ ହୋଇ ବାଲ୍ୟବିବାହ ମୁକ୍ତ ଭାରତ ପାଇଁ ଶପଥ ପାଠ କରି ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଭୁବନେଶ୍ୱରର ରାମମନ୍ଦିର ଛକଠାରୁ ବାହାରି ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲ୍ୟବିବାହକୁ ରୋକିଥିବା ଝିଅମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସୌମେନ୍ଦ୍ର ନାୟକ।କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରୁଚିକାର ଉପ ସଭାପତି ଶ୍ରୀ ଗୌରାଙ୍ଗ ଚରଣ ତ୍ରିପାଠୀ, ଶ୍ରୀ ହେମନ୍ତ କୁମାର ସାହୁ,ଶ୍ରୀମତୀ ଶିବାନୀ ନାୟକ, ଶ୍ରୀ ମନୋରଞ୍ଜନ ସାହୁ, ଶ୍ରୀ ଠାକୁରାମ ବେହେରା, ଶ୍ରୀ କେଶବ ଚନ୍ଦ୍ର ସେନାପତି, ଶ୍ରୀ ଜୟୀରାମ ନାୟକ, ଶ୍ରୀମତୀ ବିନତି ମହାନ୍ତି, ଶ୍ରୀମତୀ ଉର୍ମି ସଲମା।

## ଜଳମିତ୍ରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୭।୧୧:** କଟକ ଜିଲ୍ଲା ପ୍ରତାପନଗରୀସ୍ଥିତ ୱାଲମୀର ନିର୍ଦ୍ଦେଶକ ଇଂ ରାଜକିଶୋର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଜଳମିତ୍ରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଭିନ୍ନ ଜିଲ୍ଲାରେ ଆୟୋଜନ କରାଯାଉଛି ।

ଆଜି କଳାହାଣ୍ଡି ଜିଲ୍ଲାର ୫ଟି ବ୍ଲକ ଯଥା ନର୍ଲା, ଗୋଲାମୁଣ୍ଡା, ଲାଞ୍ଜିଗଡ଼, ଭବାନୀପାଟଣା ଓ କେସିଙ୍ଗାଠାରେ ବଲାଙ୍ଗିର ଜିଲ୍ଲା ୫ଟି ବ୍ଲକ ଯଥା ବେଲପଡା, ବଙ୍ଗୋମୁଣ୍ଡା, ପାଟଣାଗଡ, ଗୁଡ଼ଭେଲା, ସଇଁତଳା ଠାରେ ନୂଆପଡା ଜିଲ୍ଲାର ୪ ଟି ବ୍ଲକ ଯଥା ବୋଡେନ, ନୂଆପଡା, ସିନାପଲ୍ଲୀ, କୋମନା ଠାରେ, କେନ୍ଦୁଝର ଜିଲ୍ଲାର ୪ଟି ବ୍ଲକ ଯଥା ପାଟଣା, ଯୋଡା, ହାଟଡିହି, ଘଷିପୁରା ଠାରେ ଓ ସମ୍ବଲପୁର ଜିଲ୍ଲାର ବାମରାଠାରେ ଜଳମିତ୍ରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।



ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭୂତଳ ଜଳର ଗୁରୁତ୍ୱ ଏବଂ ଏହାର ପୁନର୍ଭରଣ, ଜଳସେଚନ ପରିଚାଳନା, ଜଳମିତ୍ରମାନଙ୍କର ଗ୍ରାମସ୍ତରରେ ଭୂମିକା, ଭୂତଳ ଜଳ ନିରୀକ୍ଷଣ ଏବଂ ତାଲିମ ଦିଆଯାଉଅଛି । ୱାଲମୀ ଦ୍ୱାରା ପ୍ରଶିକ୍ଷଣ ପ୍ରାପ୍ତ ୨୫ ରୁ ଉର୍ଦ୍ଧ୍ୱ ସଭାଗୃହମାନଙ୍କରେ ବିଡିଓ ଏବଂ ଏପିଓମାନଙ୍କ ସହଯୋଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟଗୁଡିକ ଆୟୋଜନ କରୁଛନ୍ତି । ଜଳବାୟୁ ପରିବର୍ତ୍ତନ ଆଦି ବିଷୟରେ ତାଲିମ ଦାତାମାନେ ପଞ୍ଚାୟତ ସମିତି ଶ୍ରୀ ଅରବିନ୍ଦ ଖଟୁଆ, ଶ୍ରୀମତୀ ରୋଜି ତ୍ରିପାଠୀ, ଶ୍ରୀ ପ୍ରଭାତ ଦାସ, ଶ୍ରୀ ଯଦୁମଣି ସେଠୀ, ଶ୍ରୀ ଘନଶ୍ୟାମ ମାଝୀ ଓ ଶ୍ରୀ ରବିନ୍ଦ୍ର ପାଣି ପ୍ରମୁଖ ଜିଲ୍ଲା ସଂଯୋଜକ ଭାବରେ ଦାୟିତ୍ୱ ନେଇ ପ୍ରଶିକ୍ଷଣଗୁଡିକୁ ସଫଳ କରାଉଛନ୍ତି। ରାଜ୍ୟସ୍ତରରେ ପ୍ରଶିକ୍ଷଣଗୁଡିକୁ ସଫଳ କରାଇବା ପାଇଁ ୱାଲମୀର ଇଂ ମନିଷା ମନସ୍ୱିନୀ ରାଉତ, ପ୍ରଫେସର (ଯାନ୍ତ୍ରିକ), ଇଂ ଚନ୍ଦ୍ର ଶେଖର ସେଠୀ (ଯୁଗ୍ମ ନିର୍ଦ୍ଦେଶକ ) ଇଂ ଇତିଶ୍ରୀ ମିଶ୍ର, ଆସୋସିଏଟ୍ ପ୍ରଫେସର (ଯାନ୍ତ୍ରିକ), ପ୍ରଧାନ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ସୁଧନ୍ୱା ପାତ୍ର ଉପନିର୍ଦ୍ଦେଶକ ଇଂ ସୁପ୍ରିୟା ସାହୁ ପ୍ରମୁଖ ପରାମର୍ଶ ପ୍ରଦାନ କରୁଛନ୍ତି ।

## ସୋଆ ମହିଳା ଶକ୍ତିକୁ 'ଫେମିନା ଆଚିଭର୍ସ ଇଷ୍ଟ-୨୦୨୪' ସମ୍ମାନ

**ଭୁବନେଶ୍ୱର, ୨୭।୧୧:** ଶିକ୍ଷା କ୍ଷେତ୍ରରେ ଉତ୍ସର୍ଗୀକୃତ କାର୍ଯ୍ୟ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ମହିଳା ଶ୍ରମଶକ୍ତିକୁ ନିକଟରେ 'ଫେମିନା ଆଚିଭର୍ସ ଇଷ୍ଟ -୨୦୨୪' ସମ୍ମାନରେ ଭୂଷିତ କରାଯାଇଛି। ଦେଶର ଅଗ୍ରଣୀ ଇଂରାଜୀ ମହିଳା ପତ୍ରିକା ଫେମିନା ପକ୍ଷରୁ 'ସୋଆ ୱିମେନ୍ ୱାର୍କଫୋର୍ସ' କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

କୋଲକାତା ଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ସମାଜରେ ସକାରାତ୍ମକ ପରିବର୍ତନ ଆଣିବାରେ ଅଗ୍ରଣୀ ଭୂମିକା ନେଇଥିବା ମହିଳା ଓ ମହିଳା କାର୍ଯ୍ୟକାରୀ ମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ବିଶେଷ କରି ପୂର୍ବ ଭାରତରେ ସମାଜର ବିଭିନ୍ନ ବର୍ଗରେ ଉନ୍ନତିମୂଳକ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ପୂର୍ବ ଏବଂ ଉତର-ପୂର୍ବ ଭାରତରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ରିୟୁ ଫ୍ଲେମିଂ ଏବଂ ଆଲାଏନ୍ସ ଫ୍ରାଞ୍ଚାଇଜି ଡୁ ବେଙ୍ଗାଲେ ର ନିର୍ଦ୍ଦେଶକ ଶ୍ରୀ ନିକୋଲାସ ଫାସିନୋ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଏହି ସମ୍ମାନ ଗ୍ରହଣ କରିଥିଲେ।

ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‌ୟାଙ୍କିଙ୍ଗ ଫ୍ରେମ୍ ୱାର୍କ (ଏନ୍‌ଆଇଆରଏଫ୍) ର୍‌ୟାଙ୍କିଙ୍ଗ ୨୦୨୪ ଅନୁଯାୟୀ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ମାନ୍ୟତା ହାସଲ କରିଥିବା ସୋଆରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୫୪ ପ୍ରତିଶତ ହେଉଛନ୍ତି ଛାତ୍ରୀ। ସେହିପରି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ସହ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମଧ୍ୟରେ ୪୨ ପ୍ରତିଶତ ମହିଳା ରହିଛନ୍ତି।



ବିଶ୍ୱବିଦ୍ୟାଳୟରେ ପ୍ରାୟ ୪୫ ଜଣ ମହିଳା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ଥିବା ବେଳେ ପ୍ରଫେସର ମଞ୍ଜୁଳା ଦାସ ବିଶ୍ୱବିଦ୍ୟାଳୟର କଂଟ୍ରୋଲର ଅଫ୍ ଏଗଜାମିନେସନ୍ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ସୋଆର ୧୧ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ପ୍ରଫେସର ପ୍ରଭାତୀ ତ୍ରିପାଠୀ ସମ୍ ନର୍ସିଂ କଲେଜ୍‌ର ଡିନ, ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ଏବଂ ପ୍ରଫେସର ନୀତା ମହାନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି।

## ଓପିସିଡବଲ୍ୟୁ-ଦ ହେଗ୍ ପୁରସ୍କାର ୨୦୨୪ ଜିତିଲା ଭାରତୀୟ ରାସାୟନିକ ପରିଷଦ

**ନୂଆଦିଲ୍ଲୀ,୨୭।୧୧:** ୨୫ ନଭେମ୍ବରରେ ନେଦରଲ୍ୟାଣ୍ଡସର ହେଗ୍ ଠାରେ ଆୟୋଜିତ ଅର୍ଗାନାଇଜେସନ୍ ଫର୍ ପ୍ରୋହିବିଶନ୍ ଅଫ୍ କେମିକାଲ୍ ୱେପନ୍ସ (ଓପିସିଡବ୍ଲ୍ୟୁ)ର ରାଷ୍ଟ୍ର ପକ୍ଷଗୁଡ଼ିକର ସମ୍ମିଳନୀ (ସିଏସପି)ର ୨୯ତମ ଅଧିବେଶନ ଅବସରରେ ଭାରତୀୟ ରାସାୟନିକ ପରିଷଦ (ଆଇସିସି)କୁ ୨୦୨୪ ଓପିସିଡବ୍ଲ୍ୟୁ ଦି ହେଗ୍ ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୧୯୩ଟି ଦେଶର ପ୍ରତିନିଧି ଏବଂ ବିଶ୍ୱର ରାସାୟନିକ ଶିଳ୍ପର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ କୌଣସି ରାସାୟନିକ ଶିଳ୍ପ ସଂସ୍ଥାର ଉଦ୍ୟମକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓପିସିଡବ୍ଲ୍ୟୁର ମହାନିର୍ଦ୍ଦେଶକ, ରାଷ୍ଟ୍ରଦୂତ ଫର୍ଣ୍ଣାଣ୍ଡୋ ଏରିଆସ୍ ଏବଂ ହେଗ୍ ମ୍ୟୁନିସିପାଲିଟିର ମେୟର ଜାନ୍ ଭାନ୍ ଜାନେନ୍ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

ପରିଷଦ ତରଫରୁ ଆଇସିସିର ମହାନିର୍ଦ୍ଦେଶକ ଶ୍ରୀ ଡି ସୋତି ସେଲଭମ୍ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ଓପିସିଡବ୍ଲ୍ୟୁରେ ଭାରତର ରାଷ୍ଟ୍ରଦୂତ ଓ ସ୍ଥାୟୀ ପ୍ରତିନିଧି ଏବଂ ଭାରତର ଜାତୀୟ ରାସାୟନିକ ଅସ୍ତ୍ର ସମ୍ମିଳନୀ ପ୍ରାଧିକରଣର (ଏନଏସିଡବ୍ଲ୍ୟୁସି)ର ଅଧ୍ୟକ୍ଷ ମଧ୍ୟ ଉପସ୍ଥିତ ଥିଲେ।

ରାସାୟନିକ ଅସ୍ତ୍ର ଚୁକ୍ତି (ସିଡବ୍ଲ୍ୟୁସି) ୧୯୯୭ରେ କାର୍ଯ୍ୟକାରୀ ହୋଇଥିଲା ଏବଂ ବର୍ତ୍ତମାନ ଏଥିରେ ୧୯୩ଟି ଦେଶ ପକ୍ଷଭୁକ୍ତ ହୋଇଛନ୍ତି । ଓପିସିଡବ୍ଲ୍ୟୁର ସଚିବାଳୟ ହେଗ୍ରେ ରହିଛି ଏବଂ ଏହା ରାସାୟନିକ ଅସ୍ତ୍ରମୁକ୍ତ ବିଶ୍ୱ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ରାସାୟନିକ ଅସ୍ତ୍ର ଚୁକ୍ତିର କାର୍ଯ୍ୟକାରୀ ସଂସ୍ଥା ରୂପେ କାମ କରିଥାଏ । ଭାରତ ଏହି ଚୁକ୍ତିରେ ଏକ ମୂଳ ସ୍ୱାକ୍ଷରକାରୀ । ଏନଏସିଡବ୍ଲ୍ୟୁସି ହେଉଛି ଭାରତରେ ଏହି ସମ୍ମିଳନୀ କାର୍ଯ୍ୟକାରୀ କରିବା ପାଇଁ ଉତ୍ତରଦାୟୀ ଜାତୀୟ କର୍ତ୍ତୃପକ୍ଷ ।

ରାସାୟନିକ ଅସ୍ତ୍ରଶସ୍ତ୍ର ବିଲୋପ କରିବା ପାଇଁ ବ୍ୟାପକ ପ୍ରୟାସ ନିମନ୍ତେ ୨୦୧୩ରେ ଓପିସିଡବ୍ଲ୍ୟୁକୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସଫଳତାର ପରମ୍ପରାକୁ ବଜାୟ ରଖିବା ପାଇଁ ଓପିସିଡବ୍ଲ୍ୟୁ ୨୦୧୪ ମସିହାରେ ହେଗ୍ ମ୍ୟୁନିସିପାଲିଟି ସହଯୋଗରେ 'ଓପିସିଡବ୍ଲ୍ୟୁ-ଦ ହେଗ୍ ଆୱାର୍ଡ' ପ୍ରତିଷ୍ଠା କରିଥିଲା। ରାସାୟନିକ ଅସ୍ତ୍ର ଚୁକ୍ତିର ଲକ୍ଷ୍ୟକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ଏବଂ ସଂଗଠନକୁ ଏହି ପୁରସ୍କାର ପ୍ରଦାନ କରାଯାଏ ।

## ଆଇଇଡବଲ୍ୟୁ ବିଶ୍ୱ ଶକ୍ତି କ୍ୟାଲେଣ୍ଡରରେ ପ୍ରମୁଖ ଅଂଶ ପାଲଟିଛି

**ନୂଆଦିଲ୍ଲୀ,୨୭।୧୧:** ଏଫଆଇପିଆଇ ତୈଳ ଓ ଗ୍ୟାସ ପୁରସ୍କାର ୨୦୨୩ ସମାରୋହକୁ ସମ୍ବୋଧିତ କରି ଶ୍ରୀ ପୁରୀ ଭାରତର ଶକ୍ତି କ୍ଷେତ୍ରର ଅଭିବୃଦ୍ଧି ଏବଂ ସଂସ୍କାର ଉପରେ ଆଲୋକପାତ କରିଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ହରଦୀପ ସିଂହ ପୁରୀ ଆଜି ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ ଭାରତ ସରକାର ଭାରତରେ ହାଇଡ୍ରୋକାର୍ବନ ଶିଳ୍ପର ଅପଷ୍ଟ୍ରିମ୍, ମିଡଷ୍ଟ୍ରିମ୍ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ଐତିହାସିକ ସଂସ୍କାର ଆଣିଛନ୍ତି। ଅଶୋଧିତ ତୈଳ ଯୋଗାଣର ବିବିଧତା, ଗ୍ୟାସ ମୂଲ୍ୟ ସଂସ୍କାର ଏବଂ ନୋ-ଗୋ କ୍ଷେତ୍ର ଖୋଲିବା ସମେତ ଏହି ସଂସ୍କାରଗୁଡ଼ିକ ଭାରତ ପାଇଁ ଏକ ସ୍ଥାୟୀ, ସୁଲଭ ଏବଂ ସୁରକ୍ଷିତ ଶକ୍ତି ଭବିଷ୍ୟତ ସୃଷ୍ଟି କରିବାର ଲକ୍ଷ୍ୟ ବୋଲି ଶ୍ରୀ ପୁରୀ କହିଛନ୍ତି। ତୈଳ କ୍ଷେତ୍ର ନିୟନ୍ତ୍ରଣ ଓ ବିକାଶ (ଓଆରଡି) ଆଇନରେ ସଂଶୋଧନ ଏବଂ ବିଶୋଧନାଗାର କ୍ଷମତା ବୃଦ୍ଧି ଓ ପେଟ୍ରୋଲରେ ଇଥାନଲ ମିଶ୍ରଣ ବୃଦ୍ଧି ପାଇଁ ପ୍ରୟାସ ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ।

"ଡିଜିଟାଲ ଆଡଭାନ୍ସଡ କମ୍ପାନୀ ଅଫ ଦି ଇୟର", "ସଷ୍ଟେନବ୍ଲି ଗ୍ରୋଇଙ୍ଗ କର୍ପୋରେଟ ଅଫ ଦି ଇୟର", "ଇନୋଭେଟର ଅଫ ଦି ଇୟର" ଏବଂ "ବେଷ୍ଟ ଷ୍ଟାର୍ଟଅପ୍ ଇନ ଦ ଏନର୍ଜି ସେକ୍ଟର" ସମେତ ୨୦ରୁ ଅଧିକ ପୁରସ୍କାର ବର୍ଗରେ ଉତ୍କର୍ଷତା, ଉଦ୍ଭାବନ ଏବଂ ନେତୃତ୍ୱକୁ ସମ୍ମାନିତ କରୁଥିବା ଏଫ୍‌ଆଇପିଆଇ ତୈଳ ଏବଂ ଗ୍ୟାସ ପୁରସ୍କାର ସମାରୋହକୁ ସମ୍ବୋଧିତ କରି ମନ୍ତ୍ରୀ ଏହା କହିଛନ୍ତି। ଉଭୟ ପୁରୁଷ ଓ ମହିଳା ବର୍ଗରେ 'ୟଙ୍ଗ ଆଚିଭର୍ସ ଅଫ୍ ଦି ଇୟର' ଭଳି ଉଲ୍ଲେଖନୀୟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ ଗୋପୀ, ଏମଓପିଏନଜି ସଚିବ ଶ୍ରୀ ପଙ୍କଜ ଜୈନ ଏବଂ ବିଭିନ୍ନ ତୈଳ/ ଗ୍ୟାସ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସିଏମଡିମାନେ ଉପସ୍ଥିତ ଥିଲେ ।




ଶକ୍ତି କ୍ଷେତ୍ରରେ ଭାରତର ଅଗ୍ରଗତି ସମ୍ପର୍କରେ ଶ୍ରୀ ପୁରୀ କହିଥିଲେ ଯେ ତିନି ବର୍ଷର ରେଫରେନ୍ସ ଅବଧି ମଧ୍ୟରେ ତୈଳ ଦର ହ୍ରାସ ଭଳି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିରେ ଏହା ସ୍ପଷ୍ଟ ହୋଇଛି ଏବଂ ଏହା ହାସଲ କରିବାରେ ଭାରତ ବିଶ୍ୱର ଏକମାତ୍ର ଦେଶ ହୋଇପାରିଛି । ଭାରତରେ ଏଲପିଜି ସିଲିଣ୍ଡର ମୂଲ୍ୟ ସମଗ୍ର ବିଶ୍ୱରେ ସର୍ବନିମ୍ନ, ପିଏମୟୁୱାଇ ପରିବାର ପାଇଁ ଦିନକୁ ୬ ଟଙ୍କା ଏବଂ ଅଣ-ପିଏମୟୁୱାଇ ପରିବାର ପାଇଁ ଦିନକୁ ୧୪ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି । ୨୦୧୪ରେ ୨୧୫ ଏମଏମଟିପିଏ ଥିବା ବିଶୋଧନାଗାର କ୍ଷମତାକୁ ୨୦୨୪ରେ ୨୫୬.୮ ଏମଏମଟିପିଏକୁ ବୃଦ୍ଧି କରାଯିବା ସହ ୨୦୨୮ ସୁଦ୍ଧା ୩୧୦ ଏମଏମଟିପିଏ ଲକ୍ଷ୍ୟ ରଖାଯାଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାବ୍ୟତୀତ ଭାରତ ୨୦୩୦ ସୁଦ୍ଧା ଏହାର ଅନୁସନ୍ଧାନ କ୍ଷେତ୍ରକୁ ୧ ନିୟୁତ ବର୍ଗ କିଲୋମିଟରକୁ ବୃଦ୍ଧି କରିବା ଦିଗରେ ଗତି କରୁଛି ଏବଂ ୨୦୨୫ ସୁଦ୍ଧା ଏହା ୧୬% ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ପେଟ୍ରୋଲରେ ଇଥାନଲ ମିଶ୍ରଣ କୁ ୨୦୧୪ରେ ୧.୫୩% ରୁ ୨୦୨୪ରେ ୧୬% କୁ ବୃଦ୍ଧି କରିବାରେ ସରକାରଙ୍କ ସଫଳତା ଉପରେ ଶ୍ରୀ ପୁରୀ ଆଲୋକପାତ କରିଥିଲେ ଏବଂ ଆସନ୍ତା ବର୍ଷଏହା ୨୦% ରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଉପଲବ୍ଧି ବ୍ରାଜିଲ ପରେ ଜୈବ ଇନ୍ଧନ ମିଶ୍ରଣକ୍ଷେତ୍ରରେ ଭାରତକୁ ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ରେ ପରିଣତ କରିଛି। ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ (ସିଜିଡି) କଭରେଜର ସମ୍ପ୍ରସାରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା, ୨୦୨୪ରେ ୧୦୦% ସିଜିଡି ଅଞ୍ଚଳ କଭରେଜ୍ ଆଶା କରାଯାଉଥିଲା, ଯାହା ୨୦୧୪ରେ ମାତ୍ର ୫.୫% ଥିଲା ।

ସରକାରୀ ପଦକ୍ଷେପ ଏବଂ ନିବେଶକଙ୍କ ଆତ୍ମବିଶ୍ୱାସ ଯୋଗୁଁ ଡିପଟେକ୍ ଷ୍ଟାର୍ଟ-ଅପ୍ ଗୁଡ଼ିକର ବୃଦ୍ଧି ସହିତ ଭାରତର ଶକ୍ତି କ୍ଷେତ୍ର ଦ୍ରୁତ ଗତିରେ ବିକଶିତ ହେଉଛି ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଭାରତୀୟ ଉଦ୍ୟୋଗୀମାନେ ଗତ ପାଞ୍ଚ ବର୍ଷ ମଧ୍ୟରେ ଡିପଟେକ୍ ରେ ୧,୪୦୦ରୁ ଅଧିକ ପେଟେଣ୍ଟ ଦାଖଲ କରିଛନ୍ତି ଏବଂ ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବର୍ତ୍ତମାନ ୧ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ଏବଂ ପାଖାପାଖି ୧୨୦ ୟୁନିକର୍ନ ସହିତ ବିଶ୍ୱର ତୃତୀୟ ବୃହତ୍ତମ ସଂସ୍ଥା ଭାବରେ ସ୍ଥାନ ପାଇଛି ।

## ପଛୁଆବର୍ଗ-ସ୍ଥାନ ସଂରକ୍ଷଣ ବିବାଦ

**ଭୁବନେଶ୍ୱର,୨୭।୧୧:** ଆଇନ୍ ଅଦାଲତରେ ଗଡୁଥିବା ମାମଲର ଫଇସଲା ସହ କେନ୍ଦ୍ର ସରକାର ସମ୍ବିଧାନର ନବମ ଅନୁଚ୍ଛେଦରେ ଓଡ଼ିଶାର ସ୍ଥାନ ସଂରକ୍ଷଣ ପ୍ରସଂଗ ସ୍ଥାନିତ ନକରିବା ପର୍ଯ୍ୟନ୍ତ ରାଜ୍ୟରେ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବା ସମ୍ଭବପର ହେବନାହିଁ। ଯେଉଁମାନେ ଏ ପ୍ରସଂଗ ଉଠାଉଛନ୍ତି ସେମାନେ ଏହି ମାମଲାରେ ପକ୍ଷଭୁକ୍ତ ହୋଇ ଯୁକ୍ତି ବାଢ଼ିବା ସହ କେନ୍ଦ୍ର ସରକାରଙ୍କ ଉପରେ ନିର୍ଦ୍ଦିଷ୍ଟ ଫୋରମ୍‌ରେ ଚାପ ପ୍ରୟୋଗ କରିବାର ଆବଶ୍ୟକତା ରହିଛି ବୋଲି ବରିଷ୍ଠ ଆଇନଜ୍ଞମାନେ ମତବ୍ୟକ୍ତ କରୁଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ମଣ୍ଡଳ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରିବା ନେଇ ସାରା ଦେଶରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସୁପ୍ରିମକୋର୍ଟ ଏହି ମାମଲାରେ ସ୍ଥାନ ସଂରକ୍ଷଣକୁ ୫୦ ପ୍ରତିଶତରୁ ସୀମିତ ରଖିବାକୁ ନିର୍ଦ୍ଦେଶ ଦେବା ସହ ଅତ୍ୟାବଶ୍ୟକ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ହୋଇପାରେ ବୋଲି ମଧ୍ୟ ସୂଚାଇଥିଲେ। ୯୦ ଦଶକରେ ଓଡ଼ିଶା ସରକାର ଏହି ସମ୍ବେଦନଶୀଳ ଘଟଣାର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଜଷ୍ଟିସ ନବ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ ଏବଂ ଏହି କମିଶନ ମଧ୍ୟ ସ୍ଥାନ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତ ଭିତରେ ରଖିବା ପାଇଁ ମତ ଦେଇଥିଲେ। ଓଡ଼ିଶାରେ ସେତେବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ୩୮ ପ୍ରତିଶତ ଆସନ ସଂରକ୍ଷିତ ରହିଥିବା ପରିପ୍ରେକ୍ଷୀରେ ପଛୁଆବର୍ଗଙ୍କ ପାଇଁ ରାଜ୍ୟ ସରକାର ୧୨ ପ୍ରତିଶତ ଆସନ ସଂରକ୍ଷଣ ବ୍ୟବସ୍ଥା କରି ମୋଟ ସଂରକ୍ଷଣକୁ ୫୦ ପ୍ରତିଶତରେ ସୀମିତ ରଖିଥିଲେ। ତେବେ ସେ ସମୟରେ ଜାତୀୟ ସ୍ତରରେ ଏସ୍‌ସି ଓ ଏସ୍‌ଟିଙ୍କ ଲାଗି ଜନସଂଖ୍ୟା ଭିତ୍ତିରେ ୨୨.୫ ପ୍ରତିଶତ ଆସନ ସଂରକ୍ଷିତ ରହିଥିବାରୁ କେନ୍ଦ୍ର ସରକାର ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ଆସନ ସଂରକ୍ଷିତ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିଥିଲେ। ସେବେଠାରୁ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଚାକିରି କ୍ଷେତ୍ରରେ ପଛୁଆବର୍ଗଙ୍କ ଲାଗି ୨୭ ପ୍ରତିଶତ ଆସନ ସଂରକ୍ଷଣ ରହି ଆସୁଛି। ଏହାପରେ ୧୯୯୫ରେ ନିର୍ବାଚନ ପୂର୍ବରୁ ପଛୁଆବର୍ଗଙ୍କ ଲାଗି ଆସନ ସଂରକ୍ଷଣ ଓଡ଼ିଶାରେ ୨୭ ପ୍ରତିଶତକୁ ବଢ଼ାଯାଇଥିଲା ଏବଂ ତାହା ସ୍ୟାଟ୍, ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନାକଚ ହୋଇଯିବାରୁ ସରକାର ପୁଣି ଏସ୍‌ଇବିସିଙ୍କ ସଂରକ୍ଷଣ ହାର ୧୧.୨୫ ପ୍ରତିଶତକୁ ଖସାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଜେପି-ବିଜେଡି ମିଳିତ ସରକାର ସମୟରେ ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ହୋଇଥିଲା। ଏହି ଆଇନ୍‌ର ବୈଧତା ଉପରେ ପ୍ରଶ୍ନବାଚୀ ଉଠାଇ ଏସ୍‌ଇବିସି ବର୍ଗର ଜଣେ ଚାକିରି ପ୍ରତ୍ୟାଶୀ ଅମର ଛାଟୋଇ ରୁଜୁ କରିଥିବା ମାମଲାରେ ସ୍ୟାଟ୍ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ଅଗ୍ରାହ୍ୟ କରିଦେଇଥିଲେ। ଏହା ବିରୋଧରେ ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ପାଇନଥିଲେ। ହାଇକୋର୍ଟରେ ହାରିବା ପରେ ରାଜ୍ୟ ସରକାର ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ସପକ୍ଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏବଂ ଏହି ମାମଲା ଏବେ ବିଚାରାଧୀନ ରହିଛି। ଆଇନ୍‌ଗତ ବ୍ୟବସ୍ଥା ସତ୍ତ୍ୱେ ସେତେବେଳେ ଓଡ଼ିଶା ସରକାର ଏସ୍‌ଇବିସିଙ୍କ ସ୍ଥାନ ସଂରକ୍ଷଣ ୨୭ ପ୍ରତିଶତ କରାଗଲେ ତାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଧାରିତ ସୀମାକୁ ଉଲ୍ଲଂଘନ କରୁଥିବାରୁ ସମ୍ବିଧାନର ୩୧ ଧାରା ମୁତାବକ ଏହାକୁ ନବମ ଅନୁଚ୍ଛେଦରେ ସ୍ଥାନିତ କରିବା ଲାଗି ନିବେଦନ କରିଥିଲେ। (ତଥ୍ୟ)



## ସୋସିଆଲ ମିଡିଆ ଏବଂ ଓଟିଟି ପ୍ଲାଟଫର୍ମରେ ପ୍ରଚଳିତ ଆଇନ ସଂଶୋଧନ ହେବା ଜରୁରୀ

**ନୂଆଦିଲ୍ଲୀ,୨୭।୧୧:** କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ସୋସିଆଲ ମିଡିଆ ଏବଂ ଓଟିଟି ପ୍ଲାଟଫର୍ମକୁ ନିୟନ୍ତ୍ରଣ କରୁଥିବା ପ୍ରଚଳିତ ଆଇନଗୁଡ଼ିକୁ ସୁଦୃଢ଼ କରିବାର ଜରୁରୀ ଆବଶ୍ୟକତା ରହିଛି।



### ସମ୍ପାଦକୀୟ ଯାଞ୍ଚଠାରୁ ଆରମ୍ଭ କରି ଅନିୟନ୍ତ୍ରିତ ଅଭିବ୍ୟକ୍ତି ପର୍ଯ୍ୟନ୍ତ

ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମେ ସୋସିଆଲ ମିଡିଆ ଏବଂ ଓଟିଟି ପ୍ଲାଟଫର୍ମର ଯୁଗରେ ବାସ କରୁଛୁ । ତେବେ ଗଣତାନ୍ତ୍ରିକ ଅନୁଷ୍ଠାନ ଓ ଗଣମାଧ୍ୟମର ପାରମ୍ପରିକ ରୂପ, ଯେଉଁମାନେ ଏକଦା ସମ୍ପାଦକୀୟ ଯାଞ୍ଚ ଉପରେ ନିର୍ଭର କରି ବିଷୟବସ୍ତୁର ଉତ୍ତରଦାୟିତ୍ୱ ଓ ଶୁଦ୍ଧତା ସୁନିଶ୍ଚିତ କରୁଥିଲେ, ତାହା ସମୟ କ୍ରମେ ହ୍ରାସ ପାଇବାରେ ଲାଗିଛି। ସେ କହିଛନ୍ତି ଯେ ଗଣମାଧ୍ୟମର ସ୍ୱାଧୀନତା ପାଇଁ ସୋସିଆଲ ମିଡିଆ ଏକ ମଞ୍ଚ ପାଲଟିଛି, କିନ୍ତୁ ସମ୍ପାଦକୀୟ ତଦାରଖ ଅଭାବରୁ ଏହା ଅନିୟନ୍ତ୍ରିତ ଅଭିବ୍ୟକ୍ତିର ଏକ ସ୍ଥାନରେ ପରିଣତ ହୋଇଛି, ଯେଉଁଥିରେ ପ୍ରାୟତଃ ଅଶ୍ଳୀଳ ବିଷୟବସ୍ତୁ ରହୁଛି।

### କଠୋର ଆଇନ ଉପରେ ସହମତି

ଭାରତ ଏବଂ ଏହି ପ୍ଲାଟଫର୍ମ ଉତ୍ପତି ହୋଇଥିବା ଭୌଗଳିକ କ୍ଷେତ୍ର ମଧ୍ୟରେ ଭିନ୍ନ ଭିନ୍ନ ସାଂସ୍କୃତିକ ଭିନ୍ନତାକୁ ସ୍ୱୀକାର କରି ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତର ସାଂସ୍କୃତିକ ସମ୍ବେଦନଶୀଳତା ଏହି ପ୍ଲାଟଫର୍ମ ଉତ୍ପତି ହୋଇଥିବା ସ୍ଥାନ ଠାରୁ ବହୁତ ଭିନ୍ନ। ତେଣୁ ଭାରତ ପାଇଁ ପ୍ରଚଳିତ ଆଇନକୁ ଅଧିକ କଠୋର କରିବା ଜରୁରୀ ହୋଇପଡିଛି । ଏହି ପ୍ରସଙ୍ଗରେ ସାଧାରଣ ସହମତି ସୃଷ୍ଟି କରିବାକୁ ସେ ଅନୁରୋଧ କରିଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବାକୁ ସଂସଦୀୟ ସ୍ଥାୟୀ କମିଟିକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହି ଆହ୍ୱାନର ମୁକାବିଲା ପାଇଁ ସାମାଜିକ ସହମତି ରହିବା ସହ କଠୋର ଆଇନ ମଧ୍ୟ କରାଯିବା ଦରକାର ବୋଲି ସେ କହିଛନ୍ତି।

জ

ଜୀବନ ଅମୃତ ଅନୁଚିନ୍ତା

ଜୀବନର ଚରମ ଲକ୍ଷ୍ୟ-କେବଳ ଧନ ସଂଗ୍ରହ ଓ ସଞ୍ଚୟ, ନିଜ ଆର୍ଥିକ ଏବଂ ସାମାଜିକ ସମୃଦ୍ଧି ଜୀବନର ଲକ୍ଷ୍ୟ ହେବା ଅନୁଚିତ। ଏହାର ସାମାନ୍ୟ ଆବଶ୍ୟକତା ଥାଇପାରେ, କିନ୍ତୁ ଏହା ଜୀବନର ଚରମ ଲକ୍ଷ୍ୟ ନୁହେଁ। ଇଶ୍ୱରଙ୍କ ଆଶୀର୍ବାଦ ପାଇବା ଜୀବନର ଲକ୍ଷ୍ୟ ହେବା ଉଚିତ।

SANCHAR
ସଂଚାର

୪ ଗୁରୁବାର ୨୮ ନଭେମ୍ବର ୨୦୨୪, ଭୁବନେଶ୍ୱର
Thursday 28 November 2024 Bhubaneswar

# ମହାଯୁତିର ନେତୃତ୍ୱ ପ୍ରଶ୍ନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମହାଯୁତି ବା ଏନଡିଏ ଦୁଇ ତୃତୀୟାଂଶ ଆସନରେ ବିଜୟ ହାସଲ କରିବା ପରେ କିଏ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜେପି, ଏନସିପି (ଅଜିତ ପାୱାର ଗୋଷ୍ଠୀ) ଏବଂ ଶିବସେନା (ସିନ୍ଦେ ଗୋଷ୍ଠୀ) ଏହି ନିର୍ବାଚନରେ ପରସ୍ପର ସହ ଆସନ ବୁଝାମଣା କରି ଲଢ଼ିଥିଲେ। ତିନିଦଳର ମେଣ୍ଟ ସରକାର ଏବେ ବି ଚାଲିଛି। କିନ୍ତୁ ନିର୍ବାଚନରେ ମେଣ୍ଟ ପକ୍ଷରୁ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ଉପସ୍ଥାପନ କରାଯାଇନଥିଲା। ୨୮୮ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ଲାଗି ୧୪୫ ଆସନର ଆବଶ୍ୟକତା ରହିଛି। ବିଜେପି ୧୪୮ ଆସନରେ ଜିତି ଏକାକି ୧୩୨ ଆସନ ଜିତିଛି। ଅର୍ଥାତ ଏହି ଦଳ ସଂଖ୍ୟାଗରିଷ୍ଠତାର ନିକଟରେ ରହିଛି। ମାତ୍ର ୧୩ ଜଣ ବିଧାୟକଙ୍କ ସମର୍ଥନରେ ଏହା କ୍ଷମତା ଦଖଲ କରିପାରିବ। ଏନସିପି କିମ୍ବା ଶିବସେନାର ସମର୍ଥନ ଦଳ ପାଇଁ ଜରୁରୀ ନୁହେଁ। ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏହି ନିର୍ବାଚନରେ ୪୧ ଆସନ ଜିତିଥିବା ବେଳେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ୫୭ ଆସନ ଜିତିଛି। ଇତିମଧ୍ୟରେ ଅଜିତ ପାୱାର ବିଜେପିର ଦେବେନ୍ଦ୍ର ଫଡ଼ନାବିସଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ସମର୍ଥନ ଘୋଷଣା କରିଛନ୍ତି। ତେଣୁ ସ୍ୱାଭାବିକ ଭାବେ ଫଡ଼ନାବିସ ମୁଖ୍ୟମନ୍ତ୍ରୀ ପଦ ଲାଗି ଦୌଡ଼ରେ ଆଗୁଆ ରହିଛନ୍ତି। ବିଜେପି ରାଜ୍ୟର ବୃହତ୍ତମ ରାଜନୈତିକ ଦଳ। କିନ୍ତୁ ଶିବସେନା ପକ୍ଷରୁ ଭିନ୍ନ କଥା କୁହାଯାଉଛି। ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ପକ୍ଷରୁ କୁହାଯାଉଛି ଯେ, ସିନ୍ଦେ ରାଜ୍ୟର ମୁଖ୍ୟମନ୍ତ୍ରୀ ଅଛନ୍ତି। ତାଙ୍କ ନେତୃତ୍ୱ ପ୍ରତି ମହାରାଷ୍ଟ୍ରବାସୀ ଆସ୍ଥା ଏବଂ ବିଶ୍ୱାସ ସ୍ଥାପନ କରିଛନ୍ତି। ତେଣୁ ସେ ହିଁ ମୁଖ୍ୟମନ୍ତ୍ରୀ ହେବା କଥା। ଶିବସେନା ପକ୍ଷରୁ କୁହାଯାଉଛି ଯେ, ସିନ୍ଦେ ସରକାରଙ୍କ ସୁଶାସନ ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମ ଯୋଗୁଁ ମହାଯୁତି ଜିତିଲା। ଏହା କେତେକାଂଶରେ ଠିକ। ନିର୍ବାଚନ ପୂର୍ବରୁ ଏକନାଥ ସିନ୍ଦେ ସରକାର ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଲାଡଲି ବହେନ ଯୋଜନା ନିର୍ବାଚନରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଶିବସେନା ପକ୍ଷରୁ କୁହାଯାଇଛି ଯେ, ପୁରା ମହାଯୁତିକୁ ଗୋଟିଏ ଦଳ ଭାବେ ବିବେଚନା କରାଯିବା ଉଚିତ। ମହାଯୁତିର ନେତା ଏବେ ବି ଏକନାଥ ସିନ୍ଦେ ଅଛନ୍ତି। ବିହାରର ଉଦାହରଣ ଦେଇ ଶିବସେନା ପକ୍ଷରୁ କୁହାଯାଇଛି ଯେ, ସେଠାରେ ବିଜେପିର ବିଧାୟକ ସଂଖ୍ୟା ଅଧିକ। କିନ୍ତୁ ମେଣ୍ଟର ନେତା ହେଉଛନ୍ତି ନୀତିଶ କୁମାର। ତାଙ୍କ ନେତୃତ୍ୱରେ ଏନଡିଏ ଲଢ଼ିଥିଲା ତେଣୁ ସଂଖ୍ୟା କମ ଥିଲେ ମଧ୍ୟ ସେଠାରେ ନୀତିଶ (ଜେଡିୟୁ) ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଆଗାମୀ ନିର୍ବାଚନରେ ମଧ୍ୟ ନୀତିଶଙ୍କ ନେତୃତ୍ୱରେ ଏନଡିଏ ଲଢ଼ିବ। ନୀତିଶ କୁମାର ବିହାରରେ ଏନଡିଏର ନେତା, ଜେଡିୟୁର ନେତା ନୁହଁନ୍ତି। ସମାନ ଫର୍ମୁଲା ମହାରାଷ୍ଟ୍ରରେ ମଧ୍ୟ କାର୍ଯ୍ୟକାରୀ ହେବା ଉଚିତ ବୋଲି ଶିବସେନା ପକ୍ଷରୁ ଦାବି କରାଯାଇଛି। ବଲ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୋର୍ଟରେ। ସେ ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୂଡ଼ାନ୍ତ। ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନାର ସମର୍ଥନ ଏବେ ବିଜେପି ପାଇଁ ଜରୁରୀ ନୁହେଁ। କିନ୍ତୁ ବିଜେପି ତାଙ୍କୁ ହାତ ଛଡ଼ା କରିବାକୁ ଚାହିଁବ ନାହିଁ। କାରଣ ଲୋକସଭାରେ ବିଜେପିର ସ୍ଥିତି ସୁର୍ବଳ। ଏନଡିଏର କୌଣସି ଅଂଶୀଦାର ଦଳ ଏନଡିଏ ପରିତ୍ୟାଗ କରିବା ବିଜେପି ଚାହେଁନି। ସିନ୍ଦେଙ୍କୁ ଅସନ୍ତୁଷ୍ଟ କରିବାକୁ ବିଜେପି ଚାହୁଁନି। ଏହା ଦ୍ୱାରା ଏମଭିଏ ପୁଣି କ୍ଷମତାକୁ ଫେରିବାକୁ ସୁଯୋଗ ପାଇବ। ଏହି ଭୁଲ ଯୋଗୁଁ ୨୦୧୯ରେ ନିର୍ବାଚନ ଜିତି ମଧ୍ୟ ବିଜେପି କ୍ଷମତା ବାହାରେ ବସିଥିଲା। ୨୦୧୯ରେ ଏନଡିଏ ସଂଖ୍ୟାଗରିଷ୍ଠତା ପାଇଥିଲା। କିନ୍ତୁ ଶିବସେନା ଚାହୁଁଥିଲା ମୁଖ୍ୟମନ୍ତ୍ରୀ ପଦ ଏହାକୁ ମିଳୁ। କାରଣ ବିଜେପି-ଶିବସେନା ମେଣ୍ଟର ଆଧାର ଥିଲା କେନ୍ଦ୍ରରେ ବିଜେପି, ରାଜ୍ୟରେ ଶିବସେନା ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କରିବ। ବାଜପେୟୀଙ୍କ ସମୟରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇଥିଲା। ସଂଖ୍ୟା ନୁହେଁଲ ମେଣ୍ଟ ଧର୍ମ ପାଳନ ହେଉଛି ମୁଖ୍ୟମନ୍ତ୍ରୀ ଚୟନର ମାପକାଠି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ଅଧିକ ଆସନରେ ଲଢ଼ିଥିଲା। ତେଣୁ ସ୍ୱାଭାବିକ ଭାବେ ଏହି ଦଳ ଅଧିକ ଆସନ ପାଇଲା। କିନ୍ତୁ ମେଣ୍ଟର ତିନି ଅଂଶୀଦାର ଦଳର ସଫଳତା ହାର ସମାନ। ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସି ମହାଯୁତି ସପକ୍ଷରେ ପ୍ରଚାର କରିଥିଲେ। ଏକାକି ବିଜେପି ପାଇଁ ପ୍ରଚାର କରିନଥିଲେ। ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ଶିବସେନା ଯେତେବେଳେ କଂଗ୍ରେସ ସହ ହାତ ମିଳାଇ ଏନଡିଏରୁ ଓହରି ଯାଇଥିଲା ସେତେବେଳେ ବିଜେପି ବିଧାନସଭାରେ ବୃହତ୍ତମ ଦଳ ହୋଇ ମଧ୍ୟ କ୍ଷମତାରୁ ବାହାରେ ରହିଥିଲା। ସେତେବେଳେ ଏକନାଥ ସିନ୍ଦେ ବିଜେପି ପାଇଁ ଇଶ୍ୱରଙ୍କ ଦୂତ ସାଜି ଆସିଥିଲେ। ତାଙ୍କ ପାଇଁ ବିଜେପି ପୁଣି କ୍ଷମତାକୁ ଫେରିଲା। ତେଣୁ ତାଙ୍କୁ ଏବେ ଅଣଦେଖା କରାଯିବା ଅନୁଚିତ। ମହାରାଷ୍ଟ୍ରରେ ନିଜ ସ୍ଥିତି ସୁଦୃଢ଼ କରିବାକୁ ବିଜେପି ମେଣ୍ଟ ଧର୍ମ ପାଳନ କରିବା ଉଚିତ। ମେଣ୍ଟ ଧର୍ମ ପାଳନ ସବୁଠାରୁ ବଡ଼ କଥା। କିଏ ମୁଖ୍ୟମନ୍ତ୍ରୀ ହେବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ବିଧାନସଭାରେ ବିଜେପିର ସଭ୍ୟ ସଂଖ୍ୟା ଅଧିକ। ତେଣୁ ମନ୍ତ୍ରିମଣ୍ଡଳରେ ଏହାର ପ୍ରତିନିଧିତ୍ୱ ସ୍ୱାଭାବିକ ଭାବେ ଅଧିକ ରହିବ। ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟ ଏହାକୁ ମିଳିବ। ପୂର୍ବପରି ଦେବେନ୍ଦ୍ର ଫଡ଼ନାବିସ ଏବଂ ଅଜିତ ପାୱାର ଉପ-ମୁଖ୍ୟମନ୍ତ୍ରୀ ରହିବା ଉଚିତ। ଯଦି ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ ପଦ ନମିଳେ ତେବେ ତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ନୁହେଁ ବିଧାନସଭାର ବାଚସ୍ପତି ପଦ ମିଳିବା ଉଚିତ। ନଚେତ ତାଙ୍କୁ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ପଦ ମିଳିବା ସମ୍ଭାବନା ରହିଛି। ଶୀଘ୍ର ମହାରାଷ୍ଟ୍ରରେ ଚିତ୍ର ସ୍ପଷ୍ଟ ହୋଇପାରେ। ଉତ୍ତର ପ୍ରଦେଶ ପରେ ରାଜନୈତିକ ଦୃଷ୍ଟିରୁ ଦେଶର ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ନିର୍ବାଚନ ପରେ ସରକାର ଗଠନ ନେଇ ଏଭଳି ଅନିଶ୍ଚିତତା ଅଧିକ ଦିନ ଲାଗି ରହିବା ଏନଡିଏ ପାଇଁ କ୍ଷତିକାରକ ହୋଇପାରେ। ଯେତେ ଶୀଘ୍ର ନେତୃତ୍ୱ ବିବାଦର ସମାଧାନ ହେବ ମେଣ୍ଟ ପାଇଁ ତାହା ସେତେ ମଙ୍ଗଳକର ହେବ। ମହାରାଷ୍ଟ୍ର ରାଜନୀତି ଉପରେ ବିହାର ନେତାଙ୍କ ନଜର ରହିଛି। ଯଦି ସଂଖ୍ୟା ଆଧାରରେ ସେଠାରେ ବିଜେପିର ଦେବେନ୍ଦ୍ର ଫଡ଼ନାବିସ ମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ବିହାରରେ ଏନଡିଏର ଅଂଶୀଦର ଦଳ ଜେଡିୟୁରେ ସନ୍ଦେହ ଏବଂ ଆଶଙ୍କା ସୃଷ୍ଟି ହେବ। ଦେବେନ୍ଦ୍ର ଫଡ଼ନାବିସ ଜଣେ ଯୁବ ନେତା ଏବଂ ତାଙ୍କର ଲୋକପ୍ରିୟତା ରହିଛି। ୨୦୧୯ରେ ତାଙ୍କୁ ଜନସମର୍ଥନ ମିଳିଥିଲା। ଏଥର ନିର୍ବାଚନରେ ମଧ୍ୟ ବିଜେପି ପକ୍ଷରୁ ତାଙ୍କ ଫଟୋ ସହିତ ପ୍ରଚାର କରାଯାଇଥିଲା ଯେ, ଏନଡିଏ ଜିତିଲେ ସେ ହେବେ ମୁଖ୍ୟମନ୍ତ୍ରୀ। ତେଣୁ ତାଙ୍କୁ ମଧ୍ୟ ଅଣଦେଖା କରାଯାଇପାରିବନି। ତାଙ୍କୁ ଉଚିତ ସମ୍ମାନ ଏବଂ ସ୍ୱୀକୃତି ମିଳିବା ଉଚିତ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏନଡିଏର ସଫଳତା ପଛରେ ତାଙ୍କର ଭୂମିକା ସବୁଠାରୁ ମହତ୍ୱପୂର୍ଣ୍ଣ ଥିଲା। ତାଙ୍କୁ ପରବର୍ତ୍ତୀ ପିଢ଼ିର ସବୁଠାରୁ ପ୍ରଭାବଶାଳି ନେତାଭାବେ ବିବେଚନା କରାଯାଉଛି। ତାଙ୍କୁ ଗୌଣ କରାଯାଇପାରିନି।

## ସମ୍ପାଦକଙ୍କୁ ପତ୍ର

### ଭୂତଳ ରାସ୍ତା ନିର୍ମାଣ ହେଉ

**ମହାଶୟ,**

ରାଜଧାନୀ ଭୁବନେଶ୍ୱରର ଏକ ପ୍ରମୁଖ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନ ହେଲା ରାଜମହଲ ଛକ। ଏଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏକ ଫ୍ଲାଏ ଓଭରବ୍ରିଜ ନିର୍ମିତ ହେଲା। ବାପୁଜୀନଗର ପାଣିଟାଙ୍କିଠାରୁ ଆରମ୍ଭ ହୋଇଥିବା ଏହି ଓଭର ବ୍ରିଜ ଏକନମ୍ବର ହାଟ ନିକଟ ଏସବିଆଇନିକଟରେ ଶେଷ ହୋଇଛି। ଆଶା କରାଯାଉଥିଲା ଯେ, ଏହା ଦ୍ୱାରା ରାଜମହଲରେ ଟ୍ରାଫିକ ସମସ୍ୟା ଦୂର ହୋଇଯିବ। କିନ୍ତୁ ଏବେ ବି ରାଜମହଲା ଛକରେ ଟ୍ରାଫିକ ସମସ୍ୟା ରହିଛି। ବରଂ ଏହା ପୂର୍ବାପେକ୍ଷା ଅଧିକ ଜଟିଳ ହୋଇଛି। ପୂର୍ବରୁ ଯୋଜନା ଥିଲା ଯେ, ଶିଶୁଭବନଛକରୁ ମାଷ୍ଟରକ୍ୟାଣ୍ଟିନ ଦିଗକୁ ଯାଉଥିବା ଗାଡ଼ି ମୋଟର ନିମନ୍ତେ ରାଜମହଲା ଛକରେ ଏକ ଭୂତଳ ରାସ୍ତା ନିର୍ମାଣ କରାଯିବ। ଏଥିଲାଗି କାମ ଆରମ୍ଭ ହୋଇଯାଇଥିଲା ମଧ୍ୟ। କିନ୍ତୁ କ'ଣ ପାଇଁ ଏହାକୁ ବାତିଲ କରାଗଲା ତାହା ବୁଝି ହେଉନି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରାଯିବା ଉଚିତ। ସ୍ଥାନୀୟ ସାଂସଦ ଓ ବିଧାୟକ ଏଥିପ୍ରତି ଦୃଷ୍ଟିଦେବେ ବୋଲି ଅନୁରୋଧ। ଏଥିଲାଗି ଅର୍ଥର ଅଭାବ ନାହିଁ। କେବଳ ନିଷ୍ପତ୍ତିକୁ ଅପେକ୍ଷା।

**ଯାଜ୍ଞସେନୀ ମହାପାତ୍ର**
**ୟୁନିଟ-୨, ଭୁବନେଶ୍ୱର**

# ମୋହନ ସରକାରରେ ମୂଲିଆର ଜୀବନ



**ସତୀଶ ବିଶ୍ୱାଳ**

ନିଜର ରକ୍ତକୁ ଝାଳ କରି ନିଗାଡ଼ି ଦେଉଥିବା ଶ୍ରମିକର ଶ୍ରମ ହିଁ ଦେଶର ପ୍ରଗତିର ମୂଳ ଏବଂ ଦେଶର ବିକାଶକୁ ଗତିଶୀଳ କରିଥାଏ। ଶ୍ରମିକର ହାତ ବନ୍ଦ ହୋଇଗଲେ ଶୌଚାଳୟ, ରାସ୍ତାଠାରୁ ଉଡାଜାହଜ ନିର୍ମାଣ ପର୍ଯ୍ୟନ୍ତ ସବୁ କିଛି ଠପ ହୋଇଯାଏ। ହେଲେ ସେହି ଶ୍ରମିକର ସ୍ୱାର୍ଥରକ୍ଷା ତ ଦୂରର କଥା ତାର ଜୀବନ ପାଇଁ ବି ବ୍ୟବସ୍ଥା ଅନ୍ଧ, ମୂକ ଓ ବଧୀର ସାଜିବା ଏକ ଜନମଙ୍ଗଳ ରାଷ୍ଟ୍ର ପାଇଁ ଚରମ ଉପହାସ।

କିଛିଦିନ ମଧ୍ୟରେ ରାଜ୍ୟରେ କେତେକ କ୍ଷେତ୍ରରେ ଶ୍ରମିକଙ୍କୁ ମରଣ ମୁହଁକୁ ଠେଲି ଦେବାର ଘଟଣାକୁ ବିଚାରକୁ ନିଆଯାଉ। ଗତ ମେ ୧୫ ତାରିଖ ବିଳମ୍ବିତ ରାତିରେ ଧର୍ମଶାଳା ତହସିଲ ଅଧୀନରେ ଥିବା ଡଙ୍କାରୀ ପାହାଡରେ ବେଆଇନ ଅସୁରକ୍ଷିତ ବିପଦ ଜନକ ବ୍ଲାଷ୍ଟିଂରେ ପାହାଡ ଧସିଯିବାରୁ ହଜାର ହଜାର ଟନ କଳାପଥର ତଳେ ୩ ଶ୍ରମିକଙ୍କ ଜୀବନ ଚାଲିଗଲା। ମୃତ ଶ୍ରମିକମାନେ ହେଲେ ନବରଙ୍ଗପୁର ଜିଲ୍ଲାର ସୁରେଶ ଗୌଡ, ଜଗବନ୍ଧୁ ମାଝୀ ଏବଂ ଶ୍ରୀକାକୁଲମ ଜିଲ୍ଲା ଇଛାପୁର ଅଞ୍ଚଳର ଏମ.ଉମାପତି। ସେହିଦିନ ବିଂଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅଞ୍ଚଳରେ ବୃହତ ଉଠାଜଳସେଚନ ପ୍ରକଳ୍ପ ପାଇପ ବିଛାଇବା ବେଳେ ଚାପି ହୋଇ ତିନି ଶ୍ରମିକଙ୍କ ଅକାଳ ମୃତ୍ୟୁ ଘଟିଲା। ବିନା ସୁରକ୍ଷାରେ ଅନ୍ଧାରରେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରାଯାଇ ଥିବାରୁ ଏଭଳି ଅଘଟଣ ଘଟିଲା। ଗତ ସେପ୍ଟେମ୍ବର ୬ ତାରଖ ଦିନ ବାରଙ୍ଗ ଥାନା ନରଣପୁର ସ୍ଥିତ ଡିଅନ ଆପାର୍ଟମେଣ୍ଟରେ ନିର୍ମାଣାଧୀନ କାରଖାନା ଟାଙ୍କି ଭିତରେ ସେଂଟରିଂର ପଟା ଖୋଲିବା ବେଳେ ଶ୍ୱାସରୁଦ୍ଧ ହୋଇ ୩ ଜଣଙ୍କର ଜୀବନ ଗଲା। ମୃତ ଶ୍ରମିକ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର ଅବୁ ତାହିର ଅଲ୍ଲୀ, ସେକ ଆଲମିନ ଏବଂ ନଦିଆ ଅଞ୍ଚଳର କ୍ରିଷ୍ଟୋ କିଶୋର। ସମସ୍ତଙ୍କ ବୟସ ୩୦ ବର୍ଷ ଭିତରେ। ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ ଛକ ନିକଟରେ ୨୧୫/୫୨୦ ନମ୍ବର ଜାତୀୟ ରାଜପଥରେ ଗତ ଜୁଲାଇ ୧୮ ତାରିଖରେ ପୋଲ ନିର୍ମାଣ କାମରେ ଥିବା ତିନି ଶ୍ରମିକଙ୍କ ଉପରେ ଏକ ଦ୍ରୁତଗାମୀ ଟ୍ରକ ଚଢ଼ିଯିବା ଫଳରେ ମୃତ୍ୟୁ ହେଲା। ମୃତ ଶ୍ରମିକମାନେ ହେଲେ କେ ବଲାଙ୍ଗ ଥାନା ଅଞ୍ଚଳର ତୁଲୁ ପାତ୍ର, ମଦନ ମୁଣ୍ଡାରୀ, ଶୁକ୍ରା ମୁଣ୍ଡାରୀ। କେଉଁଝର ଜିଲ୍ଲା ଯୋଡା ସହରରେ ଥିବା ଟାଟା କମ୍ପାନୀର ପ୍ରୋଜେକ୍ଟ କ୍ୟାମ୍ପରେ କାର୍ଯ୍ୟରତ ଶ୍ରମିକ ଝାଡଖଣ୍ଡ ଗଡୁଆ ଅଞ୍ଚଳର ପିଣ୍ଟୁରାମଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଗତ ୧୦ ନଭେମ୍ବରରେ ଶ୍ରମିକ ମାନେ ପ୍ରତିବାଦ କରିବାରୁ ପୋଲିସ ଲାଠିଚାର୍ଜର ଶୀକାର ହେଲେ। ୨୦୨୩ ଜୁନ ୭ ତାରିଖରେ ଯାଜପୁରରୋଡ ଥାନା ଅନ୍ତର୍ଗତ ବ୍ୟାସନଗର ଚୁନଭାଟି ପ୍ଲଟ ନିକଟରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତ୍ତୁ ବରଣ କରିଥିବା ୬ ଜଣ ଶ୍ରମିକଙ୍କୁ ରେଳ ବିଭାଗ ତରଫରୁ ଗୋଟିଏ ଟଙ୍କା ସହାୟତା ମିଳିଲା ନାହିଁ। ମୃତ ଶ୍ରମିକ ମାନେ ହେଲେ କୋରେଇ ଥାନା ଅନ୍ତର୍ଗତ ବନ୍ଦାଲୋ ପଞ୍ଚାୟତ ବାଲିଆପାଳ ଗ୍ରାମର ସୁଶାନ୍ତ କୁମାର ଜେନା (୫୬ ବର୍ଷ), ପ୍ରଶାନ୍ତ ଜେନା (୫୨ ବର୍ଷ), ଭୀମସେନ ଜେନା, ଗହ୍ଣାରିଆ ଗ୍ରାମର ମାନସ ସାମଲ (୩୬ ବର୍ଷ), ଗୌତମ ସାମଲ (୫୬ ବର୍ଷ) ଓ ମକୁନ୍ଦପୁର ପଞ୍ଚାୟତ ଓଷଳା ଗ୍ରାମର ଦୋଳଗୋବିନ୍ଦ ଜେନା (୫୫ ବର୍ଷ)। ନୂଆପଡ଼ା ଜିଲ୍ଲାରେ ଦାଦନ ସମସ୍ୟା ଅତି ଉତ୍କଟ। ଏହି ଜିଲ୍ଲାର ବୋଡେନ ବ୍ଲକରେ ରାଜ୍ୟ ବାହାରେ କାମ କରିବାକୁ ଯାଇ ଚଳିତ ବର୍ଷ ପ୍ରାୟ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଝାରସୁଗଡାରେ ଥିବା ଓଡ଼ିଶା ମେଟାଲିକ୍ସରେ ଗତ ସେପ୍ଟେମ୍ବର ୧୬ ତାରିଖରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଥିଲେ। ମୃତ କର୍ମଚାରୀଙ୍କ ନାମ ହେଲା ଗଂଜାମର ପୂର୍ଣ୍ଣଚନ୍ଦ୍ର ଜେନା (୩୫ ବର୍ଷ) ଏବଂ ଝାଡଖଣ୍ଡର ଆଲୋକ ଦେଓ (୪୦ ବର୍ଷ)। ଗତ ଜୁଲାଇ ୩୦ ତାରିଖରେ କେଉଁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ଥାନା ଅନ୍ତର୍ଗତ ଆତୁରିକୋଣା ଗ୍ରାମରେ ବେଆଇନ ମୋରମ ଖାଦାନରେ ଥିବା ପାଣିରେ ବୁଡିଯାଇ ଶ୍ରମିକ ପରିବାରର ତିନି ଶିଶୁଙ୍କ ଜୀବନ ଗଲା। ମୃତକମାନେ ହେଲେ ଆତୁରିକୋଣା ଗ୍ରାମର ଗୌରାଙ୍ଗ ପାତ୍ରଙ୍କ ଝିଅ ପାୟଲ ( ୪ ବର୍ଷ), କେଦଣ୍ଡ ପାତ୍ରଙ୍କ ଝିଅ ଭାରତୀ (୫ ବର୍ଷ), ଦୀନବନ୍ଧୁ ପାତ୍ରଙ୍କ ଝିଅ ଭାରତୀ (୫ ବର୍ଷ)।

୩୧ ମେ ୨୦୨୩ ମସିହାରେ ଯାଜପୁର ଜିଲ୍ଲା ଜେନାପୁର ଥାନା ଚଢେଇଧରା ଫାଣ୍ଡି କାଛକୁ ଲାଗିକି ଲୁଣିବେର ପାହାଡରୁ ବେଆଇନ କଳାପଥର ଲୁଟରେ କାର୍ଯ୍ୟରତ ଦୁଇ ଶ୍ରମିକଙ୍କ ମୃତ୍ୟୁ ହେଲା। ଏହି ଘଟଣାରେ ଭିଜିଲାନ୍ସ ଏବଂ ଖଣି ବିଭାଗ ସିଧାସଳଖ ସମ୍ପୃକ୍ତ ପଥର ମାଫିଆଙ୍କୁ ଲିଖିତ ପତ୍ରରେ ଦାୟୀ କରିଥିଲେ। ହେଲେ ଅଦ୍ୟାବଧି ସମ୍ପୃକ୍ତ ମାଫିଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆଇନର ଗଳାବାଟ ଦେଇ ଅଭିଯୁକ୍ତ ମାଫିଆ, ପ୍ରଶାସନ ଓ ପୋଲିସ ଖସି ଯାଉଛି। କୌଣସି କ୍ଷେତ୍ରରେ ଶ୍ରମିକ



ପରିବାର ନ୍ୟାୟ କିମ୍ବା କ୍ଷତିପୂରଣ ପାଉ ନାହାନ୍ତି। କେହି ବି ଅଧିକାରୀ କିମ୍ବା ସମ୍ପୃକ୍ତ ଅଭିଯୁକ୍ତ ଗିରଫ ହେଉନାହାନ୍ତି। ଧର୍ମଶାଳାର ଡଙ୍କାରୀରେ ୩ ଶ୍ରମିକ ମୃତ୍ୟୁ ଘଟଣାରେ ମୋର ଅଭିଯୋଗ ଆଧାରରେ ମହାମହିମ ରାଜ୍ୟପାଳ, ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ପରେ ପରିସ୍ଥିତିର ବାଧ୍ୟବାଧକତାରେ ଖାଦାନ ଲିଜଧାରୀଙ୍କ ନାମରେ କଠୋର ଦଫାରେ କେସ ରୁଜୁ ହେବା ସହ ବହୁକୋଟି ଟଙ୍କା ଜରିମାନା ମଧ୍ୟ ହୋଇଛି। ହେଲେ ଖୋର୍ଦ୍ଧାର ଟାଙ୍ଗୀ ତହସିଲ ଅନ୍ତର୍ଗତ ଡମଣଭୂଇଁ ମାଙ୍କଡାପଥର ଖାଦାନରେ ଅଧିକ ୨ କୋଟି ଟଙ୍କାର ଖନନ ପାଇଁ ପରିବେଶଗତ କ୍ଷତି କାରଣରୁ ୯୬ କୋଟି ଜରିମାନା ହୋଇଥିବା ବେଳେ ଏ କ୍ଷେତ୍ରରେ ସମୁଦ୍ରରୁ ଶଙ୍ଖେ ହୋଇଛି।

ଧର୍ମଶାଳାର ରାହାଡପୁର କଳାପଥର ଖାଦାନରେ ଗତ ୧୪ ସେପ୍ଟେମ୍ବରରେ ପଥର ତଳେ ଚାପି ହୋଇ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ନୁଆପାଢ଼ୀ ଗ୍ରାମର ଅଜୁ ସିଂ ନାମକ ଶ୍ରମିକଙ୍କ ମୃତ୍ୟୁ ହେଲା। ପରିବାରର ଭୋକର ଦାଉ ସହି ନପାରି ଅଜୁ ତାର ନବ ବିବାହିତା ପତ୍ନୀକୁ ଛାଡି ଆସିଥିଲା। ଅଜୁକୁ ବିପଦ ଜନକ ଭାବେ କାମ କରିବାକୁ ପଥର ଖାଦାନକୁ ଠେଲି ଦିଆଗଲା। ଭୋକର ଯନ୍ତ୍ରଣା ନିକଟରେ ବିପଦଜନକ କାର୍ଯ୍ୟର ଭୟ ହାରି ଯାଇଥିଲା। ପଥର ଅତଡା ତଳେ ଅଜୁର ଜୀବନ ଗଲା। ବହୁ ସମୟ ପଥର ତଳେ ଅଜୁ ବଞ୍ଚିବାକୁ ସଂଘର୍ଷ କରିଥିଲେ ବି ତାକୁ ଡାକ୍ତରଖାନା ନିଆଗଲା ନାହିଁ। ଶେଷକୁ ପରିସ୍ଥିତିର ଚାପରେ ଅଜୁର ମୃତ୍ୟୁ ପରେ ତାର ଶବକୁ ଡାକ୍ତରଖାନା ନିଆଗଲା। ଶତାଧିକ ଟ୍ରକ ଏବଂ କମ୍ପ୍ରେସର ବ୍ୟବହାର କରାଯାଇ ଏହି ପାହାଡରୁ ସମ୍ପୂର୍ଣ୍ଣ ବେଆଇନ ଭାବେ କଳାପଥର ଲୁଟ ଚାଲିଥିଲା। ଏତେସବୁ ପ୍ରମାଣ ଥାଇ ବି ଜେନାପୁର ଥାନା ପୋଲିସ କେବଳ କେସ ଟିଏ ରୁଜୁ କରିଦେଇ ହାତବାନ୍ଧି ବସିଛି। ପୂର୍ବ ଶ୍ରମିକ ମୃତ୍ୟୁ ପରି ଏଥର ଘଟଣାକୁ ଭିନ୍ନ ଦୃଷ୍ଟିରେ ଦେଖାଗଲା। କାରଣ ଏହି ଶ୍ରମିକ ମୃତ୍ୟୁ ଘଟଣା ବେଳକୁ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାପରେ ମା ତାରିଣୀଙ୍କୁ ଦର୍ଶନ କରି କେଉଁଝରର ସଭାରେ ସିଧାସଳଖ ଦୁର୍ନିତିଗ୍ରସ୍ତ ଏବଂ ଖଣି ମାଫିଆଙ୍କୁ ବଜ୍ର ଗମ୍ଭୀର ସ୍ୱରରେ ଟାର୍ଗେଟ କରି ସେମାନଙ୍କୁ ଛଡା ଯିବନାହିଁ ବୋଲି କହିଥିଲେ। କେବଳ ମୁଖ୍ୟମନ୍ତ୍ରୀ କାହିଁକି କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ସରକାର ମଧ୍ୟ ଆଦିବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ଆଦିବାସୀଙ୍କ ପ୍ରତି ନିଜର ଶ୍ରଦ୍ଧା ଓ ସମ୍ମାନ ପାଇଁ ଜଣେ ଆଦିବାସୀଙ୍କୁ ଭାରତର ରାଷ୍ଟ୍ରପତି କରାଗଲା ବୋଲି କୁହାଗଲା। ଏ କ୍ଷେତ୍ରରେ ଜଣେ ଆଦିବାସୀ ଶ୍ରମିକର ଜୀବନ ଯାଇନାହିଁ ବରଂ ତାକୁ ମରଣ ମୁହଁକୁ ଠେଲି ଦିଆ ଯାଇଛି। ଆଦିବାସୀ ଶ୍ରମିକ ଅଜୁର ନବବାହିତା ଗର୍ଭବତୀ ପତ୍ନୀର ଗର୍ଭ ଯନ୍ତ୍ରଣା ଠାରୁ ବଳି ପଡ଼ିଛି ସ୍ୱାମୀର ଅକାଳ ମୃତ୍ୟୁର ଦୁଃଖ। ବିଚରା ପତ୍ନୀର ଏହି ଦୁଃଖରେ ବୋହି ପଡୁଥିବା ଲୁହରେ ତକିଆ ଭିଜୁଥିଲା ହେଲେ ରାତିରେ ଆଖିକୁ ନିଦ ହଜିଗଲା। ପରିବାରରେ ବାପା, ମାଆ, ଭାଇଙ୍କ ଆଖିରୁ ଲୁହ ଶୁଖୁନାହିଁ। ଅଜୁ ପରି ନିରୀହ, ଗରୀବ, ଅସହାୟ ଶ୍ରମିକ ମାନଙ୍କର ନିଜର ଆତ୍ମୀୟଙ୍କ ମୃତ୍ୟୁ ପାଇଁ କିଛି କରିବାର ବାଟ ବି ନଥାଏ। ଲୁହ ସହ ବୁଝାବଣା ପରି ନିଜର ଆତ୍ମୀୟଙ୍କୁ ମରଣ ମୁହଁକୁ ଠେଲି ଦେଇ ଜୀବନ ନେଇଥିବା ହତ୍ୟାକାରୀ ମାଫିଆଙ୍କ ସହ ସାଲିସ କରିବାକୁ ଏହି ଶ୍ରମିକ ପରିବାର ଗୁଡିକ ବାଧ୍ୟ ହୋଇଥାନ୍ତି।

ସରକାର ବଦଳିଲା ପରେ କାନ୍ଥ ବାଡରେ ରଙ୍ଗ ବଦଳିଲା। ହେଲେ ବ୍ୟବସ୍ଥା ବଦଳିଲା ନାହିଁ। ସେ ସରକାରରେ ଯୋଉ ମାଫିଆମାନେ ଲୁଟୁଥିଲେ ଏବଂ ଶ୍ରମିକଙ୍କ ରକ୍ତରେ ହୋଲି ଖେଳୁଥିଲେ ଏ ସରକାରରେ ସେହି ମାଫିଆମାନେ କେବଳ ରଙ୍ଗ ବଦଳାଇ ସମାନ କାମ କଲେ। ଅଜୁ ପରି ଶ୍ରମିକ ମୃତ୍ୟୁ ନେଇ ମୁଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପରେ ତତକ୍ଷଣାତ ମୟୁରଭଞ୍ଜ ଓ ଯାଜପୁର ଜିଲ୍ଲାପାଳଙ୍କୁ ଘଟଣା ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇ ମୋତେ ଜଣାଇ ଦିଆଗଲା। ହେଲେ ଫଳ ଶୂନ। ତତ୍କାଳୀନ କିମ୍ବା ଆଜିର ମୁଖ୍ୟମନ୍ତ୍ରୀ ଏଭଳି କାର୍ଯ୍ୟକୁ ପ୍ରଶୟ ଦେଉ ନାହାନ୍ତି। ତଥାପି ଆଜି ବି ଅଜୁ ପରି ଶ୍ରମିକ ମୃତ୍ୟୁ ଘଟଣାକୁ ଚାପି ଦେବା ଖୁସିର ସଫଳତା ପାଇଁ ନେତା, ପ୍ରଶାସନ, ପୋଲିସ ଓ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଦରବାର ଚାଲେ। ମଦଗ୍ଲାସ ଓ ବାର ଡ୍ୟାନ୍ସ ଭିତରେ ଚାଲୁଥିବା ଏହି ଦରବାରରେ ବି ଜାତିର ପିତା ମହାତ୍ମା ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀଙ୍କ ଅସହାୟ ଫଟୋ ଚିତ୍ର ଦୁଇଟି ଶୋଭା ପାଉଥାଏ। ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ଶାସନ କହୁଥିବା ଗଣତନ୍ତ୍ରର ଦୟନୀୟ ରୂପ ଭିତରେ ଧର୍ମ କାନ୍ଦୁଥାଏ। ତଥାପି ଜୁଲୁ ଜୁଲିଆ ପୋକ ପରି ଦିଶୁଥିବା ପାଉଁସ ତଳର ନିଆଁ ପାପର ସାମ୍ରାଜ୍ୟକୁ ପୋଡି ପାଉଁସ କରିବାର 'ଓଁ' କାର ଶବ୍ଦ ଶୁଭୁଥାଏ। ବ୍ୟବସ୍ଥାର ଅଧୋଗତି ଭିତରୁ ପ୍ରଶ୍ନ ଉଠୁଥାଏ-ଶ୍ରମିକ ତଥା ମୁଲିଆର ଜୀବନ ମୂଲ୍ୟହୀନ!

**ସଭାପତି, ଭୂମୀପୁତ୍ର ବିଜୁ ପଟ୍ଟନାୟକ ଶ୍ରମିକ ସଂଘ, ଧର୍ମଶାଳା**
**ମୋବାଇଲ୍: ୯୪୩୭୦୧୯୧୧୭**

# ମହାରାଷ୍ଟ୍ରର ମହାବିଜୟ



**ସୁବାସ ଷଡଙ୍ଗୀ**

ନିର୍ବାଚନ ଅନେକ ସତକଥା ପଦାରେ ପକାଇଦିଏ। କିଏ ବା କେଉଁଦଳ ଏହାକୁ ଗ୍ରହଣ କରୁ ବା ନକରୁ। ସଦ୍ୟ ସମାପ୍ତ ହୋଇଥିବା ମହାରାଷ୍ଟ୍ର ଓ ଝାଡଖଣ୍ଡ ବିଧାନସଭା ନିର୍ବାଚନା ଫଳାଫଳ ପୁଣି ଥରେ ରାଜନୀତିର ବିଭିନ୍ନ ଗଣିତକୁ ବଦଳାଇ ଦେଇଛି। ସବୁ କଳନ୍ନା ବା ଆକଳନକୁ ପଛରେ ପକାଇ ବିଜେପି ଓ ଏହାର ସହଯୋଗୀ ଦଳକୁ ସଂଖ୍ୟାଗରିଷ୍ଠତା ମିଳିଛି। ଏଭଳି ସଫଳତା ମିଳିବ ବୋଲି ବିଜେପି ବା ଏହାର ସହଯୋଗୀ ଦଳ ବା ବିରୋଧୀ ଦଳମାନେ ଭାବି ପାରି ନଥିଲେ। ନିଜେ ବିଜେପି ମଧ୍ୟ ଏଭଳି ସଫଳତାରେ ହତବାକ। ସାମ୍ବାଦିକମାନେ ମଧ୍ୟ ତାଜୁବ। ମୋଟାମୋଟି କହିବାକୁ ଗଲେ ଯେଉଁମାନେ ନିର୍ବାଚନ ପୂର୍ବରୁ ଆକଳନ କରି ସାମ୍ବାଦିକମାନଙ୍କୁ ବସାଇ ଆଲୋଚନା କରୁଥିଲେ, ସେମାନେଙ୍କ ସବୁ ସ୍ୱପ୍ନକୁ ଭୋଟର ଚକମା ଦେଇଛନ୍ତି।

ତେବେ ଅନେକ କହୁଛନ୍ତି, ମହାରାଷ୍ଟ୍ରରେ ବିଜେପି ଓ ଏହାର ସହଯୋଗୀ ଦଳର ସଫଳତା ପାଇଁ ଟଙ୍କା ଦାୟି। ଅର୍ଥ ସବୁକିଛି କରିପାରେ। କୁବେରକୁ ନିର୍ଦ୍ଧନ ଓ ଗରିବକୁ ଧନୀ କରିଦେଇପାରେ। ରଙ୍କକୁ ରାଜା କରିବାକୁ ବେଶି ସମୟ ଲାଗେ ନାହିଁ। କଥାଟି ବୁଝିବାକୁ ବେଶି ଚିନ୍ତା କରିବାକୁ ପଡ଼ିବ ନାହିଁ। ଲୋକସଭା ନିର୍ବାଚନରେ କିଛିଟା ସଫଳତା ପାଇ ମହାରାଷ୍ଟ୍ର ବିରୋଧୀ ଦଳ ନିଜ ବିଜୟ ପାଇଁ ସ୍ୱପ୍ନ ଦେଖିବା ଆରମ୍ଭ କରିଦେଇଥବଲେ। ଅପରପକ୍ଷରେ ନିଜର ଭୋଟ ହାର କମିବା ଜାଣି ବିଜେପିମେଣ୍ଟ ସରକାର ଏକ ନୂଆ ଯୋଜନା ଆଣିଲା। ଏହା ପୂର୍ବରୁ ବିଜେପି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରି କରି ବେଶ ସଫଳତା ପାଇସାରିଥିଲା। ତାହା ହେଲା ମହିଳା ଭୋଟରଙ୍କୁ ନିଜ ପକ୍ଷକୁ ଆଣିବା। 'ଲାଡଲି ବେହେନ' ଯୋଜନାରେ ୧୮ରୁ ୬୦ ବର୍ଷର ମହିଳାଙ୍କ ମାସିକ ଦେଢ଼ ହଜାରଟଙ୍କା ଦେବାର ଯୋଜନା। ମାସକୁ ଦେଢ଼ ହଜାର ଟଙ୍କା ୪.୭ କୋଟି ମହିଳାଙ୍କୁ ଦେବା କିଛି କମ କଥା ନୁହେଁ। କିନ୍ତୁ ଭୋଟ ପାଇଁ ମହାରାଷ୍ଟ୍ର ସରକାର ଏହାକୁ କାର୍ଯ୍ୟକାରି କଲେ ଓ ନିର୍ବାଚନରେ ସଫଳତା ପାଇଲେ। ଶତକଡା ୬୬ ଭାଗ ହେଉଛନ୍ତି ମହିଳା ଭୋଟର। ଏମାନେ ଲୋକସଭା ନିର୍ବାଚନରେ ଯେତିକି ଭୋଟ ଦେଇଥିଲେ, ତା ଠାରୁ ଶତକଡା ୬ ଭାଗ ଅଧିକ ଭୋଟ ଦେଇଥିଲେ, ବିଧାନସଭା ନିର୍ବାଚନରେ ଯାହା ସିଧାସଳଖ ବିଜେପି ଓ ଏହାର ସହଯୋଗୀ ଦଳକୁ ଯାଇଥିଲା। ସିଧା ସଳଖ ୬ ଭାଗ ଭୋଟ ବଢ଼ିଯିବା କିଛି କମ କଥା ନୁହେଁ। ଏହା ସହିତ ସୋୟାବିନ ଓ କପା ଚାଷୀମାନଙ୍କୁ ନୂଆ ପ୍ୟାକେଜ ଦେଇ ସିନ୍ଦେ ସରକାର ପୁଣି ଥରେ ସେମାନଙ୍କୁ ନିଜ ପକ୍ଷକୁ ଆଣିବାକୁ ସକ୍ଷମ ହେଲେ। କିନ୍ତୁ ଅପରପକ୍ଷରେ ବିରୋଧୀ ମେଣ୍ଟ କେବଳ ଲୋକସଭା ଭୋଟକୁ ନେଇ ନିଜ ସଫଳତା ଚିନ୍ତା କଲେ।

ଆଗରୁ ବିଭିନ୍ନ ଲେଖାରେ ମୁଁ ବାରମ୍ବାର କହି ଆସିଛି ଆଉ ଜିନିଷ



ନୁହେଁ, ଆମକୁ ନଗଦ ଟଙ୍କା ଦରକାର। ସେଇ ଟଙ୍କା ଦେଇ ମହିଳା ଭୋଟକୁ ନିଜ ସପକ୍ଷକୁ ଅଣାଯାଇପାରେ। ମଧ୍ୟପ୍ରଦେଶରୁ ଆରମ୍ଭ ହୋଇଥିବା ଏଇ ଧରା ସଦ୍ୟ ଶେଷ ହୋଇଥିବା ଓଡ଼ିଶା ନିର୍ବାଚନରେ ଚକମା ଦେଖାଇବାକୁ ସମର୍ଥ ହୋଇ ସାରିଛି।

ମହାରାଷ୍ଟ୍ର ନିର୍ବାଚନରୁ ଆଉ ଏକ ଶିକ୍ଷା ମିଳିଛି, ତାହା ହେଉଛି, ଆଉ ଏଣିକି ବେଶୀଦିନ କୌଣସି ଗୋଟିଏ ପାରିବାରିକ ଶାସନ ଚାଲି ପାରିବ ନାହିଁ। ଆନ୍ଧ୍ରପ୍ରଦେଶ ପରେ ଏବେ ମହାରାଷ୍ଟ୍ରରେ ସେଇ ଶିକ୍ଷା ମିଳିଛି। ଆନ୍ଧ୍ରରେ ଏନଟି ରାମାରାଓଙ୍କୁ ତାଙ୍କ ନିଜ ଜ୍ୱାଇଁ ଦଳରୁ ଦୂରେଇ ଦେଇ ସବୁ ଦାଇତ୍ୱ ନିଜ ହାତକୁ ନେଇଥିଲେ। ଏପରିକି ଏନଟି ରାମାରାଓ ପରବର୍ତ୍ତୀ ସମୟରେ ସେ ହିଁ ତେଲଗୁ ଦେଶମ ନେତା ବୋଲି ଯେତେ କହିଲେ ମଧ୍ୟ ଲୋକମାନେ ତାହା ଗ୍ରହଣ କରି ନଥିଲେ। ବରଂ ଚନ୍ଦ୍ରବାବୁ ନାଇଡୁଙ୍କୁ ନେତାଭାବରେ ଗ୍ରହଣ କରିନେଇଥିଲେ। ଠିକ ସେମିତି ମହାରାଷ୍ଟ୍ରରେ ଶରଦ ପାୱାରଙ୍କ ନିଜ ପୁତୁରା ତାଙ୍କ ହାତରୁ କ୍ଷମତାକୁ ଛଡାଇ ନେଇଛନ୍ତି। ଅଜିତଙ୍କୁ ଦଳର ସଂଖ୍ୟାଧିକ ବିଧାୟକ ଏବଂ ସାଂସଦ ଗ୍ରହଣ କରିନେଇଛନ୍ତି। ଶରଦ ପାୱାର ଏହାକୁ ଗ୍ରହଣ କରିନେବାର ଥିଲା। କାରଣ ଲୋକମାନେ ଏହାହିଁ ଚାହୁଁଥିଲେ। କିନ୍ତୁ କୌଣସି କାରଣରୁ ହେଉ ଶରଦ ପାୱାର ନିଜେ ନିଜର ଅସ୍ତିତ୍ୱ ହରାଇବାକୁ ଯାଉଛନ୍ତି। ଏବେବି ବେଳ ଅଛି, ନିଜେ ନିଜର ସମ୍ମାନ ରକ୍ଷା କରି ଦଳକୁ ଏକ କରାଇ ନିଅନ୍ତୁ।

ଶିବସେନା ମଧ୍ୟ। ଲୋକେ କଣ ଚାହାନ୍ତି? ଶିବସେନା ଏଥିରୁ ଶିକ୍ଷା ଲାଭ କରିବା ଦରକାର। ନିଜର କ୍ଷମତା ଲୋଭ କିପରି ଭାବରେ ନିଜର ଅସ୍ତିତ୍ୱ ସଂକଟ ସୃଷ୍ଟି କରିପାରେ, ତାହା ଶିବ ସେନା ଜାଣିବା ଦରକାର। ଶିବ ସେନା ଠାକରେଙ୍କ ସମୟରୁ ବିଜେପିକୁ ସମର୍ଥନ କରିଆସୁଥିଲା। ଦଳ ଓ କର୍ମୀ ଜାଣିଥିଲେ, ଏକାକି ନିର୍ବାଚନ ଲଢ଼ି କ୍ଷମତା ଦଖଲ କରିବା ସହଜ ନୁହେଁ। କିନ୍ତୁ, କ୍ଷମତା ଲୋଭ ଆଜି ପରାଜୟକୁ ଡାକି ଆଣିଛି। ସବୁଠାରୁ ବଡ କଥା ହେଲା, ବିଜେପି ଓ ପ୍ରଧାନମନ୍ତ୍ରୀଙ୍କ ପତିଆରା ବୃଦ୍ଧି। ଲୋକସଭା ନିର୍ବାଚନରେ ଭୋଟ କମିଥିଲେ ମଧ୍ୟ ଏଇ ନିର୍ବାଚନରେ ନିଜ ପତିଆରା ବିଧାନସଭା ନିର୍ବାଚନରେ ବଢ଼ାଇବାକୁ ସକ୍ଷମ ହୋଇ ପାରିଛନ୍ତି। ନିଜର ପତିଆରା ବଢ଼ାଇବାର କୌଶଳ ବିଜେପିକୁ ଭଲଭାବେ ଜଣା। ମହାରାଷ୍ଟ୍ର ନିର୍ବାଚନ କିଛି ଛୋଟିଆ କଥା ନୁହେଁ। ଭାରତର ବମ୍ବେ ହେଉଛି ଆର୍ଥିକ ରାଜଧାନୀ। ବଡ ରାଜ୍ୟ। ଏଣୁ ଏହାର ପ୍ରଭାବ ଅନ୍ୟ ରାଜ୍ୟ ଉପରେ ପଡ଼ିବା ସ୍ୱାଭାବିକ। ଝାଡଖଣ୍ଡ ଏକ ଛୋଟିଆ ରାଜ୍ୟ। ଏଣୁ ଏହାକୁ ମହାରାଷ୍ଟ୍ର ସହିତ ତୁଳନା କରାଯାଇନପାରେ।

ମହାରାଷ୍ଟ୍ରରେ ଏବେ ଦୁଇ ଦଳ ଏନସିପି ଓ ଶିବସେନା ଅସ୍ତିତ୍ୱ ସଂକଟରେ। ଦୁଇ ବଡ ନେତା ଶରଦ ପାୱାର ଏବ ଉଦ୍ଧବ ଠାକରେ ନିଜର ହୃତଗୌରବ ଫେରାଇ ଆଣିବାକୁ ସମର୍ଥ ହେବେ କି ନାହିଁ, ତାହା କେବଳ ସମୟ କହି ପାରିବ।

**ମୋବାଇଲ୍: ୯୪୩୯୬୫୨୩୨୨**

# ଭାରତୀୟ ସମ୍ବିଧାନ ଗୃହୀତ



**ଯଶସ୍ୱିନୀ ପଟ୍ଟନାୟକ**

୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ସଭାରେ ଭାରତୀୟ ସମ୍ବିଧାନ ଗୃହୀତ ହୋଇଥିଲା। ସମ୍ବିଧାନ ପ୍ରଣେତା ବି.ଆର ଆମ୍ବେଦକର ସମ୍ବିଧାନ ସଭାରେ ଏହି ଚିଠା ଆଗତ କରିଥିଲେ। ସେପ୍ଟେମ୍ବର ୨ରେ ଅନ୍ତରୀଣ ସରକାର ଗଠନ କରାଯାଇଥିଲା। ଡିସେମ୍ବର ୯ରେ ସମ୍ବିଧାନ ସଭାର ପ୍ରଥମ ଅଧିବେଶନ ବସିଥିଲା। ଏଥିରେ ୨୦୭ ସଦସ୍ୟ ଯୋଗଦେଇଥିଲେ। ୧୯୪୭ ପ୍ରାରମ୍ଭରେ ସମ୍ବିଧାନ ସଭାରେ ମୁସଲିମ୍ ଲିଗ୍ ଓ ଅନ୍ୟ ସ୍ୱାଧୀନ ରାଜ୍ୟର ପ୍ରତିନିଧିମାନେ ଯୋଗ ଦେଇଥିଲେ। ୧୯୫୦ ଜାନୁଆରୀ ୨୬ରେ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଏହି ଦିନକୁ ସାଧାରଣତନ୍ତ୍ର ଦିବସ ଭାବେ ଦେଶରେ ପାଳନ କରାଯାଉଛି। ସେହି ସମ୍ବିଧାନ ସଭା ପରବର୍ତ୍ତୀ ସମୟରେ ପାର୍ଲାମେଣ୍ଟର ରୂପ ନେଇଥିଲା। ସମ୍ବିଧାନ ଅନୁସାରେ ୧୯୫୨ରେ ପ୍ରଥମ ନିର୍ବାଚନ ପରଠାରୁ ପାର୍ଲାମେଣ୍ଟାରୀ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି।

ତେବେ ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶର ହସ୍ତ ଲିଖିତ ସମ୍ବିଧାନ ନିଜେ ଏକ ଆଶ୍ଚର୍ଯ୍ୟ। ତେବେ ଆଉ ଏକ ରୋଚକ ଘଟଣା



ଆମେ ଏଠାରେ ଉପସ୍ଥାପନ କରୁଛୁ। ଅନେକ ହୁଏତ ଜାଣିନଥିବେ ଛତିଶଗଡ଼ ବସ୍ତର ଜିଲ୍ଲା ଅନ୍ତର୍ଗତ ବୁରୁଙ୍ଗପାଳ ଗ୍ରାମରେ ଭାରତୀୟ ସମ୍ବିଧାନର ମନ୍ଦିର କରାଯିବା ସହ ଏହାର ପୂଜା କରାଯାଉଛି। ୧୯୯୬ ଡିସେମ୍ବର ୨୪ରୁ ଗ୍ରାମବାସୀ ଏହି ମନ୍ଦିରକୁ ପ୍ରତିଷ୍ଠା କରିବା ସହ ଛଅଫୁଟ ଉଚ୍ଚ ଓ ଦଶଫୁଟ ଚଉଡାର ଏକ କାନ୍ଥରେ ଭାରତୀୟ ସମ୍ବିଧାନରେ ଅନୁସୂଚୀତ ଅଞ୍ଚଳ ପାଇଁ ଗ୍ରାମସଭାର ଶକ୍ତି ଆଦି ସମ୍ପର୍କିତ ତଥ୍ୟ ମଧ୍ୟ ଲିଖିତ ରହିଛି। ସେହିଭଳି ହିମାଚଳ ପ୍ରଦେଶର କୁଲୁ ଅନ୍ତର୍ଗତ ମଲାଣା ଗ୍ରାମରେ ରହିଛି ସମ୍ବିଧାନ ଦିବସର ସ୍ମୃତି। ଏଠାରେ ଗ୍ରାମବାସୀମାନେ ସ୍ୱତନ୍ତ୍ର ଭାବେ ଏକ ସଂସଦ ପ୍ରତିଷ୍ଠା କରିବା ସହ ଏହି ଗାଁକୁ ଛୋଟ ଗ୍ରୀସ ଭାବେ ସମସ୍ତେ ଜାଣନ୍ତି। ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶ ପାଇଁ ଆମ ସମସ୍ତଙ୍କ ଭିତରେ ଗଣତନ୍ତ୍ର ପ୍ରତି ଭଲ ପାଇବା ଓ ଗଣତନ୍ତ୍ରକୁ ସମ୍ମାନ ଦେବା ପାଇଁ ପ୍ରତିବଦ୍ଧତା ବୃଦ୍ଧି ପାଇବା ହେଉଛି ଆଜିର ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ**
**ସେକ୍ଟର-୮, ସିଡିଏ, କଟକ**

# ମହାରାଷ୍ଟ୍ର ନେତୃତ୍ୱ ନେଇ ମୋଦି-ଶାହା ନିଷ୍ପତ୍ତି ନେବେ



**ମୁମ୍ବାଇ,୨୭।୧୧:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାଯୁତି ବିପୁଳ ବିଜୟ ହାସଲ କରି ସରକାର ଗଠନ କରିବାକୁ ଯାଉଥିବା ବେଳେ କିଏ ଏହାର ନେତୃତ୍ୱ ନେବ, କିଏ ହେବ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ସେଥିନେଇ ସସପେନ୍ସ ଜାରି ରହିଛି। ୨୮୮ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ମହାଯୁତି ୨୩୫ ଆସନ ପାଇଥିବା ବେଳେ ବିଜେପି ଏକାକୀ ୧୩୨ ଆସନ ହାସଲ କରି ବୃହତ୍ତମ ଦଳ ଭାବେ ଉଭା ହୋଇଛି। ସଂଖ୍ୟାଗରିଷ୍ଠତାଠାରୁ ଏହା ମାତ୍ର ୧୩ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ କରୁଛି। ତେଣୁ ବିଜେପିର ଦେବେନ୍ଦ୍ର ଫଡ଼ନାଭିସ ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ଏକନମ୍ବର ଦାବିଦାର ଅଛନ୍ତି। କିନ୍ତୁ ବିଦାୟୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ଏହି ପଦ ଲାଗି ଦାବିଦାର ଅଛନ୍ତି। ତାଙ୍କ ନେତୃତ୍ୱାଧୀନ ଶିବସେନା ସିନ୍ଦେଙ୍କ ସପକ୍ଷରେ ଯୋରଦାର ଲବି କରୁଛି। ଶିବସେନାର କହିବା କଥା ହେଲା ସିନ୍ଦେଙ୍କ ନେତୃତ୍ୱରେ ମହାଯୁତି ନିର୍ବାଚନ ଲଢ଼ିଥିଲା। ସିନ୍ଦେ ସରକାରଙ୍କ ଭଲ କାମ ପାଇଁ ଲୋକେ ଏହାକୁ ପୂର୍ଣ୍ଣ ସମର୍ଥନ କରିଛନ୍ତି। ତେଣୁ ତାଙ୍କୁ ଆଉ ଥରେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟକରିବାକୁ ସୁଯୋଗ ଦିଆଯିବା ଉଚିତ। ସିନ୍ଦେଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଗଲେ ଏହା ଗ୍ରହଣୀୟ ହେବ ନାହିଁ ବୋଲି ଦଳ ପକ୍ଷରୁ କୁହାଯାଉଛି।

ତେବେ ସିନ୍ଦେ ଏହା ଉପରେ କହିଛନ୍ତି ଯେ, ସେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ନାହାନ୍ତି। ରାଜ୍ୟର କିଏ ମୁଖ୍ୟମନ୍ତ୍ରୀ ହେବ ସେଥିନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ମାନିନେବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ତାଙ୍କର ଗଭୀର ଆସ୍ଥା ଏବଂ ବିଶ୍ୱାସ ରହିଛି। ବାଲାସାହେବ ଠାକରେଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ପ୍ରଧାନମନ୍ତ୍ରୀ ନିଶ୍ଚିତ ଭାବେ ସଠିକ ନିଷ୍ପତ୍ତି ନେବେ।

ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ନିଜ ମୁଖ୍ୟମନ୍ତ୍ରୀତ୍ୱ ସମୟର ସଫଳତା ସମ୍ପର୍କରେ ସିନ୍ଦେ ବର୍ଣ୍ଣାଇଛନ୍ତି। ଏଥିସହ ସେ ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀ ପ୍ରସଙ୍ଗରେ ଯାହା ବି ନିଷ୍ପତ୍ତି ନେବେ, ତାହା ଗ୍ରହଣ କରିବେ ବୋଲି ମଧ୍ୟ କହିଛନ୍ତି। ସେ କହିଛନ୍ତି, "ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହି ସାରିଛି ଯେ ମୁଁ କେବେ ହେଲେ ବାଧକ ସାଜିବି ନାହିଁ। ସେ ଯାହା ବି ନିଷ୍ପତ୍ତି ନେବେ, ଆମେ ସେହି ଅନୁସାରେ କାମ କରିବୁ। ଏଥିରେ କେହି ବି ନାରାଜ ହେବେନି।" ବିଜେପି ହାଇକମାଣ୍ଡଙ୍କ କଥା ସିନ୍ଦେ ମାନିବେ ବୋଲି କହି ସାରିଥିବାରୁ ଦେବେନ୍ଦ୍ର ଫଡନାଭିସ ମୁଖ୍ୟମନ୍ତ୍ରୀ ହେବା ଏକପ୍ରକାର ସ୍ପଷ୍ଟ ହୋଇସାରିଛି। ସେହିପରି ମହାଯୁତି ନେତୃବୃନ୍ଦଙ୍କୁ ମଧ୍ୟ ଦିଲ୍ଲୀ ଡକରା ମିଳିଛି। ଫଡନାଭିସ ଦିଲ୍ଲୀ ଯାଇ ସାରିଥିବା ବେଳେ ସିନ୍ଦେ ଓ ଅଜିତ ପାୱାର ଖୁବଶୀଘ୍ର ତାଙ୍କ ସହ ସାମିଲ ହେବେ। ସେଠାରେ ସମସ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିବେ। ଏହି ସମୟରେ କିଏ ମୁଖ୍ୟମନ୍ତ୍ରୀ ହେବେ, ସେକଥା ସ୍ପଷ୍ଟ ହେବ।

ସିନ୍ଦେ କହିଛନ୍ତି, "ମୁଁ ମୋଦିଙ୍କ ସହ କଥା ହୋଇଛି ଓ ତାଙ୍କୁ କଥା ଦେଇଛି ଯେ ନିଷ୍ପତ୍ତି ନେବା ବେଳେ ମୋତେ ଆଦୌ ଗୋଟିଏ ପ୍ରତିରୋଧ ଭାବେ ବିବେଚନା ନ କରିବାକୁ କହିଛି। ବିଜେପି ହାଇକମାଣ୍ଡ ସରକାର ଗଠନ ସମ୍ପର୍କରେ ଯାହା ବି ନିଷ୍ପତ୍ତି ନେବେ, ତା'କୁ ଶିବସେନା ମାନିବ। ଆପଣ(ମୋଦି) ହେଉଛନ୍ତି ଆମ ପରିବାରର ମୁଖ୍ୟ। ଯେଉଁ ଭଳି ଭାବେ ବିଜେପିର ଲୋକମାନେ ଆପଣଙ୍କ କଥା ମାନୁଛନ୍ତି, ଆମେ ମଧ୍ୟ ସେହି ଅନୁସାରେ ମାନିବୁ। ଗତକାଲି ମୁଁ ଫୋନରେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ କଥା ହୋଇଛି।

ମୋ ପାଇଁ ମହାରାଷ୍ଟ୍ରରେ ସରକାର ଗଠନ ପ୍ରକ୍ରିୟାରେ କୌଣସି ପ୍ରକାରର ଅସୁବିଧା ହେବନି ବୋଲି କଥା ଦେଇଛି। ମୁଁ ଜଣେ ସାଧାରଣ କର୍ମୀ ଭାବେ ସବୁ କାମ କରିବାକୁ ପ୍ରସ୍ତୁତ। ମହାରାଷ୍ଟ୍ରର ବିକାଶ ହେବା ଜରୁରୀ।" ସେହିପରି ବିଜେପି ନେତା ଦେବେନ୍ଦ୍ର ଫଡ଼ନାଭିସ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ମହାଯୁତିର ଅଂଶୀଦାର ଦଳମାନଙ୍କ ଭିତରେ କୌଣସି ବିବାଦ ବା ମତଭେଦ ନାହିଁ। ଲୋକଙ୍କ ପାଇଁ ମହାଯୁତି ବିଜୟୀ ହୋଇଛି। ଲୋକଙ୍କ କଲ୍ୟାଣ ପାଇଁ କାମ ହେବା କିଏ ନୂଆ ସରକାରର ନେତୃତ୍ୱ ନେବେ ତାହା ଏଣିକି ସବୁ ଅଂଶୀଦାର ଦଳ ଏକାଠି ହୋଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେବେ। ଏଥିପାଇଁ ଅନେକ ଯୋଗ୍ୟ ଦାବିଦାର ଅଛନ୍ତି ଯାହା ସେବେ ସମ୍ମତି ଭିତିରେ ହେବ। ମୁଖ୍ୟମନ୍ତ୍ରୀ ଚୟନରେ ସଂଖ୍ୟା ଗରୁତ୍ୱପୂର୍ଣ୍ଣ ନୁହେଁ କାରଣ ମହାଯୁତି ମିଳିତ ଭାବେ ଲଢ଼ି ଜିତିଛନ୍ତି। ମହାଯୁତିର ନେତା ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ କହିଛନ୍ତି।

ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବେ ନାହିଁ ବୋଲି ଶିବସେନା ଖୋଲାଖୋଲି ଭାବେ କହିଛି। ଶିବସେନା ମୁଖପାତ୍ର ସଞ୍ଜୟ ଶିରସାଟ କହିଛନ୍ତି ଯେ ଏକନାଥ ସିନ୍ଦେଙ୍କ ମୁହଁକୁ ଦେଖି ବିଧାନସଭା ନିର୍ବାଚନ ଲଢ଼ା ଯାଇଥିଲା। ଦେବେନ୍ଦ୍ର ଫଡନାଭିସ୍ ଏବଂ ବିଜେପିର ବରିଷ୍ଠ ନେତାମାନେ ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି। ତେଣୁ ସିନ୍ଦେ ମୁଖ୍ୟମନ୍ତ୍ରୀ ହେବାକୁ ଯୋଗ୍ୟ ଅଛନ୍ତି। ସେ ଆହୁରି କହିଛନ୍ତି, ଯେଉଁ ଚେହେରା ସାମ୍ନାକୁ ଆସିଛି, ତାକୁ ହିଁ ପ୍ରାଥମିକତା ଦିଆଯାଉ ବୋଲି ଆମର ଦାବି ଯଦି ବିଜେପି ଆମର ଦାବି ପୂରଣ କରେ ତେବେ ଲୋକଙ୍କ ପାଖକୁ ଏକ ଭଲ ବାର୍ତ୍ତା ଯିବ। ଯଦି ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ଆସନ୍ତା ନିର୍ବାଚନରେ ଆମକୁ ଫାଇଦା ମିଳିବ। ସିନ୍ଦେଙ୍କ କାରଣରୁ ହିଁ ମହାଯୁତିକୁ ନିର୍ବାଚନରେ ଲାଭି ମିଳିଛି।

# ଚଣ୍ଡିଗଡ଼ରେ ୨ ବିସ୍ଫୋରଣ

**ଚଣ୍ଡିଗଡ଼, ୨୭।୧୧:** ଆଉ ମାତ୍ର ସପ୍ତାହକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଣ୍ଡିଗଡ଼ ଯିବେ। କିନ୍ତୁ ଏହାପୂର୍ବରୁ ସେକ୍ଟର ୨୬ରେ ଥିବା ଦୁଇଟି ନାଇଟ କ୍ଲବ ଆଗରେ ହୋଇଛି ଛୋଟ ଧରଣର ବିସ୍ଫୋରଣ। ଦୁଇଟି କ୍ଲବ ମଧ୍ୟରୁ ଗୋଟିଏ ବଲିଉଡ଼ ରାପ୍ପର ବାଦଶାହଙ୍କ ନାଁରେ ରହିଛି।



## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୁରକ୍ଷା କଡ଼ାକଡ଼ି

ବିସ୍ଫୋରଣ ପଛର କାରଣ ଜଣାପଡ଼ି ନଥିବା ବେଳେ ଏବେ ଏଥିପାଇଁ କାନାଡାରେ ରହିଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର ନିଜକୁ ଦାୟୀ କରିଛି। ଗୋଲ୍ଡି ହେଉଛି ଜେଲରେ ଥିବା ଲରେନ୍ସ ବିଷ୍ଣୋଇର ସହଯୋଗୀ। ଏବେ ସେ ଫେସବୁକରେ ଗୋଟିଏ ପୋଷ୍ଟ କରି ବାଦଶାହଙ୍କ କ୍ଲବ ଆଗରେ ହୋଇଥିବା ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି। ପୁଲିସ୍ କହିବା କଥା ଯେ ବିସ୍ଫୋରଣରେ କୌଣସି ପ୍ରକାରର କ୍ଷୟକ୍ଷତି ହୋଇନାହିଁ। ତେବେ ସେକ୍ଟର ୨୬ରେ ଥିବା ପୁଲିସ୍ ଷ୍ଟେସନ ଠାରୁ ୧୦୦ ମିଟର ଦୂରରେ ଏପରି ବିସ୍ଫୋରଣ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ୍ କହିଛି ଯେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି କ୍ଲବ ଦ୍ୱୟ ସାମ୍ନାରେ ବୋମା ମାଡ଼ କରିଥିଲେ। ଗୋଟିଏ କ୍ଲବରେ ଲାଗିଥିବା କାଚ ଦ୍ୱାର ଏଥିଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଏହାକୁ ଛାଡ଼ି ଦେଲେ କେହି ବି ଆହତ ହୋଇ ନାହାନ୍ତି। ଭୋର ୩.୧୪ରେ ଜଣେ ବୋମା ମାଡ଼ କରିବା ବେଳର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି।

କ୍ଲବ ମାଲିକମାନଙ୍କୁ ଡରାଇବା ପାଇଁ ଦୁର୍ବୃତ୍ତମାନେ ଏପରି କମ କ୍ଷମତା ବିଶିଷ୍ଟ ବୋମା ମାଡ଼ କରିଥାଇ ପାରନ୍ତି। ଏହି ଘଟଣାରେ ସେକ୍ଟର ୨୬ ପୁଲିସ୍ ଗୋଟିଏ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଡିଜ-ଓରା କ୍ଲବର ଜଣେ କର୍ମଚାରୀ କହିଛନ୍ତି ଯେ ସେ ଓ ତାଙ୍କର ଚରୁ ୮ ଜଣ ସହଯୋଗୀ କ୍ଲବ ଭିତରେ ଥିବା ବେଳେ ପ୍ରଥମେ ବିସ୍ଫୋରଣର ଶବ୍ଦ ଶୁଣିଥିଲେ। ପ୍ରଥମେ ସେଭିଲ୍ଲେ କ୍ଲବ ନିକଟରେ ବିସ୍ଫୋରଣ ହୋଇଥିଲା। ଏହାପରେ ଡିଜ-ଓରା କ୍ଲବ ବାହାରେ ବୋମା ମାଡ଼ ହୋଇଥିଲା। ଏହି ବିସ୍ଫୋରଣରେ କ୍ଲବର କାଚ ଦ୍ୱାର ଭାଙ୍ଗି ଯାଇଥିବା କର୍ମଚାରୀ ଜଣଙ୍କ କହିଛନ୍ତି।

# ପାରିବାରିକ କଳହରୁ ଘରେ ନିଆଁ ଲଗାଇଲେ

**ଭୋପାଳ, ୨୭।୧୧:** ସାମ୍ନାକୁ ଆସିଛି ଅଜବ ଘଟଣା। କଠିନ ପରିଶ୍ରମ କରି ଘର କରିବା ସହ ଆବଶ୍ୟକ ଘରକରଣା ଜିନିଷ ରଖିଥିଲେ। ହେଲେ ପତ୍ନୀଙ୍କ ସହ ଝଗଡ଼ା ହେବାରୁ ଜଣେ ବ୍ୟକ୍ତି ନିଜ ହାତରେ ହିଁ ନିଜ ଘରକୁ ପୋଡ଼ି ପାଉଁଶ କରି ଦେଇଛନ୍ତି। ପତ୍ନୀଙ୍କ ସହ ପାଟିତୁଣ୍ଡ କରି ସେ ଘରର ଜିନିଷ ଭଙ୍ଗା ରୁଜା କରିବା ସହ ସେଥିରେ ନିଆଁ ଲଗାଇ ଦେଇଛନ୍ତି। ସବୁ କିଛି ପୋଡ଼ି ପାଉଁଶ ହେବା ଯାଏ ବ୍ୟକ୍ତି ଜଣଙ୍କ ସେଠାରେ ବେଶ ସ୍ୱାଭାବିକ ଢଙ୍ଗରେ ଛିଡ଼ା ହୋଇ ଏହାକୁ ଦେଖିବା ସମସ୍ତଙ୍କୁ ଚକିତ କରିଛି।

ମଧ୍ୟପ୍ରଦେଶର ଆନନ୍ଦ ନଗର ଅଞ୍ଚଳରେ ଏପରି ଘଟଣା ଘଟିଛି। ନିଜ ଘରକୁ ପୋଡ଼ି ପାଉଁଶ କରିଦେଇଥିବା ବ୍ୟକ୍ତି ଜଣଙ୍କ ହେଲେ ଶ୍ରୀରାମ କୁଶୱା। ସେ ପ୍ରାୟତଃ ସବୁବେଳେ ପତ୍ନୀ ରଜନୀଙ୍କ ସହ ଝଗଡ଼ା କରନ୍ତି। ତେବେ ଘଟଣା ଦିନ ଝଗଡ଼ା ସବୁ ସୀମା ପାର କରି ଯାଇଥିଲା। ରଜନୀଙ୍କ ସହ ଯୁକ୍ତିତର୍କ କରି ଶ୍ରୀରାମ ପୂରା ରାଗି ଯାଇଥିଲେ। ସେ ନିଜ ଉପରୁ ନିୟନ୍ତ୍ରଣ ହରାଇ ଘରେ ଥିବା ଜିନିଷପତ୍ରକୁ ଭଙ୍ଗା ରୁଜା କରିବା ସହ ସେସବୁ ବାହାରକୁ ଆଣିଥିଲେ। ଏହାପରେ ସେଥିରେ କିରାସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସେ ଘରେ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ନିଆଁରେ ସବୁ କିଛି ପୋଡ଼ି ଯାଉଥିବା ବେଳେ ଶ୍ରୀରାମ ଏହାକୁ ବନ୍ଦ କରିବା ପାଇଁ ଆଦୌ ଚାହିଁ ନଥିଲେ। ସେ ସେହି ସ୍ଥାନରେ ବେଶ ସ୍ୱାଭାବିକ ଢଙ୍ଗରେ ବୁଲିବା ସହ ନିଜ ଆଖିରେ ସବୁ କିଛିକୁ ସେମିତି ଦେଖିଥିଲେ। ଜିନିଷପତ୍ର ହୁତୁହୁତୁ ହୋଇ ଜଳିବାରୁ ପୂରା ଅଞ୍ଚଳର ଧୂଆଁମୟ ହୋଇଯାଇଥିଲା। ଏହାକୁ ଦେଖି ପଡ଼ୋଶୀମାନେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଅଧିକାଂଶ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ପ୍ରାଥମିକ ଅବସ୍ଥାରେ ଶର୍ଟସର୍କିଟ ଯୋଗୁ ଏପରି ଘଟିଥିବା ପୁଲିସ୍ ଆଶଙ୍କା କରିଥିଲା। କିନ୍ତୁ ଅଧିକ ତଦନ୍ତ ପରେ ଶ୍ରୀରାମ ପତ୍ନୀଙ୍କ ସହ ଝଗଡ଼ା କରି ଏତେ ବଡ଼ କାଣ୍ଡ ଘଟାଇଥିବା ଥିବା ସ୍ପଷ୍ଟ ହୋଇଛି। ପୁଲିସ୍ ଶ୍ରୀରାମ ଓ ରଜନୀଙ୍କୁ ଥାନାକୁ ନେଇ ବେଶ କିଛି ସମୟ ବୁଝାଇଥିଲା। ଏହାପରେ ସେମାନେ ନିଜର ଭୁଲ ସ୍ୱୀକାର କରିବାରୁ ପୁଲିସ ସେମାନଙ୍କୁ ଛାଡ଼ି ଦେଇଛି। ଏଥିସହ ଭବିଷ୍ୟତରେ ଯେମିତି ଉଭୟ ଝଗଡ଼ା ନ କରନ୍ତି, ସେଥିପାଇଁ ତାଗିଦ ମଧ୍ୟ କରିଛି।

# କଣ୍ଟେନର ଉପରେ ଚଢ଼ି ନମାଜ ପାଠ କରୁଥିଲେ ଧକ୍କା ମାରି ତଳକୁ ଖସାଇଲା ସେନା

**ଇସଲାମାବାଦ, ୨୭।୧୧:** କଣ୍ଟେନର ଉପରେ ନମାଜ ପାଠ। ବିରୋଧ ପ୍ରଦର୍ଶନର ନିଆରା ତରିକା ଆପଣାଇଲେ ବିକ୍ଷୋଭକାରୀ। ରାସ୍ତା ଅବରୋଧ ପାଇଁ ରଖାଯାଇଥିବା କଣ୍ଟେନର ଉପରେ ଚଢ଼ି ନମାଜ ପାଠ କଲେ। ତେବେ ଏହାକୁ ଅଟକାଇବାକୁ ଯାଇ ତାଙ୍କୁ ଧକ୍କା ମାରି ତଳକୁ ଖସାଇ ଦେଲା ସେନା। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ପାକିସ୍ତାନରେ। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ମୁକ୍ତ କାରିବା ପାଇଁ ତାଙ୍କ ସମର୍ଥକମାନେ ଦାବି କରୁଛନ୍ତି। ଏହାକୁ ନେଇ ଇସଲାମାବାଦରେ ରାସ୍ତାକୁ ଓହ୍ଲାଇ ଆସି ସେମାନେ ଜୋରଦାର ବିରୋଧ ପ୍ରଦର୍ଶନ ଜାରି ରଖିଛି। ତାଙ୍କ ଅଟକାଇବା ପାଇଁ ଶହବାଜ ସରିଫ ସରକାର ସେନାକୁ ନିୟୋଜିତ କରିଛି। ବିକ୍ଷୋଭକାରୀଙ୍କ ବିରୋଧରେ ସୁଟ୍ ଆଟ୍ ସାଇଟ୍ ନିର୍ଦ୍ଦେଶ ଜାରି କରାଯାଇଛି। ସେମାନଙ୍କୁ ଡି-ଚୌକ୍ ଯାଏ ରାଲି କରିବାକୁ ଅଟକାଇବା ପାଇଁ ରାସିତାରେ ବଡ଼ ବଧ କଣ୍ଟେନର ରଖାଯାଇଛି। ଏହାରି ଭିତରେ ଏହି ଚକିତ କଲା ଭିଡିଓ ସାମ୍ନାକୁ ଆସିଛି। ରାସ୍ତା ଉପରେ ଯେଉଁ କଣ୍ଟେନର ରଖାଯାଇଛି ତାହା ଉପରେ ଚଢ଼ି ଜଣେ ପିଟିଆଇ ସମର୍ଥକ ନମାଜ ପାଠ କରିଛନ୍ତି। ଏହାକୁ ରୋକିବାକୁ ଯାଇ ସେନା ତାଙ୍କୁ କଣ୍ଟେନର ଉପରକୁ ଧକ୍କା ମାରି ତଳକୁ ଖସାଇ ଦେଇଛି। ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜଣେ ନୀରିହ, ଅସ୍ତ୍ରହୀନ ବିକ୍ଷୋଭକାରୀ ପ୍ରାର୍ଥନା କରୁଥିବା ବେଳେ ତାଙ୍କ ପ୍ରତି ବର୍ବରତା କରିଛି ସେନା। ଏହା ଅତି ଭୟଙ୍କର ବୋଲି କହିଛି ପିଟିଆଇ। ସେପଟେ କଣ୍ଟେନରରୁ ତଳକୁ ଖସି ଉକ୍ତ ବ୍ୟକ୍ତି ଜଣକ ମୃତ ନା ଜୀବିତ ଅଛନ୍ତି ସେ ନେଇ କୌଣସି ସୂଚନା ମିଳିନାହିଁ। ପିଟିଆଇ ପ୍ରତିଷ୍ଠାତା ଇମରାନ ଖାନଙ୍କ ମୁକ୍ତି ଦାବିରେ ପାକ୍ ରାଜଧାନୀ ଇସଲାମାବାଦ ତଥା ଦେଶବ୍ୟାପୀ ପ୍ରବଳ ବିକ୍ଷୋଭ ପରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥିତି ଅଣାୟତ୍ତ ହେବାରୁ ଇସଲାମାବାଦର ରେଡ୍ ଜୋନରେ ଏକତ୍ରିତ ହୋଇଥିବା ପିଟିଆଇ କର୍ମୀଙ୍କ ଉପରେ ରେଡ୍ ମାରିଛନ୍ତି ସୁରକ୍ଷା କର୍ମୀ। ୧୦୦ରୁ ଅଧିକ ପିଟିଆଇ କର୍ମୀଙ୍କୁ ଗିରଫ କରିଛନ୍ତି ସୁରକ୍ଷା କର୍ମୀ। ହିଂସାରେ ୬ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ପିଟିଆଇର ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳ ୩୦ ଆହତ ହୋଇଛନ୍ତି। ଏବେ ସୁଦ୍ଧା ମୋଟ ୪ହଜାର ପିଟିଆଇ ସମର୍ଥକ ଗିରଫ ହୋଇଛନ୍ତି ।

# ଲାଞ୍ଚ ଅଭିଯୋଗକୁ ଆଦାନୀ ଗ୍ରୁପ୍‌ର ଖଣ୍ଡନ

**ଅହମ୍ମଦାବାଦ, ୨୭।୧୧:** ଆମେରିକାରେ ଲାଞ୍ଚ ଦେଇଥିବା ଅଭିଯୋଗ ନେଇ ବଡ଼ ବୟାନ ଦେଲା ଅଦାନୀ ଗ୍ରୁପ୍। ଭାରତର ସବୁଠୁ ଧନୀ ତଥା ବ୍ୟବାସୟୀ ଗୌତମ ଆଦାନୀ ଓ ତାଙ୍କ କମ୍ପାନୀ ଉପରେ ଲାଗିଥିବା ସମସ୍ତ ଅଭିଯୋଗକୁ ଆଦାନୀ ଗ୍ରୀନ ଏନର୍ଜୀ ଖଣ୍ଡନ କରିଛି। ଲାଞ୍ଚ ଅଭିଯୋଗ ସହ ଜଡିତ ସମସ୍ତ ଖବର ଭିତ୍ତିହୀନ ଏବଂ ଭୁଲ ବୋଲି କୁହାଯାଇଛି। ବୁଧବାର ଦିନ ଆଦାନୀ ଗ୍ରୀନ୍ ଏନର୍ଜି ଏକ ବିବୃତ୍ତି ଜାରି କରି କହିଛି ଯେ ଗୌତମ ଆଦାନୀ, ସାଗର ଆଦାନୀ ଏବଂ ବରିଷ୍ଠ ନିର୍ଦ୍ଦେଶକ ବିନୀତ ଜୈନ ଆମେରିକାର ନ୍ୟାୟ ବିଭାଗ (ଡିଓଜେ) ଦ୍ୱାରା ଲାଞ୍ଚ ଅଭିଯୋଗରୁ ମୁକ୍ତ। ଆମେରିକାର ଦୁର୍ନୀତି ଅଭ୍ୟାସ ଆକ୍ଟ (ଏଫସିପିଏ) ଅନୁଯାୟୀ ଲଗାଯାଇଥିବା ସମସ୍ତ ଅଭିଯୋଗ ଖବରର କୌଣସି ସତ୍ୟତା ନାହିଁ। ଆଦାନୀ ଗ୍ରୀନ୍ ଏନର୍ଜି କହିଛି ଯେ, ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆଦାନୀ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ - ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀ ଏବଂ ବରିଷ୍ଠ ନିର୍ଦ୍ଦେଶକ ବିନୀତ ଜୈନ୍‌ଙ୍କ ବିରୋଧରେ ଆମେରିକାର ବୈଦେଶିକ ଦୁର୍ନୀତି ଅଭ୍ୟାସ ଅଧିନିୟମ (ଏଫ୍‌ସିପିଏ) ଅନୁଯାୟୀ ଲାଞ୍ଚ ଏବଂ ଦୁର୍ନୀତି ଅଭିଯୋଗ ଆସିଥିଲା। ତେବେ ଏହା ସମ୍ପୂର୍ଣ୍ଣ ଭୁଲ୍। ଏଫସିପିଏରେ ଗୌତମ ଆଦାନୀ, ସାଗର ଆଦାନୀ ଏବଂ ବିନୀତ ଜୈନଙ୍କ ବିରୋଧରେ କୌଣସି ଲାଞ୍ଚ ଅଭିଯୋଗ କରାଯାଇ ନାହିଁ ବୋଲି ଆଦାନୀ ଗ୍ରୀନ ଏନର୍ଜି ସ୍ପଷ୍ଟ କରିଛି। କମ୍ପାନୀ ଜୋର ଦେଇ କହିଛି ଯେ କେବଳ 'ଆଜିଓର ପାୱାର' କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜଣେ କାନାଡ଼ୀୟ ନିବେଶକଙ୍କ ଉପରେ ହିଁ ଲାଞ୍ଚ ଅଭିଯୋଗ ରହିଛି। ଏଥିରେ ଆଦାନୀ ଗ୍ରୁପର କୌଣସି ବି ଅଧିକାରୀଙ୍କ ନାମ ନାହିଁ।

# ଟ୍ରକ୍‌କୁ ଧକ୍କା ଦେଲା କାର୍ ଚାଲିଗଲା ୫ ଡାକ୍ତରଙ୍କ ଜୀବନ

**ଆଗ୍ରା, ୨୭।୧୧:** ପ୍ରଥମେ ଡିଭାଇଡର୍‌ରେ ପିଟି ହେଲା କାର୍। ତା'ପରେ ରୋଡ୍‌ର ଅନ୍ୟ ପାର୍ଶ୍ୱକୁ ଯାଇ ଟ୍ରକ୍ ସହ ହେଲା ମୁହାଁମୁହିଁ ଧକ୍କା। ଏକା ସାଙ୍ଗେ ଚାଲିଗଲା ୫ ଡାକ୍ତରଙ୍କ ଜୀବନ। ସେହିପରି ଆଉ ଜଣେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଏଭଳି କିଛି ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି ଉତ୍ତର ପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେରେ। ଉତ୍ତରପ୍ରଦେଶର କନୌଜ ଜିଲ୍ଲା। ଆଜି ଭୋରୁ ଆଗ୍ରା ଲକ୍ଷ୍ନୌ ଏକ୍ସପ୍ରେସ୍‌ଓ୍ୱେରେ ଏକ ସ୍କର୍ପିଓ କାର୍ ଦ୍ରୁତ ଗତିରେ ଆସି ଡିଭାଇଡର୍‌ରେ ପିଟ ହୋଇ ରାସ୍ତା ଆର ପାର୍ଶ୍ୱକୁ ଚାଲିଯାଇଥିଲା। ଏହାପରେ ସାମ୍ନା ପଟୁ ଆସିଥିବା ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୫ ଜଣ ଡାକ୍ତରଙ୍କ ସମେତ କାର୍ ଡ୍ରାଇଭର ଅଛନ୍ତି। ଏହି ୫ ଡାକ୍ତର ସୈଫଇ ମେଡିକାଲ କଲେଜରେ ପୋଷ୍ଟିଂ ଥିଲେ। ଏମାନେ ନିଜର ଅନ୍ୟ ସାଙ୍ଗମାନଙ୍କ ସହ ଲକ୍ଷ୍ନୌରୁ ସୈଫଇକୁ ଫେରୁଥିଲେ। ତେବେ ଅଧ ରାସ୍ତାରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ କାର୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡର୍‌ରେ ପିଟି ହୋଇ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେକୁ ମାଡି ଯାଇଥିଲା। ୬ ଜଣ ମୃତକଙ୍କ ବ୍ୟତୀତ ଜୟବୀର ସିଂହ ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସୈଫଇ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପରିବାରକୁ ପୁଲିସ ସୂଚନା ଦେଇଛି ଏବଂ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ଇସ୍କନ ଉପରେ ବ୍ୟାନ୍ ଲଗାଇବାକୁ ପିଟିସନ

**ଢାକା, ୨୭।୧୧:** ଇସ୍କନ ଉପରେ ଲାଗିପାରେ ବଡ଼ ପ୍ରତିବନ୍ଧକ। ଘୋଷଣା ହୋଇପାରେ ବ୍ୟାନ୍। ଏଥିପାଇଁ ଚାଲିଛି ପ୍ରସ୍ତୁତି। ଏନେଇ ହାଇକୋର୍ଟରେ ଏକ ଆବେଦନ ମଧ୍ୟ ହୋଇଛି। ପଡୋଶୀ ଦେଶ ବାଂଲାଦେଶରେ ବର୍ତ୍ତମାନ ଅଶାନ୍ତ ହୋଇପଡିଛି। ହିନ୍ଦୁମାନଙ୍କ ଉପରେ ଲଗାତାର ଆକ୍ରମଣ ହେଉଛି। କେବଳ ସେତିକି ନୁହେଁ ମନ୍ଦିର ଭଙ୍ଗାରୁଜା ମଧ୍ୟ କରାଯାଉଛି। ଇସ୍କନ ପୁଣ୍ଡରିକ ଧର୍ମଗୁରୁ ଚିନ୍ମୟ କୃଷ୍ଣ ପ୍ରଭୁ ଦାସଙ୍କ ଗିରଫଦାରୀ ପରେ ଇସ୍କନ ଉପରେ ବ୍ୟାନ୍ ଲଗାଇବା ପାଇଁ ଯୋଜନା ଚାଲିଛି। ଏନେଇ ବାଂଲାଦେଶ ହାଇକୋର୍ଟରେ ଏକ ଆବେଦନ ମଧ୍ୟ କରାଯାଇଛି।



ଏହାରି ଭିତରେ ବାଂଲାଦେଶର ୟୁନୁସ ସରକାର ଇସ୍କନ୍‌କୁ ଏକ ଧାର୍ମିକ ମୌଳବାଦୀ ସଂଗଠନ ବୋଲି ଘୋଷଣା କରିଛି। ବାଂଲାଦେଶର ଆଟର୍ଣ୍ଣି ଜେନେରାଲ ହାଇକୋର୍ଟରେ କହିଛନ୍ତି ଯେ ଏହା ହେଉଛି ସରକାରଙ୍କ ମୁଖ୍ୟ ଏଜେଣ୍ଡା ଏବଂ ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାର ଅର୍ଥ ହେଉଛି ଇସ୍କନ୍ କୁ ଖୁବଶୀଘ୍ର ବ୍ୟାନ୍ କରାଯିବ। ଇସ୍କନକୁ ନେଇ ଦାୟର ହୋଇଥିବା ଆବେଦନ ଉପରେ ହାଇକୋର୍ଟ ବାଂଲାଦେଶର ଆଟର୍ଣ୍ଣି ଜେନେରାଲଙ୍କ ଠାରୁ ଇସ୍କନ୍ ବିଷୟରେ ସୂଚନା ମାଗିଥିଲେ ଏବଂ ବାଂଲାଦେଶରେ ଏହା କିପରି ପ୍ରତିଷ୍ଠା କରାଯାଇଥିଲା ବୋଲି ପଚାରିଥିଲେ। ଏହା ଉପରେ ଆଟର୍ଣ୍ଣି ଜେନେରାଲ କହିଛନ୍ତି ଯେ ଏହି ସଂଗଠନ ଏକ ରାଜନୈତିକ ଦଳ ନୁହେଁ। ଏହା ଏକ ରୁଢ଼ିବାଦୀ ସଂଗଠନ। ସରକାର ଏହାର ତଦନ୍ତ କରୁଛନ୍ତି। ଏହା ପରେ ହାଇକୋର୍ଟ ଆଟର୍ଣ୍ଣି ଜେନେରାଲଙ୍କୁ ଇସ୍କନ୍ ଉପରେ ସରକାରଙ୍କ ପକ୍ଷ ଉପସ୍ଥାପନ କରିବାକୁ ଏବଂ ଗୁରୁବାର ସକାଳ ସୁଦ୍ଧା ଦେଶରେ ଆଇନଗତ ପରିସ୍ଥିତି ବୁଝାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ଆଇନଗତ ବ୍ୟବସ୍ଥା ଯେପରି ଆହୁରି ନ ବିଗିଡ଼ିବ ସେଥିପ୍ରତି ଦୃଷ୍ଟି ଦେବାକୁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶଦ୍ରୋହ ଅଭିଯୋଗରେ ବାଂଲାଦେଶର ଆଇନ ପ୍ରବର୍ତ୍ତନ ସଂସ୍ଥା ଚିନ୍ମୟ କୃଷ୍ଣ ଦାସଙ୍କୁ ୨୫ ନଭେମ୍ବରରେ ଗିରଫ କରିଥିଲା। ଏହାପରେ ବାଂଲାଦେଶ କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ଜେଲ ପଠାଇ ଦେଇଥିଲେ। ଏହା ପରେ ଚିନ୍ମୟ ଦାସଙ୍କ ସମର୍ଥକମାନେ ରାସ୍ତାକୁ ଓହ୍ଲାଇ ଆସି ହିଂସାତ୍ମକ ବିରୋଧ ଆରମ୍ଭ କରିଥିଲେ। ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷରେ ସସାମ୍ବାଦିକଙ୍କ ସମେତ ଅତି କମରେ ୧୦ ଜଣ ଆହତ ହୋଇଥିଲେ।

# ଟ୍ରମ୍ପଙ୍କ ଟିମ୍‌ରେ ଆଉ ଜଣେ ଭାରତୀୟ

**ୱାଶିଂଟନ୍, ୨୭।୧୧:** ଟ୍ରମ୍ପଙ୍କ ସରକାରରେ ହେଲା ଆଉ ଜଣେ ଭାରତୀୟଙ୍କ ଏଣ୍ଟ୍ରି। ଭାରତୀୟ ବୈଜ୍ଞାନିକ ଜୟ ଭଟ୍ଟାଚାର୍ଯ୍ୟଙ୍କୁ ବଡ଼ ଦାୟିତ୍ୱ ଦେଲେ ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ତାଙ୍କୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ (ଏନ୍‌ଆଇଏଚ୍)ର ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି। ଏନ୍‌ଆଇଏଚ୍ ହେଉଛି ଦେଶର ସର୍ବୋଚ୍ଚ ସ୍ୱାସ୍ଥ୍ୟ ଅନୁସନ୍ଧାନ ଏବଂ ପାଣ୍ଠି ପ୍ରତିଷ୍ଠାନ ମଧ୍ୟରୁ ଅନ୍ୟତମ। ଜୟ ଭଟ୍ଟାଚାର୍ଯ୍ୟ ହେଉଛନ୍ତି ପ୍ରଥମ ଭାରତୀୟ ଯିଏକି ଟ୍ରମ୍ପ ୨.୦ ସରକାରରେ ସର୍ବୋଚ୍ଚ ପ୍ରଶାସନିକ ପଦ ପାଇଁ ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ଟେସଲା କମ୍ପାନୀ ମାଲିକ ଏଲୋନ୍ ମସ୍କଙ୍କ ସହ ସରକାରୀ ଦକ୍ଷତା ବିଭାଗ (ଡିଓଜେ) ର ନେତୃତ୍ୱ ନେବାକୁ ଭାରତୀୟ-ଆମେରିକୀୟ ବିବେକ ରାମସ୍ୱାମୀଙ୍କୁ ବାଛିଥିଲେ। ଅବଶ୍ୟ, ଏହା ଏକ ସ୍ୱେଚ୍ଛାକୃତ ପଦବୀ। ଏଥିପାଇଁ ଆମେରିକା ସିନେଟ୍ ଦ୍ୱାରା ମଞ୍ଜୁରୀ ଆବଶ୍ୟକତା ନାହିଁ। ଏହାର ଅର୍ଥ ଏହି ବିଭାଗ ଟ୍ରମ୍ପଙ୍କ କ୍ୟାବିନେଟ ସହିତ ସିଧାସଳଖ ସଂଯୁକ୍ତ ନୁହେଁ ଏବଂ ଏହା ସରକାର ବାହାରେ କାମ କରିବ। ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଜୟ ଭଟ୍ଟାଚାର୍ଯ୍ୟଙ୍କୁ ଏନ୍‌ଆଇଏଚ୍‌ର ନିର୍ଦ୍ଦେଶକ ଭାବେ ମନୋନୀତ କରି ମୋତେ ଅତ୍ୟନ୍ତ ଖୁସି ଲାଗୁଛି। ଭଟ୍ଟାଚାର୍ଯ୍ୟ ରବର୍ଟ ଏଫ. କେନେଡି ଜୁନିଅରଙ୍କ ସହ ମିଶି ଦେଶରେ ମେଡିକାଲ ରିସର୍ଚ୍ଚ ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଏମାନେ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଦିଗରେ କାର୍ଯ୍ୟ କରିବେ ଯାହା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ ଏବଂ ଲୋକଙ୍କ ଜୀବନ ରକ୍ଷା କରିବ।' ୫୬ ବର୍ଷୀୟ ଜୟ ଭଟ୍ଟାଚାର୍ଯ୍ୟଙ୍କ ଜନ୍ମ ପଶ୍ଚିମବଙ୍ଗର କୋଲକାତାରେ ହୋଇଥିଲା। ସେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ। ୧୯୯୦ରେ ଷ୍ଟାନଫୋର୍ଡ ୟୁନିର୍ଭସିଟିରେ ସ୍ନାତକୋତ୍ତର ଏବଂ ପରେ ମାଷ୍ଟର ଅଫ୍ ଆର୍ଟ ସମାପ୍ତ କରିଥିଲେ। ଏହା ପରେ ସେ ଡକ୍ଟର ଅଫ୍ ମେଡିସିନ୍ (ଏମ୍‌ଡି) ଡିଗ୍ରୀ ହାସଲ କରିଥିଲେ। ୨୦୦୦ ମସିହାରେ ଅର୍ଥନୀତିରେ ପିଏଚଡି କରିଥିଲେ। ବର୍ତ୍ତମାନ ସେ ଷ୍ଟାନଫୋର୍ଡ ୟୁନିର୍ଭସିଟିରେ ହେଲ୍ଥ ପଲିସିର ପ୍ରଫେସର ଅଛନ୍ତି। କେବଳ ସେତିକି ନୁହେଁ ଜୟ ଭଟ୍ଟାଚାର୍ଯ୍ୟ ନ୍ୟାସନାଲ ବ୍ୟୁରୋ ଅଫ୍ ଇକୋନୋମିକ୍ ରିସର୍ଚ୍ଚର ଜଣେ ସହଯୋଗୀ ତଥା ହୁଭର ଇନଷ୍ଟିଚ୍ୟୁଟ୍, ଷ୍ଟାନଫୋର୍ଡ ଇନଷ୍ଟିଚ୍ୟୁଟ୍ ଫର ଇକୋନୋମିକ୍ ପଲିସି ରିସର୍ଚ୍ଚ ଏବଂ ଫ୍ରିମ୍ୟାନ୍ ସ୍ପୋଗଲି ଇନଷ୍ଟିଚ୍ୟୁଟ୍ର ଜଣେ ବରିଷ୍ଠ ସହକର୍ମୀ ଅଟନ୍ତି।



## ଜୟଙ୍କୁ ମିଳିଲା ବଡ଼ ଦାୟିତ୍ୱ

# ଇସ୍ରାଏଲ-ହେଜବୁଲ୍ଲା ଅସ୍ତ୍ରବିରତି

**ତେଲ ଆଭିଭ, ୨୭।୧୧:** ଇସ୍ରାଏଲ-ହେଜବୁଲ୍ଲା ଯୁଦ୍ଧରେ ଲାଗିଲା ଅସ୍ତ୍ରବିରତି ବିରାମ। ଇସ୍ରାଏଲ ଏବଂ ହେଜବୁଲ୍ଲା ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିକୁ ଇସ୍ରାଏଲ କ୍ୟାବିନେଟ ଅନୁମୋଦନ କରିଛି। ଦୀର୍ଘ ଦିନର ଆଲୋଚନା ପରେ ଇସ୍ରାଏଲ୍ ଏବଂ ହେଜବୁଲ୍ଲା ମଧ୍ୟରେ ଆମେରିକା ସମର୍ଥିତ ଅସ୍ତ୍ରବିରତି ପ୍ରସ୍ତାବକୁ ଇସ୍ରାଏଲର କ୍ୟାବିନେଟ୍ ଅନୁମୋଦନ କରିଛି। ଆସନ୍ତା ୬୦ ଦିନ ମଧ୍ୟରେ ଲେବାନନ୍ ସେନା ଏବଂ ସୁରକ୍ଷା ବାହିନୀ ଦକ୍ଷିଣ ଲେବାନନରେ ନିୟୋଜିତ ହେବେ। ଏମାନେ ହେଜବୁଲ୍ଲା ଦ୍ୱାରା ନିୟନ୍ତ୍ରିତ ଅଞ୍ଚଳକୁ ନିୟନ୍ତ୍ରଣ କରିବେ। ସୀମାର ଉଭୟ ପାର୍ଶ୍ୱରେ ସାଧାରଣ ନାଗରିକ ନିଜ ଘରକୁ ଫେରିବା ପାଇଁ ଇସ୍ରାଏଲ ଆସନ୍ତା ୬୦ ଦିନରେ ନିଜର ସୈନ୍ୟ ପ୍ରତ୍ୟାହାର କରିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ଆମେ ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବୁ ହେଲେ ଏଥିରେ କୌଣସି ପ୍ରକାର ଉଲ୍ଲଂଘନ ହେଲେ ଜବରଦସ୍ତ ଜବାବ ଦେବୁ। ସେପଟେ ଆମେରିକା ରାଷ୍ଟ୍ରପତି ସୋଶାଲ ମିଡିଆ ଏକ୍ସରେ ଏହାକୁ ଗୁଡ୍ ନ୍ୟୁଜ ବୋଲି ଲେଖିଛନ୍ତି। ଜୋ ବାଇଡେନ କହିଛନ୍ତି, ବିବାଦ ଶେଷ କରିବାକୁ ଇସ୍ରାଏଲ ଏବଂ ଲେବାନନ ପ୍ରସ୍ତାବରେ ସହମତ ହୋଇଛନ୍ତି। ହେଜବୁଲ୍ଲା କିମ୍ବା ଅନ୍ୟ କେହି ଏହି ଚୁକ୍ତି ଭଙ୍ଗ କଲେ ଇସ୍ରାଏଲ ଆତ୍ମରକ୍ଷା ଅଧିକାରକୁ ବଜାୟ ରଖିବ।



# ମହାରାଷ୍ଟ୍ର ପରାଜୟ ପାଇଁ ଇଭିଏମ୍‌କୁ ଦାୟୀ କଲା ଏମ୍‌ଭିଏ

**ମୁମ୍ବାଇ, ୨୭।୧୧:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଲଜ୍ଜାଜନକ ଓ ଏକତରଫା ପରାଜୟକୁ ସହଜରେ ଭୁଲି ପାରୁନି ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି ବା ଏମଭିଏ। ଏବେ ଏମଭିଏ ନିଜର ପରାଜୟ ପାଇଁ ଇଭିଏମ ଉପରେ ପ୍ରଶ୍ନ ଉଠାଇଛି। ଏଥିସହ ଇଭିଏମ ବିରୋଧରେ ଏମଭିଏ ପକ୍ଷରୁ ଜାତୀୟ ସ୍ତରରେ ବିକ୍ଷୋଭ କରିବାକୁ ଯୋଜନା କରାଯାଉଥିବା ଜଣାପଡ଼ିଛି। କଂଗ୍ରେସ, ଶିବସେନା(ଉଦ୍ଧବ ଠାକରେ) ଓ ଏନସିପି(ଶରଦ ପାୱାର)ଙ୍କୁ ନେଇ ଗଠିତ ଏମଭିଏ ଏହି ପ୍ରସଙ୍ଗରେ କୋର୍ଟଙ୍କ ଦ୍ୱାରସ୍ଥ ହେବ। ଇଭିଏମ ବିଦଳରେ ୨୦୧୪ ପୂର୍ବରୁ ଥିବା ବାଲାଟ ପେପର ବ୍ୟବସ୍ଥାରେ ମତଦାନ କରିବା ନିୟମ ସାରା ଦେଶରେ ଲାଗୁ କରିବାକୁ ଏମଭିଏ ନିଜର ଆବେଦନରେ ଦର୍ଶାଇବ। ଅବଶ୍ୟ ବାଲାଟ ପେପରରେ ଭୋଟିଂ ପାଇଁ ହୋଇଥିବା ଗୋଟିଏ ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଥିଲେ। ତଥାପି ଏମଭିଏ ନୂଆ ଯୁକ୍ତି ଓ ତଥ୍ୟ ସହ ପୁଣି କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଇଭିଏମ ହଟାଅ ଅଭିଯାନକୁ ଜୋରଦାର କରିବ ବୋଲି କୁହାଯାଉଛି। ବୁଧବାର ସମାନ ପ୍ରସଙ୍ଗରେ ଉଦ୍ଧବ ଠାକରେ ଓ ଶରଦ ପାୱାର ବିଧାନସଭା ନିର୍ବାଚନରେ ପରାସ୍ତ ହୋଇଥିବା ଏମଭିଏର ପ୍ରାର୍ଥୀମାନଙ୍କୁ ଭେଟିଛନ୍ତି। ସେମାନଙ୍କ ସହ କଥା ହୋଇ ରାଜ୍ୟ ଓ ଜାତୀୟ ସ୍ତରରେ ଗୋଟିଏ ଆଇନ ପରାମର୍ଶଦାତା ଟିମ ଗଠନ କରାଯାଇଛି। ଏହି ଟିମ ମାଧ୍ୟମରେ ଇଭିଏମ ହଟାଇବା ପାଇଁ ବିରୋଧୀ ମେଣ୍ଟ ନିଜର ଦାବିକୁ ଉପସ୍ଥାପନ କରିବ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି, ଶିବସେନା ଓ ଏନସିପିକୁ ନେଇ ଗଠିତ ମହାଯୁତିର ବିଜୟ ହୋଇଛି। ହେଲେ ଏହାକୁ ଆରମ୍ଭରୁ ହିଁ ବିରୋଧୀ ଏମଭିଏ ବିରୋଧ କରି ଆସୁଛି।



୨୮୮ ବିଧାନସଭା ଆସନରୁ ମହାଯୁତି ୨୩୫ରେ ଜିତିଥିବା ବେଳେ

## ବାଲଟ୍ ପେପର ପୁନଃ ପ୍ରଚଳନ ଦାବିରେ ଆନ୍ଦୋଳନ କରିବ

ଏକାକୀ ବିଜେପି ଖାତାକୁ ୧୩୨ଟି ଆସନ ଯାଇଛି। ସେହିପରି ଏମଭିଏ କେବଳ ୪୯ଟି ଆସନରେ ସୀମିତ ରହିଛି। ଏହା ମଧ୍ୟରୁ ଠାକରେ ସେନା ୨୦ଟି, କଂଗ୍ରେସ ୧୬ଟି ଓ ଶରଦ ପାୱାରଙ୍କ ଏନସିପି କେବଳ ୧୦ଟି ଆସନ ଜିତିବାକୁ ସକ୍ଷମ ହୋଇଛି। ଶରଦ ପାୱାରଙ୍କ ଦଳ ୮୬ଟି ଆସନରେ ପ୍ରାର୍ଥୀ ଦେଇଥିଲା। ଏବେ ପରାଜିତ ପ୍ରାର୍ଥୀମାନଙ୍କୁ ଭିଭିପ୍ୟାଟ ଯାଞ୍ଚ ପାଇଁ ଆବେଦନ କରିବାକୁ କୁହାଯାଇଛି। ଏହାଦ୍ୱାରା ସେମାନେ କେତେ ଭୋଟ ପ୍ରକୃତରେ ପାଇଛନ୍ତି, ତା'ହା ସ୍ପଷ୍ଟ ହୋଇପାରିବ। ଏନସିପିର ଏକାଧିକ ବରିଷ୍ଠ ନେତା ଭୋଟ ଗଣତି ବେଳେ ହେରଫେର ହୋଇଥିବା ଅଭିଯୋଗ କରିଛନ୍ତି। ଏନସିପି ଭଳି କଂଗ୍ରେସ ମଧ୍ୟ ନିଜର ଷ୍ଟ୍ରାଇକ ରେଟରେ ଅସନ୍ତୋଷ ପ୍ରକାଶ କରିଛି। କଂଗ୍ରେସ ୧୦୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ କେବଳ ୧୬ଟିରେ ଜିତିଛି। ଠାକରେ ସେନେ ୯୬ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୨୦ଟି ସ୍ଥାନରେ ଜିତି ପାରିଛି। ପୂର୍ବରୁ ମଧ୍ୟ କଂଗ୍ରେସ ହରିୟାଣା ବିଧାନସଭାରେ ଅପ୍ରତ୍ୟାଶିତ ପରାଜୟ ପରେ ଇଭିଏମ ବିରୋଧରେ ସ୍ୱର ଉଠାଇଥିଲା। ଏବେ ମହାରାଷ୍ଟ୍ରରେ ସମଦଶା ଭୋଗିବାରୁ କଂଗ୍ରେସ ମୁଖିଆ ମଲ୍ଲିକାର୍ଜୁନ ଖଡଗେ ମଙ୍ଗଳବାର ଆମେରିକା ଭଳି ଭାରତରେ ମଧ୍ୟ ବାଲାଟ ପେପର ଜରିଆରେ ଭୋଟିଂ କରିବାକୁ ଦାବି କରିଥିଲେ। ଏବେ ବିରୋଧୀ ମେଣ୍ଟ ପକ୍ଷରୁ ନିଜ ଦାବିକୁ ଆହୁରି ଶାଣିତ କରିବା ପାଇଁ ଜାତୀୟ ସ୍ତରରେ ଇଭିଏମ ହଟାଅ ଅଭିଯାନ ଆରମ୍ଭ ହେବ।

**ଆଇସିସି ର୍‍ୟାଙ୍କିଙ୍ଗ୍**

# ବୁମ୍‌ରା ପୁଣି ବିଶ୍ୱର ୧ନଂ ବୋଲର

**ମୁମ୍ବାଇ, ୨୭।୧୧:** ଭାରତର ସ୍ପିଡଷ୍ଟର ଯଶପ୍ରୀତ ବୁମ୍‌ରା ପୁଣିଥରେ ବିଶ୍ୱର ୧ନଂ ଟେଷ୍ଟ ବୋଲର ହୋଇଛନ୍ତି। ଆଇସିସି ପକ୍ଷରୁ ଆଜି ଜାରି କରାଯାଇଥିବା ଟେଷ୍ଟ ବୋଲିଂରେ ବୁମ୍‌ରା ଦକ୍ଷିଣ ଆଫ୍ରିକାର କାଗିସୋ ରବାଡାଙ୍କୁ ପଛକୁ ଠେଲି ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଚଳିତ ବର୍ଷ ବୁମ୍‌ରା ଦ୍ୱିତୀୟ ଥର ପାଇଁ ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫି ପୂର୍ବରୁ ବୁମ୍‌ରା ରାଙ୍କିଙ୍ଗର ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କ ଉପରେ ରବାଡା ଓ ଜୋଶ ହାଜେଲଉଡ ରହିଥିଲେ। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ପର୍ଥ ଟେଷ୍ଟରେ ଭାରତର କ୍ୟାପ୍ଟେନ୍ସି କରୁଥିବା ବୁମ୍‌ରାଙ୍କ ଘାତକ ବୋଲିଂ ଦେଖିବାକୁ ମିଳିଥିଲା। ସେ ମ୍ୟାଚ୍‌ରେ ୮ଟ ୱିକେଟ ନେବା ସହ ଭାରତ ମଧ୍ୟ ୨୯୫ ରନର ବୃହତ୍ତ ବିଜୟ ହାସଲ କରିଥିଲା। ପର୍ଥ ପ୍ରଦର୍ଶନ ପରେ ବୁମ୍‌ରା ୨ଟି ସ୍ଥାନ ଉପରକୁ ଉଠି ୧ନଂରେ ପହଞ୍ଚି ଯାଉଛନ୍ତି। ରବାଡା ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ଭାରତ ବିପକ୍ଷ ପର୍ଥ ଟେଷ୍ଟର ପ୍ରଥମ ଇନିଂସରେ ହାଜେଲଉଡ ୫ ୱିକେଟ ନେଇଥିଲେ ହେଁ ତୃତୀୟ ସ୍ଥାନକୁ ଖସିଛନ୍ତି।



ଅଷ୍ଟ୍ରେଲିଆର ଅଧିନାୟକ ପାଟ କମିନ୍ସ ଭାରତ ବିପକ୍ଷରେ ସେତେଟା ପ୍ରଭାବ ଦେଖାଇ ପାରି ନଥିଲେ। ଫଳରେ ସେ ଟପ୍ ୫ରୁ ବାଦ ପଡ଼ିଛନ୍ତି।

ବୁମ୍‌ରା ଫେବୃଆରୀ ମାସରେ ପ୍ରଥମ ଥର ପାଇଁ ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ଶୀର୍ଷ ସ୍ଥାନ ଦଖଲ କରିଥିଲେ। ସେ ଭାରତର ପ୍ରଥମ ଦ୍ରୁତ ବୋଲର ଭାବେ ୧ନଂ ସ୍ଥାନରେ ପହଞ୍ଚିବାର ରେକର୍ଡ ମଧ୍ୟ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କ ରାଙ୍କିଙ୍ଗରେ ଅବନୀତି ହୋଇଥିଲା। ତେବେ ବାଂଲାଦେଶ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ବୁମ୍‌ରା ୧୧ଟି ୱିକେଟ ନେବାରୁ ଅକ୍ଟୋବର ମାସରେ କିଛି ସପ୍ତାହ ପାଇଁ ସେ ପୁଣି ରାଙ୍କିଙ୍ଗର ୧ନଂ ସ୍ଥାନରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ପର୍ଥ ଟେଷ୍ଟ ନ ଖେଳି ମଧ୍ୟ ଭାରତର ଭେଟରାନ ସ୍ପିନର ରବି ଅଶ୍ୱିନ ରାଙ୍କିଙ୍ଗର ୪ର୍ଥ ସ୍ଥାନରେ ରହିଛନ୍ତି। ୫ମରେ ଶ୍ରୀଲଙ୍କାର ପ୍ରଭାତ ଜୟସୂରିୟା ରହିଥିବା ବେଳେ ୬ଷ୍ଠରେ ପାଟ କମିନ୍ସ, ୭ମରେ ରବୀନ୍ଦ୍ର ଜାଡେଜା, ୮ମରେ ନାଥନ ଲାୟନ, ୯ମରେ ପାକିସ୍ତାନର ନୋମାନ ଅଲୀ ଓ ୧୦ରେ ମ୍ୟାଟ ହେନରୀ ରହିଛନ୍ତି।

# ୨ ନମ୍ବର ସ୍ଥାନକୁ ଉଠିଲେ ଯଶସ୍ୱୀ ଜୈସୱାଲ



**ମୁମ୍ବାଇ, ୨୭।୧୧:** ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ଭାରତୀୟ ଟିମର ଓପନର ଯଶସ୍ୱୀ ଜୈସୱାଲଙ୍କୁ ବଡ଼ ସଫଳତା ମିଳିଛି। ସେ ଏବେ ରାଙ୍କିଙ୍ଗର ୨ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ରାଙ୍କିଙ୍ଗ। ଅଷ୍ଟ୍ରେଲିଆ ବିପକ୍ଷ ପର୍ଥ ଟେଷ୍ଟରେ ଦମଦାର ଶତକ ମାରିବା ପରେ ଯଶସ୍ୱୀଙ୍କ ରାଙ୍କିଙ୍ଗରେ ଉନ୍ନତି ଆସିଛି। ଅବଶ୍ୟ ଶତକ ପାଇଁ ଯଶସ୍ୱୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳି ନଥିଲା। କିନ୍ତୁ ଭାରତର ୨୯୫ ରନର ବିଶାଳ ବିଜୟରେ ତାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା।

୧୬୧ ରନର ଇନିଂସ ପରେ ଯଶସ୍ୱୀ ରାଙ୍କିଙ୍ଗରେ ୨ଟି ସ୍ଥାନ ଉପରକୁ ଉଠିଛନ୍ତି ଓ କ୍ୟାରିୟରର ଶ୍ରେଷ୍ଠ ରେଟିଂ ୮୨୫ ପଏଣ୍ଟ ହାସଲ କରିଛନ୍ତି। ତାଙ୍କ ଉପରେ ଏବେ ୯୦୩ ରେଟିଂ ପଏଣ୍ଟ ସହ ଇଂଲଣ୍ଡର ଜୋ ରୁଟ ରହିଛନ୍ତି। ଯଶସ୍ୱୀ ଅଷ୍ଟ୍ରେଲିଆ ବିପକ୍ଷରେ ୧୫ଟି ଚୌକା ଓ ୩ଟି ଛକା ବଳରେ ୧୬୧ ରନର ଇନିଂସ ଖେଳିଥିଲେ। ଏଥିସହ କେଏଲ ରାହୁଲଙ୍କ ସହ ମିଶି ପ୍ରଥମ ୱିକେଟ ପାଇଁ ରେକର୍ଡ ୨୦୧ ରନ ଭାଗିଦାରୀ କରିଥିଲେ। ୨୦୨୪ ବର୍ଷ ଯଶସ୍ୱୀଙ୍କ ପାଇଁ ବେଶ ଚମତ୍କାର ରହିଛି। ୨୨ ବର୍ଷୀୟ ଯଶସ୍ୱୀ ୧୨ଟି ଟେଷ୍ଟରେ ୧୨୮୦ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୫୮.୧୮ ରହିଛି। ଏଥିରେ ୩ଟି ଶତକ ଓ ୭ଟି ଅର୍ଦ୍ଧଶତକ ରହିଛି। ସେହିପରି ଗତବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷରେ ଡେବ୍ୟୁ କରିଥିବା ଯଶସ୍ୱୀ ଏଯାଏ ୧୫ଟି ଟେଷ୍ଟରେ ୧୫୬୮ ରନ କରି ସାରିଲେଣି। ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହେଉଛି ୨୧୪ ରନ। ରାଙ୍କିଙ୍ଗ କଥା ଦେଖିଲେ ଜୋ ରୁଟ ଓ ଯଶସ୍ୱୀଙ୍କ ପରେ ତୃତୀୟ ସ୍ଥାନରେ କେନ ୱିଲିୟମସନ, ୪ର୍ଥରେ ହ୍ୟାରୀ ବ୍ରୁକ, ୫ମରେ ଡାରେଲ ମିଚେଲ, ୬ଷ୍ଠରେ ଋଷଭ ପନ୍ତ, ୭ମରେ ଷ୍ଟିଭ ସ୍ମିଥ, ୮ମରେ ସାଉଦ ସକୀଲ, ୯ମରେ କାମିନ୍ଦୁ ମେଣ୍ଡିସ ଓ ୧୦ମ ସ୍ଥାନରେ ଟ୍ରାଭିସ ହେଡ ରହିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ମାରିଥିବା ବିରାଟ କୋହଲି ରାଙ୍କିଙ୍ଗରେ ୯ଟି ସ୍ଥାନ ଉପରକୁ ଉଠିଛନ୍ତି। ଏବେ ସେ ୧୩ତମ ସ୍ଥାନରେ ରହିଛନ୍ତି।

# ଚାମ୍ପିଅନ୍ସ ଟ୍ରଫି ଭାଗ୍ୟ ନିର୍ଦ୍ଧାରଣ ୨୯ରେ

**ଦୁବାଇ, ୨୭।୧୧:** ଆସନ୍ତାବର୍ଷ ପ୍ରାରମ୍ଭରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫିକୁ ନେଇ ସୃଷ୍ଟି ହୋଇଥିବା ଗତିରୋଧ ଦୂର କରିବା ଲାଗି ଆସନ୍ତା ୨୯ ତାରିଖରେ ଆଇସିସି ବୋର୍ଡ ବୈଠକ ବସିବ। ଏଥିରେ ଏହି ପ୍ରତିଯୋଗିତାର ଭାଗ୍ୟ ଆପାତତଃ ନିର୍ଦ୍ଧାରିତ ହେବ। ଆୟୋଜକ ପାକିସ୍ତାନ ନିଜ ଦେଶରେ ସବୁ ମ୍ୟାଚ୍ କରିବା ଜିଦ୍‌ରେ ଅଟଳ ରହିବା ଏବଂ ଭାରତୀୟ ଦଳକୁ ସେଠାକୁ ପଠାଇବାକୁ ବିସିସିଆଇ ମନା କରିବା ପରେ ଏହି ପ୍ରତିଯୋଗିତାର ଭାଗ୍ୟ ଏବେ ସୂତା ଖିଅରେ ଝୁଲୁଛି। ତେବେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)କୁ ମନାଇବା ପାଇଁ ଆଇସିସି ଅନୌପଚାରିକ ଭାବେ ତାକୁ ମିଳୁଥିବା ଆର୍ଥିକ ଅନୁଦାନକୁ ବହୁଗୁଣ ବଢ଼ାଇବାର ପ୍ରସ୍ତାବ ଦେଇ ସାରିଥିବା ଜଣାପଡ଼ିଛି। ୨୯ ତାରିଖ ବୈଠକରେ ଏଥିନେଇ ବିସ୍ତୃତ ଆଲୋଚନା ହେବ। ଆଇସିସି ସହ, ବିସିସିଆଇ, ପିସିବି ଓ ଅନ୍ୟ ସଦସ୍ୟ ବୋର୍ଡଗୁଡ଼ିକ ଏଥିରେ ନିଜନିଜ ଆଭିମୁଖ୍ୟ ସ୍ପଷ୍ଟ କରିବେ। ସବୁକିଛି ଠିକ୍‌ଠାକ୍ ରହିଲେ ସେହିଦିନ ଚାମ୍ପିଅନ୍ସ ଟ୍ରଫିର ପରିବର୍ତ୍ତିତ ସୂଚୀ ଉପରେ ମୋହର ଲାଗିବ। ସେପଟେ ଏହି ୮ଦଳୀୟ ପ୍ରତିଯୋଗିତାର ଆକର୍ଷଣୀୟ ଟ୍ରଫି ପାକିସ୍ତାନ ଭ୍ରମଣ ସାରି ଆଫଗାନିସ୍ତାନକୁ ଯାଇଥିବା ଜଣାପଡ଼ିଛି। ଜାନୁଆରି ମାସରେ ଏହି ଟ୍ରଫି ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି। ଭାରତ ସରକାରଙ୍କ ତୀବ୍ର ପ୍ରତିବାଦ ପରେ ପାକିସ୍ତାନ ଅଧିକୃତ କାଶ୍ମୀରକୁ ଟ୍ରଫି ନେବା ଲାଗି ପିସିବି କରିଥିବା ଯୋଜନାକୁ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା।




**'ନାଡା'ର ବଡ଼ ଆକ୍ସନ**

# ରେସଲର୍ ବଜରଙ୍ଗ ପୁନିଆ ୪ ବର୍ଷ ପାଇଁ ବ୍ୟାନ୍

**ନୂଆଦିଲ୍ଲୀ, ୨୭।୧୧:** ଭାରତର ଷ୍ଟାର୍ ରେସଲ୍‌ର ବଜରଙ୍ଗ ପୁନିଆଙ୍କୁ ବଡ଼ ଝଟ୍‌କା। ତାଙ୍କ ଉପରେ ଲାଗିଲା ୪ ବର୍ଷର ବ୍ୟାନ୍। ନ୍ୟାସନାଲ ଆଣ୍ଟି ଡୋପିଂ ଏଜେନ୍ସି ତାଙ୍କ ବିରୋଧରେ ଏଭଳି କିଛି ବଡ଼ ଆକ୍ସନ ନେଇଛି। ବଜରଙ୍ଗ ପୁନିଆ ଆଣ୍ଟି ଡୋପିଂ କୋଡ୍‌ର ଉଲ୍ଲଙ୍ଘନ କରିଥିବା ଯୋଗୁ ନାଡା ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କେବଳ ସେତିକି ନୁହେଁ ଏହି ଅବଧି ସମୟରେ ସେ ବିଦେଶରେ ମଧ୍ୟ ଟ୍ରେନିଂ ନେଇପାରିବେ ନାହିଁ। ଜାତୀୟ ଟିମର ଚୟନ ବେଳେ ଡୋପିଂ ଟେଷ୍ଟକୁ ମନା କରିଥିଲେ ପୁନିଆ। ମାର୍ଚ୍ଚ ୧୦ରେ ଚୟନ ପ୍ରକ୍ରିୟା ହୋଇଥିଲା। ଏହି ସମୟରେ ବଜରଙ୍ଗ ପୁନିଆ ନମୁନା ଦେବାକୁ ମନା କରିଥିଲେ। ଏଥିପାଇଁ ତାଙ୍କୁ ନାଡା ୪ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ଏହି ଅପରାଧ ପାଇଁ ନାଡା ପ୍ରଥମେ ବଜରଙ୍ଗ ପୁନିଆକୁ ୨୩ ଏପ୍ରିଲରେ ନିଲମ୍ବିତ କରିଥିଲା। ଯାହା ପରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ମଧ୍ୟ ତାଙ୍କୁ ନିଲମ୍ବିତ କରିଥିଲେ। ଏହା ପରେ ବଜରଙ୍ଗ ନିଲମ୍ବନ ବିରୋଧରେ ଆବେଦନ କରିଥିଲେ। ତେବେ 'ନାଡା'ର ଅନୁଶାସନାତ୍ମକ ଡୋପିଂ ପ୍ୟାନେଲ୍ (ଏଡିଡିପି) ଏହାକୁ ମେ' ୩୧ରେ ବାତିଲ କରିଦେଇଥିଲା। ତା'ପରେ ନାଡା ୨୩ ଜୁନ୍‌ରେ ବଜରଙ୍ଗଙ୍କୁ ନୋଟିସ୍ ଜାରି କରିଥିଲା। ଏହାପରେ ୧୧ ଜୁଲାଇରେ ସେ ଏହି ଅଭିଯୋଗକୁ ଚ୍ୟାଲେଞ୍ଜ କରିଥିଲେ। ୨୦ ସେପ୍ଟେମ୍ବର ଏବଂ ୪ କ୍ଟୋବରରେ ଏହାର ଶୁଣାଣି ହୋଇଥିଲା। ପ୍ୟାନେଲର ବିଶ୍ୱାସ ଯେ, ବଜରଙ୍ଗ ପୁନିଆ ଧାରା ୧୦.୩.୧ ଅନୁଯାୟୀ ଦଣ୍ଡବିଧାନ ପାଇଁ ଦାୟୀ। ଏଥିପାଇଁ ତାଙ୍କୁ ଏହି ଦଣ୍ଡ ମିଳିଛି। ନିଲମ୍ବନର ଅର୍ଥ ହେଉଛି ବଜରଙ୍ଗ ପ୍ରତିଯୋଗିତାମୂଳକ କୁସ୍ତିରେ ଭାଗ ନେଇପାରିବେ ନାହିଁ। କେବଳ ସେତିକି ନୁହେଁ ବିଦେଶରେ କୋଚିଂ ଚାକିରି ପାଇଁ ଆବେଦନ ମଧ୍ୟ କରିପାରିବେ ନାହିଁ। ବଜରଙ୍ଗ ଉପରେ ୪ ବର୍ଷର ପ୍ରତିବନ୍ଧକ ୨୦୨୪ ଏପ୍ରିଲ ୨୩ରୁ କାର୍ଯ୍ୟକାରୀ ହେବ ବୋଲି ପ୍ୟାନେଲ କହିଛି। ସୂଚନାଯୋଗ୍ୟ, ୨୦୧୮ ଏସିଆନ୍ ଗେମ୍ସ, ୨୦୧୮ ଓ ୨୦୨୨ କମନୱେଲଥରେ ଗୋଲ୍ଡ ମେଡାଲ ଜିତି ଦେଶ ପାଇଁ ଗୌରବ ଆଣିଥିଲେ ରେସଲର୍ ବଜରଙ୍ଗ ପୁନିଆ। ସେହିପରି ଟୋକିଓ ଅଲିମ୍ପିକ୍ସ ଗେମ୍ସରେ ସେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ଗତ ନିର୍ବାଚନ ପୂର୍ବରୁ ରେସଲରର ଭିନେଶ ଫୋଗାଟ୍‌ଙ୍କ ସହ ବଜରଙ୍ଗ କଂଗ୍ରେସରେ ସାମିଲ ହୋଇଥିଲେ।



# ମାଆ ହେଲେ ସାକ୍ଷୀ

**ନୂଆଦିଲ୍ଲୀ, ୨୭।୧୧:** ଭାରତର ପ୍ରଥମ ମହିଳା ଅଲମ୍ପିକ ପଦକ ବିଜେତା କୁସ୍ତିଯୋଦ୍ଧା ସାକ୍ଷୀ ମଲ୍ଲିକ ୨୦୨୪ ନଭେମ୍ବର ୧୧ ତାରିଖରେ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଏହି ଖୁସି ଖବରକୁ ସାକ୍ଷୀ ୨୦୨୪ ନଭେମ୍ବର ୨୫ ତାରିଖ ରାତିରେ ଇନଷ୍ଟାଗ୍ରାମରେ ସେୟାର କରିଥିଲେ। ଏହି ପୋଷ୍ଟରେ ସାକ୍ଷୀ ଝିଅର ନାମ ବି ସମସ୍ତଙ୍କୁ ଜଣାଇଛନ୍ତି। ସାକ୍ଷୀ ତିନିଥର ଅଲମ୍ପିକ ଗୋଲ୍ଡ ମେଡାଲିଷ୍ଟ ଓ ୧୩ଥର ବିଶ୍ୱ ଚମ୍ପିୟାନସିପ ବିଜେତା ସାଓରି ୟୋସିଦାଙ୍କ ଉପରେ ଝିଅର ନାମ ରଖିଛନ୍ତି। ସାକ୍ଷୀ ମଲିକ ଏହି ଖୁସି ଖବରର ପୋଷ୍ଟ ସେୟାର କରି ଲେଖିଛନ୍ତି, 'ପ୍ରାଉଡ ପ୍ୟାରେନ୍ସ। ସାକ୍ଷୀ ଓ ସତ୍ୟବ୍ରତଙ୍କୁ ଈଶ୍ୱରଙ୍କ ଆର୍ଶୀବାଦ ରୂପରେ କନ୍ୟାରତ୍ନ ପ୍ରାପ୍ତ ହୋଇଛି। ୟୋସିଦା କାଦିୟାନ। ଏହି ପୋଷ୍ଟକୁ ସାକ୍ଷୀ ମଲିକଙ୍କ ସ୍ୱାମୀ ସତ୍ୟବ୍ରତ କାଦିୟାନ ଇନଷ୍ଟାଗ୍ରାମରେ ହ୍ୟାଣ୍ଡେଲରେ ସେୟାର କରିଛନ୍ତି।' ସାକ୍ଷୀ କନ୍ୟା ସନ୍ତାନର ମା' ହେବା ଖବର ସାମ୍ନାକୁ ଆସିବା ପରେ କୁସ୍ତିଯୋଦ୍ଧାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟି ଆସୁଛି। ନିକଟରେ କୁସ୍ତିଯୋଦ୍ଧାଙ୍କ ବାୟୋଗ୍ରାଫି 'ୱିଟନେସ' ଲଞ୍ଚ ହୋଇଛି। ଏହି ପୁସ୍ତକରେ ସାକ୍ଷୀ ମଲିକ ରେସଲିଂ ଫେଡେରେସନ ଅଫ ଇଣ୍ଡିଆ (ଡବ୍ଲୁଏଫଆଇ)ର ପୂର୍ବତନ ଅଧ୍ୟକ୍ଷ ଓ ଭାରତୀୟ ଜନତା ପାର୍ଟି(ବିଜେପି)ର ପୂର୍ବତନ ସାଂସଦ ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଅନେକ ଗମ୍ଭୀର ଅଭିଯୋଗ କରିଛନ୍ତି। ପୁସ୍ତକରେ ଉଲ୍ଲେଖ ଅଛି କି ଭାରତୀୟ କୁସ୍ତି ମହାସଂଘର ଅଧ୍ୟକ୍ଷ ହେବାପାଇଁ ବ୍ରିଜ ଭୂଷଣ ଶରଣ ସିଂହ ତାଙ୍କ ରାଜନୈତିକ ଶକ୍ତିର ପ୍ରୟୋଗ କରିଥିଲେ। ଅଧ୍ୟକ୍ଷ ହେବାପରେ ସେ ତାଙ୍କ ସମର୍ଥକ ଓ ପରିବାର ସଦସ୍ୟଙ୍କୁ ରାଜ୍ୟ ସଂଘରେ ସାମିଲ କରିଥିଲେ।



**ଆଡିଲେଡ୍ ପାଇଁ ଅଙ୍କକଷା ଆରମ୍ଭ**

# ଫେରିଲେ ରୋହିତ ଶର୍ମା

**ନୂଆଦିଲ୍ଲୀ, ୨୭।୧୧:** ପର୍ଥ ଟେଷ୍ଟରେ ଭାରତର ଦମ୍‌ଦାର ବିଜୟ ପରେ ଏବେ ଆଡିଲେଡ୍‌ରେ ଭାରତକୁ ଆହୁରି ମଜବୁତ୍ କରିବା ପାଇଁ ଦଳ ସହିତ ଯୋଗଦେଇସାରିଛନ୍ତି ଅଧିନାୟକ ରୋହିତ ଶର୍ମା। ଦେବଦତ୍ତ ପଡ଼ିକଲଙ୍କ ସ୍ଥାନରେ ରୋହିତ ଖେଳିବା ସ୍ପଷ୍ଟ ହୋଇଛି। ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ସହିତ ରୋହିତ ପାଳି ଆରମ୍ଭ କରିବେ। ଏପରି ହେଲେ କେଏଲ୍ ରାହୁଲ୍ କେଉଁ ସ୍ଥାନରେ ଖେଳିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ରାହୁଲ୍ ସମ୍ଭବତଃ ପଡ଼ିକଲଙ୍କ ସ୍ଥାନରେ ତୃତୀୟ ନମ୍ବରରେ ଖେଳିବାକୁ ଛଡ଼ାଯାଇପାରେ। ତଥାପି ଶୁବମନ ଗିଲ୍‌ଙ୍କ ସୁସ୍ଥତା ଉପରେ ଏହା ନିର୍ଭର କରିବ। ଅନ୍ୟପକ୍ଷରେ କିଛି ବିଶେଷଜ୍ଞଙ୍କ କହିବାନୁସାରେ ରାହୁଲ୍ ପ୍ରାରମ୍ଭିକ ବ୍ୟାଟିଂ କରି ଭଲ ସଫଳତା ପାଇଥିବାରୁ ରୋହିତ ମଧ୍ୟକ୍ରମରେ ଖେଳିପାରନ୍ତି। ୫ କିମ୍ବା ୬ ନମ୍ବର ସ୍ଥାନରେ ସେ ବ୍ୟାଟିଂକୁ ଆସି ଦଳକୁ ଫାଇଦାରେ ରଖିବାକୁ ଚାହିପାରନ୍ତି। ପର୍ଥରେ ରୋହିତଙ୍କ ଅନୁପସ୍ଥିତିରେ ରାହୁଲ୍ ଅସ୍ଥାୟୀ ଭାବେ ପାଳି ଆରମ୍ଭ କରିଥିଲେ। କିନ୍ତୁ ଉଭୟ ପାଳିରେ ୨୬ ଓ ୭୭ ରନ୍ କରି ଭାରତକୁ ଦୃଢ଼ତା ପ୍ରଦାନ କରିଥିଲେ। ଏଥିପୂର୍ବରୁ ଅଷ୍ଟ୍ରେଲିଆରେ 'ଏ' ଦଳୀୟ ମ୍ୟାଚ୍‌ରେ ରାହୁଲ ଖେଳି ଅଭିଜ୍ଞତା ସାଉଁଟିଥିବାରୁ ତାହା ତାଙ୍କୁ ସୁବିଧାରେ ରଖିଥିଲା। ଗତ ୫ ବର୍ଷ ଧରି ରୋହିତ ଭାରତୀୟ ଦଳରେ ଶୀର୍ଷ ସ୍ଥାନରେ ବ୍ୟାଟିଂ କରୁଛନ୍ତି। କିନ୍ତୁ ଅଷ୍ଟ୍ରେଲିଆ ଭଳି ଆହ୍ୱାନପୂର୍ଣ୍ଣ ଦେଶରେ ପରବର୍ତ୍ତୀ ୪ ଟେଷ୍ଟ୍‌ରେ ତାଙ୍କୁ ଆକ୍ରମଣ କରିବାକୁ ହେବ। ଏଠାକାର ବାଉନ୍ସିଂ ପିଚ୍‌ରେ ତାଙ୍କୁ ପୁଲ୍ ସଟ୍ ଖେଳିବାକୁ ସହଜ ହେବ। ତେଣୁ ଦ୍ୱିତୀୟ ଟେଷ୍ଟ୍‌ରୁ ସେ ତାଙ୍କର ଲୟ ଫେରିପାଇବାକୁ ନିଶ୍ଚୟ ଚେଷ୍ଟା କରିବେ। ଗିଲ୍ ଶୃଙ୍ଖଳା ଆରମ୍ଭ ହେବା ପୂର୍ବରୁ ଅନ୍ତଃଦଳୀୟ ମ୍ୟାଚ୍ ବେଳେ ଆଘାତପ୍ରାପ୍ତ ହୋଇଥିଲେ। ଯେଉଁଥିପାଇଁ ପ୍ରଥମ ଟେଷ୍ଟ୍‌ରେ ସେ ଖେଳିପାରି ନଥିଲେ। ତାଙ୍କୁ ସୁସ୍ଥ ହେବାରେ କିଛି ଦିନ ବିଳମ୍ବ ହୋଇପାରେ। ଏପର୍ଯ୍ୟନ୍ତ ସେ ନେଟ୍ସକୁ ଓହ୍ଲାଇ ନାହାନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଗ୍ନିଶମରେ...

ସବୁଠାରୁ ବଡ ସଫଳତା ହେବ। ଆପଣମାନଙ୍କର କାର୍ଯ୍ୟ କ୍ଷେତ୍ରରେ ସୁନାମ ରାଜ୍ୟକୁ ସୁରକ୍ଷିତ କରି ରଖିବ।

ସେ ପୁଣି କହିଥିଲେ, ରାଜ୍ୟରେ ମୋଟ ୩୮୩୨ଟି ଆଗ୍ନିକ ଓ ୩୮୭ଟି ପଦବୀ ରହିଛି। ଖାଲି ଥିବା ୮୨୬ ଆଗ୍ନିକ ଓ ୧୧୫ ଆଗ୍ନିକ ଗାଡିଚାଳକ ପଦବୀ ପୂରଣ ହେଲା। ଗୋଟିଏ ଦିନରେ ସମ୍ପୂର୍ଣ୍ଣ ପଦବୀ ସଂଖ୍ୟାର ୨୨ ଭାଗ ପଦବୀ ପୂରଣ କରାଗଲା। ୯୪୧ ଜଣ ନୂଆ ଅଗ୍ନିଯୋଦ୍ଧାଙ୍କ ଯୋଗଦାନ ବିଭାଗକୁ ସୁଦୃଢ କରିବ ଏବଂ ବିଭାଗ ଲୋକଙ୍କ ଧନଜୀବନ ସୁରକ୍ଷା କରିବା ପାଇଁ ଅଧିକ ସକ୍ଷମ ହେବ। ଆହୁରି ମଧ୍ୟ ଗୃହ ବିଭାଗରେ ଖାଲିଥିବା ପଦବୀ ଓ ନୂଆ ପଦବୀ ମିଶି ପ୍ରାୟ ୧୦, ୦୦୦ ପଦବୀ ଖୁବ୍ ଶୀଘ୍ର ପୂରଣ ହେବ। ଏବେ ପ୍ରାୟ ୨୪୧୬ଟି ଗୃହରକ୍ଷୀ ପଦବୀ ଖାଲି ଅଛି। ଖୁବ୍ ଶୀଘ୍ର ଏ ଗୁଡିକ ମଧ୍ୟ ପୂରଣ ହେବ। ଆଗାମୀ ୫ ବର୍ଷ ମଧ୍ୟରେ ଆମ ସରକାର ୧.୫ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ସ୍ଥିର କରିଛନ୍ତି। ଡବଲ ଇଞ୍ଜିନ ସରକାର ଦିନରାତି ଏକ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଛି। ମେକ ଇନ ଓଡିଶା- ଉକ୍ରର୍ଷ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ଅଛି। ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ମଧ୍ୟ ଆହୁରି ନିଯୁକ୍ତି ମିଳିବ।

ଅଗ୍ନିଶମ ବାହିନୀର କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶା ଅଗ୍ନିଶମ ବିଭାଗକୁ ଆମ ଦେଶରେ ଏକ ମଡେଲ ସଂଗଠନ ଭାବେ ବିବେଚନା କରାଯାଉଛି। ବାହାନଗା ରେଳ ଦୁର୍ଘଟଣା ସମୟରେ ଆମ ଅଗ୍ନିଯୋଦ୍ଧା ମାନେ ଦୁଃସାହସିକତାର ପରିଚୟ ଦେଇଥିଲେ। ଆମ ରାଜ୍ୟରେ ବର୍ତ୍ତମାନ ୩୪୬ଟି ଦମକଳ କେନ୍ଦ୍ର ଅଛି। ଅଗ୍ନିଶମ ବାହିନୀକୁ ସୁଦୃଢ କରିବା ପାଇଁ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୩୯୪ କୋଟି ଟଙ୍କା ଏବଂ ପଞ୍ଚଦଶ ଅର୍ଥ କମିଶନରୁ ୨୦୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଅଗ୍ନିଶମ ବାହିନୀକୁ ଅଧିକ ସକ୍ଷମ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

ଅନ୍ୟତମ ଅତଥି ତଥା ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ବୋଧନ ଦେଇ କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡିଶା ଅଗ୍ନିଶମ ବାହିନୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଜି ଆମ ରାଜ୍ୟ ଜାତୀୟ ସ୍ତରରେ ପ୍ରଶଂସିତ। ନବ ନିଯୁକ୍ତ ଅଗ୍ନିଯୋଦ୍ଧାମାନଙ୍କୁ ଉତ୍ସାହିତ କରି ସେ କହିଥିଲେ, ଆପଣମାନେ ସରକାରଙ୍କ ପକ୍ଷରୁ ପ୍ରଥମ ପତ୍ର ପାଇଲେ। ପ୍ରତି ବର୍ଷ ଯେପରି ପ୍ରଶଂସାପତ୍ର ପାଇବେ ସେଥିପ୍ରତି ଚେଷ୍ଟା ଜାରି ରଖନ୍ତୁ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଲେ, ଅଗ୍ନିଶମ ଯୋଦ୍ଧା ଉପରେ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ରହିଛି। ଏହି ବାହିନୀରେ ଝିଅମାନଙ୍କୁ ସୁଯୋଗ ଦେବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ନବନିଯୁକ୍ତ ଅଗ୍ନିଯୋଦ୍ଧାଙ୍କୁ ଉତ୍ସାହିତ କରିଥିଲେ। ଗୃହ ବିଭାଗର ଅତିରକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଏବଂ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଆସନ୍ତା ବର୍ଷ ...

ଶିକ୍ଷା କ୍ଷେତ୍ରରେ ଯାହା ଆବଶ୍ୟକ ତାହା ବିଭାଗ ପୂରଣ ପାଇଁ ଚେଷ୍ଟା କରୁଛି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଅନ୍ୟପଟେ ବୈକୁଣ୍ଠ ଧାମ ସ୍କୁଲ ଗଣଶିକ୍ଷା ବିଭାଗ ଜମିରେ ଥିବା ନେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଏସବୁ ଜିନିଷକୁ ଆମେ ଅନୁଧ୍ୟାନ କରୁଛୁ। ଆବଶ୍ୟକ ପଡ଼ିଲେ ଏହାର ତଦନ୍ତ କରାଯିବ। ପ୍ରକୃତ ଘଟଣା କ'ଣ ଜାଣିବା ପରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନାଯୋଗ୍ୟ ଜାତୀୟ ଶିକ୍ଷାନୀତି ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ମୁଖ୍ୟ ଯୋଜନା। ଦେଶରେ ଶିକ୍ଷାର ବିକାଶ ଓ ସମାନ ନିୟମ ଲାଗୁ ପାଇଁ ଏଥିରେ ବ୍ୟାପକ ବ୍ୟବସ୍ଥା ରହିଛି।

### ଗନ୍ଧମାର୍ଦ୍ଦନ...

ତାହାକୁ ନେଇ ଜନ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ଫଳରେ ସରକାର ଅନୁମତି ପ୍ରତ୍ୟାହାର କରିନେଇଥିଲେ। ଏବେ କିନ୍ତୁ ସରକାର ଗନ୍ଧମାର୍ଦ୍ଦନକୁ କମ୍ପାନୀ ହାତକୁ ଟେକି ଦେବାକୁ ଯାଉଛନ୍ତି । ଯେଉଁଠି ସରକାର ପରିବେଶର ମଙ୍ଗଳ ପାଇଁ ଜଙ୍ଗଲ ସୃଷ୍ଟି କରିବା କଥା ତାହାକୁ ସରକାର ନଷ୍ଟ କରିବାକୁ ବସିଛନ୍ତି । ଏହାକୁ ନେଇ ସ୍ଥାନୀୟ ଲୋକେ ଜନଆନ୍ଦୋଳନ ଆରମ୍ଭ କଲେଣି। ଏହାସହ ଗନ୍ଧମାର୍ଦ୍ଦନ ପାଦଦେଶରେ ଆଦାନୀ ଗ୍ରୁପକୁ ଜମି କିଣିବାକୁ ସରକାର ଅନୁମତି ଦେଇଛନ୍ତି କି ? ଗନ୍ଧମାର୍ଦ୍ଦନ ପାହାଡରୁ ବକ୍ସାଇଟ ଖନନ ପାଇଁ କାହାକୁ ଦେବାକୁ ଲକ୍ଷ୍ୟ ରଖାଯାଇଛି ସରକାର ସ୍ପଷ୍ଟ କରନ୍ତୁ। ଏହାସହ ରାଜ୍ୟ ସରକାରଙ୍କ ଅଗୋଚରରେ ଯଦି ଆଦାନୀ ଗ୍ରୁପ ଜମି କିଣିବାକୁ ଅନୁମତି ପାଇଛନ୍ତି ତେବେ ସରକାର ସେ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ ।

ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତର ରଖି ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓ କହିଥିଲେ ଆଦାନୀକୁ ଜମି କିଣିବାକୁ ବିଜେଡି ସରକାର ଅନୁମତି ଦେଇଥିଲେ। ହେଲେ ଗନ୍ଧମାର୍ଦ୍ଦନ ପାହାଡର ଇଂଚେ ବି ଜମି ମୋହନ ସରକାର କାହାକୁ ଦେବେ ନାହିଁ । ଯଦି ମୋହନ ସରକାର ସେ କାମ କରନ୍ତି ତେବେ ଜନଆନ୍ଦୋଳନରେ ନିଜେ ସାମିଲ ହେବେ ବୋଲି କେ.ଭି ସିଂଦେଓ କହିଛନ୍ତି । ବିଜେଡିକୁ ପାଲଟା ପ୍ରଶ୍ନ କରି ସେ କହିଛନ୍ତି କି, ଗୃହରେ ବିଜେଡି ସ୍ୱିକାର କରୁ କି, ଆଦାନୀକୁ ଜମି କିଣିବାକୁ ବିଜେଡି ସରକାର ଅନୁମତି ଦେଇଥିଲେ । ସୁନ୍ଦରଗଡରେ ଖଣି ଖନନ କରୁଥିବା କମ୍ପାନୀକୁ ବଲାଙ୍ଗୀରରେ ବନୀକରଣ ପାଇଁ କେଉଁ ସରକାର ଅମଳରେ ଅନୁମତି ଦିଆଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

### ବିରଜା ...

ହୋଇଛି ଅନୁରୂପ ସୌନ୍ଦର୍ଯ୍ୟକରଣ ଏଠାରେ କରିବାକୁ ଯୋଜନା ହୋଇଛି। ତେବେ ଗତ କିଛିଦିନ ଧରି ପ୍ରକଳ୍ପ କାର୍ଯ୍ୟକୁ ନେଇ ବାଦ ବିବାଦ ଦେଖା ଦେଇଛି। ଆବଶ୍ୟକ ହେଉଥିବା ଜମି ବିବାଦ ତୁଟୁନାହିଁ। ପ୍ରକଳ୍ପ ପାଇଁ ନିକଟରେ ହୋଇଥିବା ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବାପରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇଙ୍କୁ ଜେଲ୍ ଯିବାକୁ ପଡ଼ିଛି। ତେବେ ପ୍ରକଳ୍ପକୁ ନେଇ କେଁ ଦେଖାଦେବା ପରେ ଏବେ ସରକାର ଏହାର ସତ୍ୟତା ଜାଣିବାକୁ ଇଚ୍ଛା ପ୍ରକଟ କରୁଥିବା ସୂଚନା ମିଳିଛି। ପ୍ରକଳ୍ପ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଲାଣି ଓ ଟଙ୍କା ସବୁ କିଭଳି ଉପାୟରେ କିଏ କିଏ ପାଇଛନ୍ତି ତାହା ସାଧାରଣ ଲୋକେ ଜାଣିବା ଦରକାର। ଆଲୋଚନା ଅନୁଯାୟୀ ପ୍ରକଳ୍ପ ପାଇଁ ଜମି ଦେବା ଆଳରେ ବହୁ ଲୋକେ ସରକାରୀ ନିୟମ ବାହାରକୁ ଯାଇ ଅଧିକ ଅର୍ଥ ପାଇଛନ୍ତି। ତେଣୁ ସେମାନେ କେତେ ଟଙ୍କା ନେଇଛନ୍ତି ଓ କେତେ ଜମି ଦେଇଛନ୍ତି ତାହାର ଖୋଳତାଡ ହେବ। ସୂଚନା ଅନୁଯାୟୀ ଯଦି ଇଓଡବ୍ଲୁ ଏଥିରେ ନାକ ପୂରାଇବ ତେବେ ବହୁ ନିରୀହ ଲୋକେ ଅକଳରେ ପଡ଼ିଯିବେ। କାରଣ ଅତି ସହଜରେ ପଇସା ନେଇ ଜମି ଦେଇଥିବା ଲୋକେ ଜେରାର ସମ୍ମୁଖୀନ ହେବେ। ସତ ଓଗାଳିବେ। ଏହି ସତରେ କିଏ ଫସିବ ତାହା ବଡ ପ୍ରଶ୍ନବାଚୀ ପାଲଟିଲାଣି। ବର୍ତ୍ତମାନ ଯାଜପୁରରେ ଧର୍ମଶାଳା ବିଧାୟକଙ୍କୁ ମାଡ ଘଟଣାରେ କ୍ରାଇମବ୍ରାଞ୍ଚ ଖୋଳତାଡ ଆରମ୍ଭ କରିଥିବାବେଳେ ଇଓଡବ୍ଲୁର ସଜବାଜ ଖବର ଏବେ ଅନେକଙ୍କ ମନରେ ଛନକା ସୃଷ୍ଟି କଲାଣି।

### ଖୋଲୁଛି ...

ଗତ ମୌସୁମୀ ଅଧିବେଶନବେଳେ ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ଏହି ଝୋଟବ୍ୟାଗ ବଂଟନରେ ୨୪୭.୩୬କୋଟି ଟଙ୍କା ବ୍ୟୟ ହୋଇଛି ବୋଲି ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ଦର୍ଶାଇଥିଲେ । କିନ୍ତୁ ଆଜି ଏହି ପରିମାଣରେ ବୃଦ୍ଧି ହୋଇଛି । ଆଜି ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି ଯେ, ରାସନକାର୍ଡଧାରୀ ପରିବାରକୁ ତତକାଳୀନ ବିଜେଡି ସରକାର ୨ଟି ଲେଖାଁଏ ବ୍ୟାଗ ବଂଟନ କରିଛି, ଯାହାର ହାରାହାରି ଦର ୨୬୩.୧୯ଟଙ୍କା ହେବ ବୋଲି ଆକଳନ କରାଯାଉଛି । ସେତେବେଳେ ଏହି ବ୍ୟାଗ ବଂଟନକୁ ନେଇ ବିରୋଧୀ ଦଳ ବିଜେପି ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଥିଲା । ବିଜେଡିର ଚିହ୍ନ ଶଙ୍ଖ ଥାଇ ଏହି ବ୍ୟାଗ ବଂଟନ କରାଯାଇଥିଲା ।

### ଡିସେମ୍ବର...

ସାଜିବ ତାହା ଏବେ ଚର୍ଚ୍ଚାର ବିଷୟ। କାରଣ ପ୍ରଥମ ଓ ଦ୍ୱିତୀୟ ଉଇକେଟ୍ ମଧ୍ୟ ଦିନେ ବିଜେଡି ଓ ବିଜେଡି ସଭାପତି ନବୀନଙ୍କର ଏକାନ୍ତ ଅନୁଗତ ରହିଥିଲେ। କ୍ଷମତା ରାଜନୀତିରେ ସବୁକିଛି ସମ୍ଭବ ହୋଇଥିବାରୁ ଡିସେମ୍ବର ୨୦ ପରେ କିଏ ବିଜେପି ଶିବିରକୁ ଆସିବ କି ନିଜ ଘୋଷଣା ଅନୁଯାୟୀ ବିଜେଡିର ୭ଜଣ ନିଜ ନିଜ କାର୍ଯ୍ୟକାଳ ଶେଷପର୍ଯ୍ୟନ୍ତ ଦଳରେ ରହିବେ ତାହା ବଡ ପ୍ରଶ୍ନ ହୋଇଛି। ରାଜନୈତିକ ବିଶାରଦମାନଙ୍କ ମତରେ ଯେହେତୁ ବିଜେଡିରୁ ଇସ୍ତଫା ଦେଉଥିବା ସାଂସଦମାନଙ୍କୁ ବିଜେପି ପୁର୍ନବାର ନିଜ ଟିକଟର ରାଜ୍ୟସଭାକୁ ପଠାଉଛି ତେଣୁ ବିଜେଡି ଛାଡିଲେ ବି ସାଂସଦମାନଙ୍କର କୌଣସି କ୍ଷତି ହେବନାହିଁ। ବରଂ ଶାସକଦଳର ସାଂସଦ ଭାବେ ଅଧିକ ସୁବିଧା ସୁଯୋଗ ପାଇବେ। ଏଭଳି ସ୍ଥିତିରେ ଓଡିଶା ରାଜନୀତିରେ ପ୍ରଥମଥର ପାଇଁ ସାଂସଦଙ୍କ ଏଭଳି ଦଳବଦଳ ଖେଳରେ ଆଗାମୀ ଉଇକେଟ୍ କିଏ ସାଜିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ଖଣି ଅଧିକାରୀଙ୍କ...

ଜେମାଦେଈପୁର ଶାସନରେ ତାଙ୍କର ଗୋଟିଏ ଘର ଅଛି। କେନ୍ଦୁଝର ଜିଲ୍ଲା ଘଷିପୁରା ତହସିଲର ମଦନପୁରରେ ଶ୍ରୀ ହୋତାଙ୍କର ଏକ ୫ ଏକରର ଫାର୍ମ ହାଉସ ଅଛି। ତା'ସହିତ ଭୁବନେଶ୍ୱର, କଟକ ଓ ଯାଜପୁରରେ ତାଙ୍କର ୧୪ଟି ପ୍ଲଟ୍ ଅଛି। ସେଥିରୁ ୪ଟି ଭୁବନେଶ୍ୱର ଓ କଟକରେ ଅଛି। ବାକି ୧୦ଟି ଯାଜପୁରର ଦାନଗଦିରେ ଥିବା ଜଣାପଡ଼ିଛି। ତାଙ୍କର ଏକ ଚାରି ଚକିଆ ଗାଡ଼ି ଓ ୨ଟି ଦୁଇ ଚକିଆ ଗାଡ଼ି ଅଛି। ତାଙ୍କର ବ୍ୟାଙ୍କ, ବୀମା ଓ ପୋଷ୍ଟ ଅଫିସ ଜମା ଏବଂ ଅନ୍ୟାନ୍ୟ ନିବେଶ ନେଇ ଭିଜିଲାନ୍ସର ଖୋଳତାଡ଼ ଜାରି ରହିଛି। ଚଢ଼ାଉ ଜାରି ରହିଥିବାରୁ ତାଙ୍କର ଆହୁରି ସମ୍ପତ୍ତି ମିଳିବା ସମ୍ଭାବନା ରହିଛି।

### ୧୪ ଅଭିଯୁକ୍ତଙ୍କ...

କୁମାର ଆଚାର୍ଯ୍ୟ, ସୁଦର୍ଶନ ଓଝା, ଅଚ୍ୟୁତାନନ୍ଦ ନାୟକ, ସୁଶୀଲ ରାଉତକୁ କୋର୍ଟ ଚାଲଣ କରାଯାଇଥିଲା। ଆଜି ଦୌରା ଜଜ୍ କୋର୍ଟରେ ଏହି ୧୪ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରାଯାଇଥିବା ବେଳେ ସଦର ଥାନାକୁ କେସ ଡାଏରୀ ମଗାଯାଇଥିଲା। କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାୟିତ୍ୱ ନେଇଥିବାରୁ ସଦର ଥାନାକୁ ମଗାଯାଇଥିବା କେସ ଡାଏରୀ ପ୍ରଦାନ କରାଯାଇପାରିବ ନାହିଁ ବୋଲି କୋର୍ଟକୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ତ୍ୱରିତ ତଦନ୍ତ କରି ସବିଶେଷ ତଥ୍ୟ ଉପସ୍ଥାପନ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପଟେ କେସ ନଂ. ୩୩୫/୨୪ ମାମଲାରେ ସଦର ଥାନା ପୁଲିସ ଉପରୋକ୍ତ ୧୪ଜଣ ଅଭିଯୁକ୍ତଙ୍କୁ ରିମାଣ୍ଡ ଗ୍ରହଣ କରିବାକୁ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଛି। ଦିନକୁ ଦିନ ଅଡୁଆ ଭିତରେ ଅଭିଯୁକ୍ତ ଛନ୍ଦି ହୋଇ ପଡୁଛନ୍ତି। ଜଣେ ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ମାମଲା ରୁଜୁ ହୋଇଛି ।



## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

**ପୁରୀ,୨୭।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ ୨୪-୨୫ ବିପଣନ ବର୍ଷ (ଖରିପ ଋତୁ) କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକର ଉଦ୍ଦେଶ୍ୟ ଥିଲା ଚାଷୀ ମାନଙ୍କ ଠାରୁ କିପରି ସୂଚାରୁ ରୂପେ ଧାନ ସଂଗ୍ରହ କରାଯିବ। ପୁରୀ ଜିଲ୍ଲାରେ ଆସନ୍ତା ୨ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀ ମାନେ ଯେପରି କୌଣସି ଅସୁବିଧା ନ ଭୋଗିବେ ଆମେ ସେ ଦିଗରେ ଦୃଷ୍ଟି ଦେଉଛୁ। ଚଳିତବର୍ଷ ଆମ ସରକାର୍ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କାରେ ଧାନ କିଣିବେ। ତେଣୁ ଅଧିକରୁ ଅଧିକ ଧାନ ସଂଗ୍ରହ କରିବା ଏବଂ ଚାଷୀଙ୍କୁ ସଚେତନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବାହାର ରାଜ୍ୟର ଧାନ ଯେପରି ନ ଆସେ ସେଥିପାଇଁ ବିଶେଷ ଧ୍ୟାନ ଦିଆଯାଉଛି ଏବଂ ଟୋକନ୍ ଅଭିବୃଦ୍ଧି ୭ଦିନ ବଢ଼ାଇବା ସହ ଉଷୁନା ଧାନ ସଂଗ୍ରହ କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏ ବୈଠକର ମୂଳ ଲକ୍ଷ୍ୟ କଟନି ଛଟନି ମୁକ୍ତ ଧାନ କିଣା।

## ଗୋଟିଏ ଭାଙ୍ଗିଲେ, ବିରୋଧ ହେବାରୁ ଫେରିଆସିଲେ

**ଉଦଳା,୨୭।୧୧(ସଂଚାର ବ୍ୟୁରୋ):** ଜବରଦଖଲ ଉଚ୍ଛେଦ କରିବାକୁ ଗଲେ ଗୋଟିଏ ଘର ଭାଙ୍ଗିଲେ, ପରେ ବିରୋଧ ହେବାରୁ ଛାଡି ଫେରି ଆସିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ଉଦଳା ତହସିଲ ଅଧୀନରେ ଜବରଦଖଲ ଉଚ୍ଛେଦ ସମୟରେ। ଆଜି ଉଦଳା ତହସିଲ ୟୁନିଟ ୧୨ ରେ ଜବରଦଖଲ ହୋଇଥିବା ୪୦ ଡେସିମିଲ ସରକାରୀ ଜାଗା ଉଚ୍ଛେଦ କରିବାକୁ ପହଞ୍ଚିଥିଲା ପ୍ରଶାସନ। ମାଜିଷ୍ଟ୍ରେଟ ଏବଂ ପୋଲିସ ଉପସ୍ଥିତିରେ ୟୁନିଟ ୧୨ ରେ ୧୫ ଡେସିମିଲ ଜାଗାରେ ହୋଇଥିବା ଏକ ଘରକୁ ପ୍ରଶାସନ ଜେସିବି ସହାୟତାରେ ଭାଙ୍ଗିଥିବା ବେଳେ ବାକି ଜବରଦଖଲ ସ୍ଥାନ ଉଚ୍ଛେଦ କରିବାକୁ ଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ବିରୋଧର ସାମ୍ନା କରିଥିଲା ପ୍ରଶାସନ। ସ୍ଥାନୀୟ ଲୋକେ ବିରୋଧ କରିବା ସହିତ ଜବରଦଖଲ ଉଚ୍ଛେଦ କରିବାକୁ ଦେଇ ନ ଥିଲେ। ଦୀର୍ଘ ସମୟ ଧରି ବିରୋଧ ପରେ ଉଚ୍ଛେଦ କରି ନ ପାରି ଅଧା କାମରୁ ଫେରିଥିଲା ପ୍ରଶାସନ।



# ଅଙ୍ଗନବାଡି ଘର ନିର୍ମାଣକୁ ନେଇ ତେଜିଲା ବିବାଦ

## ଲେ-ଆଉଟ ଦେଇ ନ ପାରି ଫେରିଗଲେ କନିଷ୍ଠଯନ୍ତ୍ରୀ

- ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ
- ବିଡ଼ିଓଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ଗ୍ରାମବାସୀଙ୍କ ନଜର



**ଦଶରଥପୁର,୨୭।୧୧(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଗ୍ରାମରେ ଏକ ଅଙ୍ଗନବାଡି ଘର ନିର୍ମାଣ ପାଇଁ ଯାଗା ଚିହ୍ନଟକୁ ନେଇ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ ସମୟ ଧରି ବିବାଦ ଲାଗିରହିଥିଲା। ଗ୍ରାମରେ ଥିବା ଏକ ଜାଗା ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ ଜମିକୁ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ ସମୟ ଧରି ଉକ୍ତ ଗ୍ରାମର ଭିକାରି ଯେନାଙ୍କ ଦୁଇ ପୁଅ ସରୋଜ କୁମାର ଯେନା ଓ ଅଜୟ କୁମାର ଯେନା ୨ ଭାଇ ନିଜ ଦଖଲରେ ରଖି ଆସିଥିବା ବେଳେ ଦଶରଥପୁର ତହସିଲ ପକ୍ଷରୁ ୩୧/୮/୨୪ ରିଖରେ ଦଶରଥପୁର ତହସିଲର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ଓ ମଙ୍ଗଳପୁର ଆଇଆଇସି ବିଜୁୟୀ ସାହୁ ଓ ପୋଲିସ ଫୋର୍ସଙ୍କ ସହାୟତାରେ ଉକ୍ତ ସ୍ଥାନରୁ ଜବର ଦଖଲ ଉଛେଦ କରାଯାଇଥିଲା । ଏହାପରେ ଉକ୍ତ ସ୍ଥାନରେ ଅଙ୍ଗନବାଡି ଗୃହ ନିର୍ମାଣ କରିବା ପାଇଁ ଦଶରଥପୁର ତହସିଲ ପକ୍ଷରୁ ବ୍ଲକ ପ୍ରଶାସନକୁ ୨୭/୯/୨୪ ରିଖରେ ଏକ ଲିଖିତ ରିପୋର୍ଟ ପ୍ରଦାନ କରାଯାଇ ଥିଲା । ଦୁବକଣ ଗ୍ରାମରେ ଅଙ୍ଗନବାଡି ଘର ନିର୍ମାଣ ପାଇଁ ୫ ବର୍ଷରୁ ଉର୍ଦ୍ଧ ସମୟ ଧରି ବିବାଦ ଲାଗିରହିଥିବା ବେଳେ ଦଶରଥପୁର ତହସିଲ ପକ୍ଷରୁ ଉକ୍ତ ସ୍ଥାନରୁ ଜବର ଦଖଲ ଉଛେଦ କରାଯିବା ପରେ ଗ୍ରାମବାସୀ ମାନଙ୍କ ମଧ୍ୟରେ ଉକ୍ତ ସ୍ଥାନରେ ଅଙ୍ଗନବାଡି ଘର ନିର୍ମାଣ ହେବା ନେଇ ଆଶା ସଂଚାର ହୋଇଥିଲା । ଏହାପରେ ଦଶରଥପୁର ବ୍ଲକର ବିଡ଼ିଓ ଆକାଶ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକର କନିଷ୍ଠ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର କାପ ଆଜି ଦୁବକଣ ଗ୍ରାମରେ ପହଞ୍ଚି ଉକ୍ତ ସ୍ଥାନରେ ନୂତନ ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ ଲେଆଉଟ ଦେବା କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ସମୟରେ ସରୋଜ କୁମାର ଯେନାଙ୍କ ସାନ ପୁଅ ତାପସ କୁମାର ଯେନା ଏହି ସ୍ଥାନରେ ଅଙ୍ଗନବାଡି ଘର ନିର୍ମାଣ କରାଯାଇ ପାରିବ ନାହିଁ ବୋଲି କନିଷ୍ଠ ଯନ୍ତ୍ରୀ ନିର୍ମଳ କାପଙ୍କୁ କହିଥିଲେ । ମାତ୍ର ଉକ୍ତ ସ୍ଥାନରେ ଅଙ୍ଗନବାଡି ଘର ନିର୍ମାଣ କରିବା ପାଇଁ ଦଶରଥପୁର ତହସିଲଦାର ଯାଗା ଚିହ୍ନଟ କରି ବ୍ଲକ ପ୍ରଶାସନକୁ ରିପୋର୍ଟ ଦେଇଛନ୍ତି ଓ ଏହି ସ୍ଥାନରେ ଘର ନିର୍ମାଣ ହେବ ବୋଲି କନିଷ୍ଠ ଯନ୍ତ୍ରୀ ନିର୍ମଳ କାପ ତାପସଙ୍କୁ ଯେତେ ବୁଝା ସୁଝା କରିଥିଲେ ମଧ୍ୟ ତାପସ ଉକ୍ତ ସ୍ଥାନରେ କୌଣସି କାର୍ଯ୍ୟ କରାଯାଇ ପାରିବ ନାହିଁ ବୋଲି ଧମକ ଦେଇଥିଲେ । ଏଠାରେ ପ୍ରକାଶ ଥାଉକି ନିୟମ ଅନୁଯାଇ ଜଣେ ସରକାରୀ କର୍ମଚାରୀଙ୍କୁ ତାଙ୍କ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏକ ଦଣ୍ଡନୀୟ ଅପରାଧ । ଏଠାରେ ପ୍ରକାଶ ଥାଉକି ସରୋଜ ଓ ଅଜୟ ଦୁଇ ଭାଇ ସରକାରୀ ଚାକିରିଆ ହୋଇଥିବା ବେଳେ ତାଙ୍କ ବାପା ଭିକାରି ଯେନା ମଧ୍ୟ ଜଣେ ସରକାରୀ ପେନସନ ଧାରୀ । ତାପସ କାର୍ଯ୍ୟ ବନ୍ଦ କରିବା ପରେ ଏବେ ଗ୍ରାମରେ ଚାପା ଉତେଜନା ସୃଷ୍ଟି ହୋଇଥିବା ବେଳେ ଦଶରଥପୁର ବ୍ଲକର ବିଡ଼ିଓ ଆକାଶ ପଟ୍ଟନାୟକ ଉକ୍ତ ଘଟଣା ଉପରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ଗ୍ରାମବାସୀ ମାନେ ଚାତକ ପରି ଚାହିଁ ବସିଛନ୍ତି ।

## ନିଖିଳ ଉତ୍କଳ ପାଟେରା ସମିତିର ସାଧାରଣ ବୈଠକ

**ନାଉଗାଁ,୨୭।୧୧ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ସ୍ଥିତ ବାଜପୁର ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ପୀଠ ପ୍ରାଙ୍ଗଣରେ ନିଖିଳ ଉତ୍କଳ ପାଟେରା ସମିତି ହରିହରପୁର ଚକଲା ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ ମୁଖ୍ୟ ଅତିଥି ରୂପେ ନିଖିଳ ଉତ୍କଳ ପାଟେରା ସମିତି ରାଜ୍ୟ ସଭାପତି ଡ଼ଃ ରୁଦ୍ର ନାରାୟଣ ପୃଷ୍ଟି ଯୋଗଦେଇଥିଲେ ।ଏହି ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ରୂପେ ନିରଞ୍ଜନ ପରିଡ଼ା, ଉପ ସଭାପତି କୈଳାଶ ଚନ୍ଦ୍ର ସାହୁ,ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଯୁଗ୍ମ ସମ୍ପାଦକ ଯତୀନ୍ଦ୍ର ପାତ୍ର, ଅଭ୍ୟୁଦୟ ସାହୁ, କୋଷାଧ୍ୟକ୍ଷ ଅମରନାଥ ପରିଡା ମନୋନୀତ ହୋଇଥିଲେ ଏବଂ ଆଡ଼ଭୋକେଟ ବୀର ନାରାୟଣ ପାତ୍ର, ପ୍ରଳୟା ନନ୍ଦ ବେହେରା, ଶିବପ୍ରସାଦ ପାତ୍ର ରାଜ୍ୟ ମହାସଭା କୁ ଜିଲ୍ଲାରୁ ପ୍ରତିନିଧି ରୂପେ ମନୋନୀତ ହୋଇଛନ୍ତି ।ଏହି ବୈଠକରେ ଚକଲାର ଆଗାମୀ ଦିନର କାର୍ଯ୍ୟକ୍ରମ କିପରି ସୁଚାରୁରୂପେ ସମ୍ପାଦନ କରାଯିବ ସେହି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା



## ବିନା ନମ୍ବର ପ୍ଲେଟରେ ଗଡୁଛି ମାଳମାଳ ଗାଡ଼ି



**କାକଟପୁର/ଅସ୍ତରଙ୍ଗ,୨୭।୧୧(ସଂଚାର ବ୍ୟୁରୋ):** ଅସ୍ତରଙ୍ଗ ଓ କାକଟପୁର ରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ପ୍ରହସନ ପାଲଟିଛି। ଏହି ନିୟମ ଉଲ୍ଲଘଂନକାରୀ ଙ୍କ ବିରୋଧରେ କଡାକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ କୁହାଗଲା। ମୋଟା ଅଙ୍କର ଜରିମାନା ବ୍ୟବସ୍ଥା ବି ହେଲା। ଅନେକ ଲୋକ ସେହି ଭୟରେ ନି ନିଜ ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇଲେ। କେନ୍ଦ୍ରୀୟ ମୋଟର ଯାନ ଆଇନ ଅନୁସାରେ ଏଚଏସଆରପି ଏବଂ କଲର କୋଡ଼ ଷ୍ଟିକର ନ ଲଗାଇଲେ ୫ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରାଗଲା। ସେବେ ଠାରୁ ଲୋକଙ୍କ ମନରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଗୋଟିଏ ଚିହ୍ନ ଭଳି ରହିଗଲା। ଲୋକେ ଏହି ନମ୍ବର ପ୍ଲେଟ ପାଇଁ ନାହିଁ ନଥିବା ଅସୁବିଧାର ସାମ୍ନା ବି କରିଥିଲେ। ପଞ୍ଜିକରଣ ସହ ସ୍ଲଟ ବୁକିଂ କରିବା, ତା ପରେ ସୋ ରୁମ ଯାଇ ଧାଡ଼ିରେ ଛିଡାହୋଇ ନମ୍ବର ପ୍ଲେଟ ଲଗାଇବାକୁ ପଡୁଥିଲା। ଲୋକଙ୍କୁ ନିଜର କାମ ଧନ୍ଦା ଛାଡି ଉକ୍ତ ନମ୍ବର ପ୍ଲେଟ ଲଗାଇବାକୁ ନାକେଦମ୍ ହେବାକୁ ପଡିଥିଲା। କିନ୍ତୁ ଏହି ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଏବେ ଏକ ପ୍ରହସନ ପାଲଟି ଯାଇଛି। ନାଁ ଯାଞ୍ଚ ହେଉଛି ନାଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। କେବେ ପୁରୀ ଏସ୍ପି ଓ ଆର ଟି ଓ ନଜର ପଡୁଛି ତାହା ହିଁ ଅପେକ୍ଷା।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶିବିର




**ନବରଙ୍ଗପୁର,୨୭।୧୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନଯାୟୀ ଆଜି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲ୍ଲା ସ୍ତରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରି କହିଲେ ଯେ ଜିଲ୍ଲାରେ ପ୍ରତ୍ଯେକ ଶିଶୁଙ୍କୁ ସୁରକ୍ଷା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି । ସମାଜର ଶିଶୁକୁ ପରିବାର ଦରକାର । ଶିଶୁଟିର ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣ କରାଗଲେ ତାପାଇଁ ପରିବାରଟି ସୁରକ୍ଷିତ ହୋଇ ପାରିବ । ଏଥି ସହିତ ଜିଲ୍ଲାରେ ଦାଦନ ଶ୍ରମିକ ଭାବରେ ଯାଇଥିବା ପରିବାରଙ୍କର ଶିଶୁମାନଙ୍କର ତାଲିକା ଅଙ୍ଗନବାଡି ସ୍ତରରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ବୈଠକ ପ୍ରମ୍ଭରେ ସୂଚନା ଦେଇ କହିଥିଲେ ଯେ ଜିଲ୍ଲାରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଜରିଆରେ ୨୯ଟି ଶିଶୁଙ୍କୁ ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣ କରାଯାଇଛି । ଜିଲ୍ଲାର ସମସ୍ତ ଗ୍ରାମରେ ଏକ ମାସ ଧରି ହେବାକୁ ଥିବା ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣ ଉପରେ ବ୍ୟାପକ ଜନ ସଚେତନତା କରାବାର ଯୋଜନା ସୂଚନା ଦେଇଥିଲେ । ଅନ୍ୟମାଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷି ଅଧିକ୍ଷକ ଆଦିତ୍ୟ ସେନ , ଜିଲ୍ଲା ଶ୍ରମ ଅଧିକାରୀ ଛୋଟ ରାୟ ଟୁଡୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ,ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଅଜନ୍ତା ପ୍ରୀୟ ଶୁଭଦର୍ଶିନୀ , ଶିକ୍ଷାବିତ ଅବନୀ କୁମାର ତ୍ରିପାଠୀ , ଆକ୍ସନଏଡର ଜିଲ୍ଲା ପରାମର୍ଶଦାତା ଫକିର ଚରଣ ରାଉତ, ଅଙ୍ଗନ ଷ୍ଟ୍ରଟ ସଯୋଜିକା ପ୍ରଭାସିନୀ ପଟ୍ଟନାୟକ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ସାଗର ପଟ୍ଟନାୟକ , ସିଡ଼ିପିଓ ଏସେ ଗୀତା, ଯମୁନା ଭତ୍ରା , ସଞ୍ଜୁକ୍ତା ବେହେରା , ଗୀତା ମିଶ୍ର , ବିନୀତା ଜେଠି, ମିନତୀ ବେହେରା , ସସ୍ମିତା ମହାନ୍ତି, ସବିତାରାଣୀ ବ୍ରହ୍ମା , ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୁପରଭାଇଜରମାନେ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାରେ ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣର ବିଭିନ୍ନ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ।

## ଆଇଟି ପ୍ରଫେସନାଲଙ୍କ ଠାରୁ ୧୯ଲକ୍ଷ ଟଙ୍କା ଠକେଇ

### ସାଇବର ଠକକୁ ଗିରଫ କଲା କ୍ରାଇମବ୍ରାଞ୍ଚ

**କଟକ,୨୭।୧୧(ସଂଚାର ବ୍ୟୁରୋ):** ଅନଲାଇନ ପୁଞ୍ଜିନିବେଶ ନାଁରେ ଜଣେ ଆଇଟି ପ୍ରଫେସନାଲଙ୍କ ଠାରୁ ୧୯ଲକ୍ଷ ୮୪ହଜାର ଟଙ୍କା ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ଅଭ୍ୟାସଗତ ସାଇବର ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଅଭିଯୁକ୍ତ ଜଣକ ହେଉଛି ଛତିଶଗଡ, ରାୟପୁରର ଅଶ୍ୱିନୀ ପାଲ (୪୧)। ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ, ପାନ୍ କାର୍ଡ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ପ୍ରାୟ ୨୩ଟି ଠକେଇ ଅଭିଯୋଗ ରହିଛି । ଅଭିଯୁକ୍ତ ଅଶ୍ୱିନୀ ଛତିଶଗଡ଼ର ମୋୱାସ୍ଥିତ ପାଣ୍ଡ୍ରିଠାରେ ଏକ ମେଡିସିନ୍ ଷ୍ଟୋର ଚଳାଉଥିଲେ ଏବଂ ଜଣେ ବ୍ୟକ୍ତିଙ୍କ ପ୍ରଭାବରେ ମହାମାୟା ମେଡ଼ିକାଲ ଷ୍ଟୋର ନାମରେ ଏକ ଆକାଉଣ୍ଟ ତିଆରି କରି ସାରା ଦେଶରେ ବିଭିନ୍ନ ପୀଡ଼ିତାଙ୍କଠାରୁ ଟଙ୍କା ପାଇବା ପାଇଁ ବ୍ୟବହାର କରଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଅଭିଯୋଗ ଅନୁଯାୟୀ, ହ୍ୱାଟସଆପ୍ ଜରିଆରେ ଘରେ ବସି ରୋଜଗାର କରିବାକୁ +୧(୬୭୨)୮୮୮୧୦୦୩ ନମ୍ବରରୁ ଅଭିଯୋଗକାରୀଙ୍କ ନିକଟକୁ ଏକ ମେସେଜ୍ ଆସିଥିଲା। ଏ ସମ୍ପର୍କରେ ସେ ହ୍ୱାଟ୍ସଆପ୍ ଆକାଉଣ୍ଟ ବ୍ୟବହାରକାରୀଙ୍କୁ ପଚାରିଥିଲେ। କେବଳ ୟୁଟ୍ୟୁବ୍ ଆକାଉଣ୍ଟ ସଦସ୍ୟତା ଗ୍ରହଣ କରିଲେ ପ୍ରତିବଦଳରେ ତାଙ୍କୁ ୫୦ ଟଙ୍କା ମିଳିବ ବୋଲି ସାଇବର ଠକ ଜଣକ କହିଥିଲେ । ପରେ ସାଇବର ଠକଙ୍କ ନିର୍ଦ୍ଦେଶ ପାଳନ କରିଥିଲେ ଅଭିଯୋଗକାରୀ। ଠକମାନେ ତାଙ୍କୁ ଏକ ଟେଲିଗ୍ରାମ ଗ୍ରୁପରେ ଯୋଡ଼ିୱା ସହ ୟୁଟ୍ୟୁବ୍ ଆକାଉଣ୍ଟର ସଦସ୍ୟତା ଗ୍ରହଣର ସ୍କ୍ରିନ୍ ସଟ୍ ସେୟାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅନ୍ୟ ଜଣେ ଠକ ତାଙ୍କୁ ନିବେଶ ଯୋଜନାରେ ଟଙ୍କା ଜମା କରି ଏହି ପ୍ଲାଟଫର୍ମରେ ଅଧିକ ଟଙ୍କା ରୋଜଗାର କରିପାରିବେ ବୋଲି ପ୍ରବର୍ତ୍ତାଇଥିଲା।

## କୋଣାର୍କ ଉତ୍ସବ ପାଇଁ ସମୀକ୍ଷା ବୈଠକ



**କୋଣାର୍କ,୨୭।୧୧(ସଂଚାର ବ୍ୟୁରୋ):** ଗତକାଲି ଅପରାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଡିସେମ୍ବର ୧ ତାରିଖି ଠାରୁ ଆରମ୍ଭ ହେବାକୁ ଥିବା କୋଣାର୍କ ଉତ୍ସବ ଓ ବାଲୁକା କଳା ଉତ୍ସବ ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ଉତ୍ସବ କୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ଉତ୍ତରଦାୟୀ ଭାବେ ନିର୍ଦ୍ଧାରିତ ସମୟରେ ସମ୍ପର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ ।ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ବ୍ୟବସ୍ଥା, ବେଳାଭୂମି,ଉତ୍ସବ ସ୍ଥଳ,ମେଳା ସ୍ଥାନ ଓ ସହର କୁ ପରିଷ୍କାର ପରିଚ୍ଛନ୍ନ ରଖିବା, କୋଣାର୍କ ମନ୍ଦିର ଓ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକିକରଣ,ସ୍ୱାସ୍ଥ୍ୟ ସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ବିଷଦ ସମୀକ୍ଷା ଜିଲ୍ଲାପାଳ କରିଥିଲେ। ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ କୋଣାର୍କ କୁ ଆସିବେ। ସେମାନେ ଆମର ଅତିଥି ।ସେମାନ ଙ୍କୁ ଉଚିତ ବ୍ୟବହାର, ସମ୍ମାନ ଜଣାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏକ ସୁଖଦ ଅନୁଭୂତି ନେଇ ପର୍ଯ୍ୟଟକ ମାନେ ଯେମିତି ଫେରିବେ ସେଥିପାଇଁ ଆମେ ସମସ୍ତେ ସଚେତନ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ଗୋପ ବିଡ଼ିଓ, ତହସିଲଦାର, କୋଣାର୍କ ଏନଏସି ର ନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଛଟେଇ ପ୍ରତିବାଦରେ ମଦ ନିଗମ ସମ୍ମୁଖରେ ଶ୍ରମିକଙ୍କ ଧାରଣା

**ଖୋର୍ଦ୍ଧା,୨୭।୧୧(ସଂଚାର ବ୍ୟୁରୋ):** କୌଣସି କାରଣ ନଥାଇ ମଦ ନିଗମରେ କାର୍ଯ୍ୟରତ ଶ୍ରମିକଙ୍କୁ ଛଟେଇ ପ୍ରତିବାଦ ରେ ମଦ ନିଗମ ସମ୍ମୁଖରେ ଶ୍ରମିକ ଏବଂ ତାଙ୍କ ପରିବାର ସଦସ୍ୟ ମାନେ ଶୀତ କାକରରେ ଧାରଣା ରେ ବସି ରହିଛନ୍ତି। ଅକ୍ଟୋବର ମାସ ପର୍ଯ୍ୟନ୍ତ ୪୨ ଜଣ ଶ୍ରମିକ ଦୀର୍ଘ ୧୨ ରୁ ୧୫ ବର୍ଷଧରି ଗାଡ଼ିରେ ଲୋଡ଼,ଅନଲୋଡ଼ କରି ଆସୁଥିବା ବେଳେ ହଠାତ କୌଣସି କାରଣ ନଥାଇ ନଭେମ୍ବର ଏକ ତାରିଖରୁ ନୂଆ କଣ୍ଟ୍ରାକ୍ଟର ନିଯୁକ୍ତି ପରେ ପୂର୍ବରୁ କାର୍ଯ୍ୟରତ ଶ୍ରମିକ ମାନଙ୍କୁ କାର୍ଯ୍ୟରୁ ଛଟେଇ କରି ନୂତନ ଶ୍ରମିକ ମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବାବେଳେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ଶ୍ରମିକ ମାନଙ୍କୁ ଛଟେଇ କରାଯିବା ପ୍ରତିବାଦରେ ସେମାନେ ନିଜ ପରିବାର ସହିତ ଧାରଣାରେ ବସି ରହିଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରମ ବିଭାଗକୁ ତୁରନ୍ତ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ, ଏ ସମ୍ପର୍କରେ ଉପ-ଶ୍ରମ ଆୟୁକ୍ତଙ୍କ କଡା ନିର୍ଦ୍ଦେଶ ପାଇବା ପରେ ସମ୍ପୃକ୍ତ ଠିକାଦାର ମଦ ନିଗମର ସାଧାରଣ ପରିଚାଳକ ସଞ୍ଜୟ କୁମାର ରାଉତ, ଉପ-ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ପୂର୍ବତନ ଠିକାଦାର ମନୋଜ ପ୍ରତାପ ପ୍ରମୁଖଙ୍କ ଉପସ୍ଥିତିରେ ନୂତନ ଠିକାଦାର ମନୋଜ କୁମାର ରଥ ପୂର୍ବରୁ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଥଇଥାନ କରିବାକୁ ପ୍ରତିଶୃତି ଦେଇ ଥିଲେ ମଧ୍ୟ ତାହା କାର୍ଯ୍ୟକାରି କରିନଥିଲେ। ଫଳରେ ଏହାର ପ୍ରତିବାଦରେ ଛଟେଇ ଶ୍ରମିକ ମାନେ ଧାରଣାରେ ବସି ରହିବା ଫଳରେ ଶହ ଶହ ସଂଖ୍ୟାରେ ଟ୍ରକ ମଦ ନିଗମ ସମ୍ମୁଖରେ ମାଲ ପରିବହନ କରି ନପାରି ଅଟକି ରହିଛି। ଏହି ମଦ ନିଗମରୁ ରାଜ୍ୟ ସରକାର ଦିନକୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପାଉଥିବା ବେଳେ ଆଜି ତାହା ଠପ ହୋଇଯାଇଛି।



## ପୁଲିସ୍ ଓ ଓକିଲ କହି ଟଙ୍କା ଆଦାୟ କରୁଥିଲେ ୨ ଯୁବକ




**ନୟାଗଡ,୨୭।୧୧(ସଂଚାର ବ୍ୟୁରୋ):** କେତେବେଳେ ନିଜକୁ ଏସ୍‌ଡିପିଓ କହୁଥିଲେ। ଆଉ କେତେବେଳେ ନିଜକୁ ଓଡିଶା ହାଇକୋର୍ଟର ଆଇନ୍‌ଜୀବୀ କହୁଥିଲେ। ଏମିତି କେତେ କ'ଣ ପରିଚୟ ଦେଇ ଟଙ୍କା ଆଦାୟ କରୁଥିଲେ ଦୁଇ ଯୁବକ। ସେମାନଙ୍କ ଘର ନୟାଗଡ଼ରେ ହୋଇଥିଲେ ବେଳେ ମାଲକାନଗିରି ଲୋକଙ୍କୁ ଟାର୍ଗେଟ କରୁଥିଲେ। ଏନେଇ ଅଭିଯୋଗ ହେବା ପରେ ମାଲକାନଗିରି ପୁଲିସ୍ ୨ ଠକଙ୍କୁ ନୟାଗଡ଼ରୁ ଗିରଫ କରିଛି। ଅଭିଯୋଗ ଅନୁସାରେ ଦୁଇ ଧୃତ ହେଉଛନ୍ତି ନୟାଗଡ ଜିଲ୍ଲା ସରୋଡା ଗାଁର କାର୍ତ୍ତିକ ରାଉତରାୟ ଓ ଏକାନ ପାଣି। ଏମାନେ କୁଆଡେ ଜାନୁଆରୀ ୨୩ ତାରିଖରେ ଚାଲାଣଗୁଡା ସରପଞ୍ଚ ଇରମା ମାଡ଼ିଙ୍କୁ ଫୋନ୍ କରିଥିଲେ। ଆଉ ସେତେବେଳେ ନିଜକୁ ମାଲକାନଗିରି ଏସ୍‌ଡିପିଓ କହି କଥା ହୋଇଥିଲେ। କଥାବାର୍ତ୍ତା ଛଳରେ ଲାଞ୍ଚ ମାଗିଥିଲେ। ଏସ୍‌ଡିପିଓ ଜାଣି ସରପଞ୍ଚ ମହାଶୟ ବିଭିନ୍ନ କାମ ବାବଦକୁ ୧୮ ହଜାର ଟଙ୍କା ଦେଇଥିଲେ। ପୁଲିସ୍‌ଙ୍କ ପରେ ପାଳି ପଡିଥିଲା ଆଇନ୍‌ଜୀବୀ। ନିଜକୁ ହାଇକୋର୍ଟର ଆଇନ୍‌ଜୀବୀ କହି ଏହି ଦୁଇ ଧୃତ ଜୁଲାଇ ୨୨ ତାରିଖରେ ମାଲକାନଗିରିର ଜଣାଶୁଣା ଆଇନ୍‌ଜୀବୀ ରାଜେଶ ପଟ୍ଟନାୟକଙ୍କ ପାଖକୁ ଫୋନ୍ କରିଥିଲେ। ମେଡ଼ିକାଲ୍ ହେଲ୍‌ପ ପାଇଁ ୧୦ ହଜାର ଟଙ୍କା ମାଗିଥିଲେ। ତେଣୁ ନିଜର ମହାନତା ଦେଖାଇ ରାଜେଶ ଅନ୍‌ଲାଇନ୍‌ରେ ୧୦ ହଜାର ଟଙ୍କା ପଠାଇଥିଲେ। ରାଜେଶଙ୍କ ପରେ ମାଲକାନଗିରିର ଆଉ ଜଣେ ଆଇନ୍‌ଜୀବୀଙ୍କୁ ଚୂନ ଲଗାଇଥିଲେ କାର୍ତ୍ତିକ ରାଉତରାୟ ଓ ଏକାନ ପାଣି। ଠିକ୍ ସେମିତି ଢଙ୍ଗରେ ନିଜକୁ ହାଇକୋର୍ଟର ଆଇନ୍‌ଜୀବୀ କହି ମାଲକାନଗିରି ଓକିଲ ଗୋପାଳ ରାଓଙ୍କୁ ଫୋନ୍ କରି ୧୦ ହଜାର ଟଙ୍କା ମାଗିଥିଲେ। ସେ ମଧ୍ୟ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅଭିଯୋଗ ଅନୁସାରେ ଉଭୟ ଅନେକ ଲୋକଙ୍କୁ ଫୋନ୍ କରି ଚୂନ ଲଗାଇଥିଲେ।

ଠକାମୀ ସମ୍ପର୍କରେ ଜାଣିପାରି ଆଇନ୍‌ଜୀବୀ ରାଜେଶ ପଟ୍ଟନାୟକ ଏନେଇ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ୍ ପ୍ରଥମେ ସେମାନଙ୍କ ଫୋନ୍ ନମ୍ବରକୁ ଟ୍ରାକ୍ କରିଥିଲା। ତା'ପରେ ସେମାନଙ୍କ ଠିକଣା ପାଇଥିଲା। ପରେ ମାଲକାନଗିରି ପୁଲିସ୍ ନୟାଗଡ଼ରେ ପହଞ୍ଚିଥିଲା। ନୟାଗଡ଼ ପୁଲିସ୍ ସହାୟତାରେ ମାଲକାନଗିରି ପୁଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରିଛି।

## 'ଉଦ୍ୟମ ସଂସାର' କର୍ମଶାଳା ଉଦ୍‌ଘାଟିତ



**ପୁରୀ,୨୭।୧୧(ସଂଚାର ବ୍ୟୁରୋ):** ରିଖି ପୁରୀ ଜିଲ୍ଲାର ପ ଏମ୍ ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ, ବଳଙ୍ଗା ଠାରେ ଉଦ୍ୟମ ସଂସାର ସମ୍ପର୍କିତ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶିକ୍ଷା ଦକ୍ଷତା ବୃଦ୍ଧିପାଇଁ ସେମାନଙ୍କୁ ସଚେତନ କରିବା ଓ ଉଦ୍ୟମ ସଂସାର କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଇବା ପାଇଁ ଏହା ତା- ୨୭-୧୧-୨୪ ରିଖି ଠାରୁ ତା ୨୮-୧୧-୨୪ ରିଖି ପର୍ଯ୍ୟନ୍ତ ଦୁଇ ଦିନ ଧରି ପରିଚାଳିତ ହେବ । ଏହି କର୍ମଶାଳା ପରଖି (ଏନ୍ ସି ଇ ଆର୍ ଟି) ଓ (ପି ଏଚ୍ ଡି ସି ସି ପି) ର "ଉଦ୍ୟମ ସଂସାର" ଅଭିଯାନ ଏକ ଅଂଶ ତଥା ଏହାକୁ ଭାରତର ସମୁଦାୟ ୩୬ ଗୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କରେ ଦୁଇଟି ପର୍ଯ୍ୟାୟରେ ପ୍ରଚାର ଓ ପ୍ରସାର କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହି ଅଭିଯାନ ସମୁଦାୟ ୧୮ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଯଥା - ଆନ୍ଧ୍ରପ୍ରଦେଶ, ଆସାମ, ଚଣ୍ଡୀଗଡ଼, ଛତିଶଗଡ଼,ଗୋଆ, ହିମାଚଳ ପ୍ରଦେଶ, କେରଳ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମେଘାଳୟ, ନାଗାଲାଣ୍ଡ, ଓଡ଼ିଶା, ପଣ୍ଡିଚେରୀ, ରାଜସ୍ଥାନ, ତ୍ରିପୁରା, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ପ୍ରଭୃତିରେ ଅନୁଷ୍ଠିତ ହେଉଅଛି । ଏହି କାର୍ଯ୍ୟକ୍ରମ ସମୁଦାୟ କର୍ମଶାଳା ଶୃଙ୍ଖଳାର ଷଷ୍ଠତମ ଶୃଙ୍ଖଳା ଓ ଏହା ପରଖି (ଏନ୍ ସି ଇ ଆର୍ ଟି)ର ବରିଷ୍ଠ ସାଧନକର୍ମୀ ମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ଏହାର ଉଦ୍ଘାଟନ ଉତ୍ସବରେ ପରଖି (ଏନ୍ ସି ଇ ଆର୍ ଟି ) ର ସି ଇ ଓ ତଥା ମୁଖ୍ୟ ପ୍ରଫେସର ଇନ୍ଦ୍ରାଣୀ ଭାଦୁରୀ, ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ହିମାଂଶୁ ଭୂଷଣ ସମରଥ,ବି ଇ ଓ , ନିମାପଡ଼ା,ଦିତୀକାନ୍ତ ପ୍ରଧାନ, ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚବିଦ୍ୟାଳୟ ବଳଙ୍ଗା, ନନ୍ଦିତା ସାହୁ, ସହକାରୀ ସଚିବ,ପି ଏଚ୍ ଡି ସି ସି ପି , ଶାଳିନୀ ଏସ୍ ଶର୍ମା, ଏନ୍ ସି ଇ ଆର୍ ଟି ସାଧନକର୍ମୀ ଶ୍ରୀମତୀ ଅନନ୍ୟା, ଓଡ଼ିଶା ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଗଣ ଓ ପୁରୀ ପି ଏମ୍ ଶ୍ରୀ ବିଦ୍ୟାଳୟ ମାନଙ୍କରୁ ୧୫ ଜଣ ବରିଷ୍ଠ ଓ ଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ ।

# ଭିନ୍ନକ୍ଷମ ନାବାଳିକାକୁ ହତ୍ୟା: ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ବାରିପଦା,୨୭।୧୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର କୋର୍ଟରେ ଅତିରିକ୍ତ ଜିଲ୍ଲା ଓ ଦୌରାଜ ଡଃ ଭି ସୁଜାତା ଜନୈକା ଭିନ୍ନକ୍ଷମ ନାବାଳିକା ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ଦଣ୍ଡ ଶୁଣାଣୀ କରିଛନ୍ତି। ସୂଚନାଯୋଗ୍ୟ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବିଜାତଳା ବ୍ଲକର ସରଣ୍ଡା ଗ୍ରାମର ରେପ ମୁର୍ମୁ (୩୫) ଙ୍କ ପତ୍ନୀ କୁ ସେହି ଗ୍ରାମର କୃଷ୍ଣ ଗିରି ଫୁସୁଲା ଫୁସୁଲି କରି ନିଜ ଘରକୁ ନେଇ ଦିତୀୟ ପତ୍ନୀ ରୁପେ ରଖିଥିଲା ।ବିଚରା ଅସହାୟ ରେପ ମୁର୍ମୁ ପତ୍ନୀ ବିରହରେ ଭାଙ୍ଗି ପଡ଼ିବା ସହ ଘରେ ଖାଇବା,ପିଇବା,ବାପ,ମା,ଗୋରୁ ଗାଈ ସେବା କରି ନ ପାରି ଭାରି ହଇରାଣ ହରକତ ହେଉଥିଲା ।ଶେଷରେ ସେ ତାର ପତ୍ନୀ ଅପହରଣକାରୀ ଉପରେ ପ୍ରତିଶୋଧ ନେବାପାଇଁ ତା'ର ମନରେ ହିଂସ୍ର ଆଚରଣ ଜାଗରଣ ହୋଇଥିଲା ।୨୪/୦୭/୨୦୨୩ କୃଷ୍ଣ ଗିରି ସକାଳେ କୌଣସି କାମରେ ସରଗଡା ଯାଇଥିଲେ ।ଘରେ କୃଷ୍ଣ ଗିରିର ବୃଦ୍ଧ ପିତାମାତା ଏବଂ ତା'ର ର ୧୪ ବର୍ଷୀୟା ଭିନ୍ନକ୍ଷମ ନାୱାଳିକା ଝିଅ ଥିଲା ।ରେପ ମୁର୍ମୁ କୃଷ୍ଣ ଗିରି ଘରେ ନ ଥିବା ଜାଣି ପ୍ରତିହିଂସା ପରାୟଣ ହୋଇ ହଠାତ୍ ଏକ ପନିକି ଧରି କୃଷ୍ଣ ଗିରି ଘରେ ପଶି ଭିନ୍ନକ୍ଷମ ଝିଅର ବେକକୁ ଚୋଟେ ପକାଇ ଦୃତ ଗତିରେ ଖସି ପଳାଉ ଥିବା କୃଷ୍ଣ ଗିରି ବାପା ଦେଖିବାକୁ ପାଇଥିଲେ ।ଝିଅଟି ଯନ୍ତ୍ରଣାରେ ଛଟପଟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଚଟାଣ ଉପରେ ମରି ଯାଇଥିଲା । ଗାଁ ରେ କୁହାକୁହି ହେଉଥିଲେ ବାପ ଖାଇଲା ତାଳ; ଛୁଆକୁ ହେଲା କାଳ ।ନିରିହ ଭିନ୍ନକ୍ଷମ ନାବାଳିକା ନିଜ ବାପର କୁକର୍ମ ଯୋଗୁଁ ମୃତ୍ୟୁ ଯନ୍ତାରେ ପଡ଼ିଲା । ପରେ ଘରଲୋକେ ଓ ଗ୍ରାମବାସୀ ଗୋରୁମହିଷାଣୀ ଥାନାକୁ କୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଜବତ କରିବା ସହ ରେପ ମୁର୍ମୁ ନାମରେ ଏକ ହତ୍ୟା ମାମଲା କେଶ ନମ୍ବର୬୮/୨୩ ରୁଜୁ କରି ତଦନ୍ତ ଜାରି ରଖିଥିଲା ।ଆଜି ରାଇରଙ୍ଗପୁର କୋର୍ଟରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଡଃ ଭି ସୁଜାତା ଶୁଣାଣି ଋ ୧୬ ଜଣ ସାକ୍ଷୀ, ପୋଲିସ ରିପୋର୍ଟ ଏବଂ ପାରିପାର୍ଶ୍ୱିକ ଘଟଣାକୁ ବିଚାରକୁ ନେଇ ଅଭିଯୁକ୍ତ ରେପ ମୁର୍ମୁ କୁ ଆଜୀବନ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ଅନାଦେୟ ୬ ମାସ ଦଣ୍ଡ ଶୁଣାଣି କରିଛନ୍ତି । ସରକାରୀ ଏପିପି ପଙ୍କଜ ଦାସ ପରିଚାଳନାରେ ସହଯୋଗ କରୁଥିଲେ ।

## ଅଲିଭରିଡଲେ କଇଁଛର ସୁରକ୍ଷା ଓ ସଂରକ୍ଷଣ ସଚେତନତା ସଭା




**ବାଲେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ସ୍ଥିତ ଜିଲ୍ଲା ବନ୍ୟପ୍ରାଣୀ ମଣ୍ଡଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧୁବାର ଓଲିଭ ରିଡଲେ ସାମୁଦ୍ରିକ କଇଁଛ ସୁରକ୍ଷା ଓ ସଂରକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ଏଥିରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଖୁସୱନ୍ତ ସିଂ ସଭାରେ ସଭାପତିତ୍ୱ କରି ଆଗାମୀ ଦିନରେ ସମୁଦ୍ର ଉପକୂଳ ରେ ଅଲିଭ ରିଡଲେ କଇଁଛ ଙ୍କ ଆଗମନ ଏବଂ ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ କିପରି ହୋଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଦେବେନ୍ଦ୍ର ସୋଲଙ୍ଗି, ଏଡିଭିଓ ରଞ୍ଜନ ଦାସ, ୱାଇଲ୍ଡ ଲାଇଫ ପ୍ରଜେକ୍ଟ ଅଫିସର ମାଇକେଲ ପିଟର, ଡିଆଇବି ଡିଏସପି ଠାକୁର ଦାସ ମୁର୍ମୁ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ କୁମାର ଦାସ, ଏସିସଏଫ ରାମଚନ୍ଦ୍ର ମୁର୍ମୁ, ସସ୍ମିତା ସାହୁ, ଜୟଶ୍ରୀ ମୁର୍ମୁ ଓ ସ୍ୱେଚ୍ଛାସେବୀ ସଂସ୍ଥାର ସୁବ୍ରତ ନାୟକ ପ୍ରମୁଖ ଉପସ୍ଥିତ ରହି ଓଲିଭ୍ ରିଡଲେ କଇଁଛ ର ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ରଖିଥିଲେ।

## ୨୯ରେ ରାଜ୍ୟ କାର୍ଯ୍ୟାଳୟରେ ସମୀକ୍ଷା କରିବେ ମୋଦୀ

# ଦଳୀୟ ନେତାଙ୍କୁ ଦେବେ ଟିପ୍ସ

**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶା ଦିନକୁ ଦିନ ବିକଶିତ ହେବାରେ ଲାଗିଛି।

- **ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା**
- **ରାଜ୍ୟ କାର୍ଯ୍ୟାଳୟରେ ମନ୍ତ୍ରୀ, ସାଂସଦ, ବିଧାୟକ, ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ**
- **୩୦ରେ ପୋଲିସ ଡିଜି ସମ୍ମିଳନୀରେ ଯୋଗଦେବେ**



ବିଜେପି ଏକାକୀ ରାଜ୍ୟରେ ପ୍ରଥମ ଥର ଲାଗି ସରକାର ଗଠନ କରିବା ପରେ ଶ୍ରୀ ମୋଦିଜୀ ୨ୟ ଥର ଲାଗି ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ୨୯ ତାରିଖ ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ବିମାନବନ୍ଦରରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସିଧାସଳଖ ରାଜଭବନକୁ ଯିବେ ଏବଂ ସେଠାରୁ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଆସିବେ। ସେଠାରେ ଉପସ୍ଥିତ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ରାଜ୍ୟ ପଦାଧିକାରୀଙ୍କ ବୈଠକରେ ଯୋଗଦେବା ପରେ ତାଙ୍କ ସହ ରାତ୍ରଭୋଜନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ସୁଚନା ଦେଇଛନ୍ତି। ଦ୍ୱିତୀୟ ଦିନ ଅର୍ଥାତ ୩୦ ତାରିଖ ଦିନ ରାଜ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଥିବା ପୋଲିସ ଡିଜି ସମ୍ମିଳନୀରେ ଯୋଗଦେବେ। ଡିସେମ୍ବର ୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ ସୁଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଆଜି ଶ୍ରୀ ସାମଲଙ୍କ ସମେତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ଅନେକ ପ୍ରମୁଖ ନେତୃବୃନ୍ଦ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ଭିତିଭୂମି ଓ ସୁରକ୍ଷା ବ୍ୟବସ୍ଥା ଆଦି ଅନୁଧ୍ୟାନ କରିଛନ୍ତି।

## ମିଳିଲା ବାଂଲାଦେଶୀ ନାବାଳିକାର ଜନ୍ମ ପ୍ରମାଣପତ୍ର

**କଟକ,୨୭।୧୧ (ସଂଚାର ବ୍ୟୁରୋ):** ବାଂଲାଦେଶୀ ଯୁବତୀ ଚାଲାଣ ମାମଲାରେ ଦିନକୁ ଦିନ ନୂଆ ତଥ୍ୟ ପଦାକୁ ଅସୁଛି। ପୀଡ଼ିତା ନାବାଳିକାର ଜନ୍ମ ସାର୍ଟିଫିକେଟ୍ ମିଳିଛି। ସାର୍ଟିଫିକେଟ ଅନୁଯାୟୀ ପୀଡ଼ିତାର ବୟସ ୧୭ ବର୍ଷ ବୋଲି ଜଣାପଡିଛି। ନାବାଳିକାର ବାପା ମାଆ ଜନ୍ମ ପ୍ରମାଣପତ୍ର ପୁଲିସ ନିକଟକୁ ପଠାଇଛନ୍ତି । ଅନ୍ୟପକ୍ଷରେ ଦଲାଲ୍ମାନେ କମିଶନ ରଖି ନାବାଳିକାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରୁଥିଲେ। ନିଜ ପାଇଁ ସିଂହଭାଗ ରଖି ନାବାଳିକାଙ୍କୁ କିଛି ଟଙ୍କା ଦେଉଥିଲେ। ଏପର୍ଯ୍ୟନ୍ତ ଏକ ଦମ୍ପତି ସମେତ ୩ ଜଣଙ୍କୁ ଗିରଫ କରିଛି କଟକ କମିଶନରେଟ୍ ପୋଲିସ। କିଛି ଦଲାଲ୍ ଫେରାର୍ ରହିଥିବାବେଳେ ସେମାନଙ୍କୁ ଧରିବା ପାଇଁ ଅପରେସନ ଜାରି ରହିଛି। ମାମଲାକୁ କଟକ ଡିସିପି ଜଗମୋହନ ମୀନା କହିଛନ୍ତି ଗତ କିଛି ଦିନ ମଧ୍ୟରେ ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଆଗକୁ ଗିରଫଦାରୀ ସଂଖ୍ୟା ଆହୁରି ବୃଦ୍ଧି ପାଇବ।

# ଧାନ ମଣ୍ଡି ଜଗିବ କଣ୍ଟ୍ରୋଲ ରୁମ୍



**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଯୋଗ୍ୟ ଚାଷୀ ଯେଭଳି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏହାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି। ଚାଷୀମାନଙ୍କ ସ୍ୱାର୍ଥ ସାଧନ ଓ ସେମାନଙ୍କୁ ସର୍ବାଧିକ ଲାଭ ଦେବା ଲକ୍ଷ୍ୟ ନେଇ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଏହାଦ୍ୱାରା ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ଚାଷୀମାନେ ତୁରନ୍ତ ସେମାନଙ୍କ ଅଭିଯୋଗ ଏହି କେନ୍ଦ୍ର ମାଧ୍ୟମରେ କରିପାରିବେ। ଫଳରେ ସମସ୍ୟାର ସମାଧାନ କରାଯାଇପାରିବ। ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହୋଇ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି। କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ-୧୯୬୭ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

ଏହି ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ରରେ ସବୁ ଜିଲ୍ଲାର ମଣ୍ଡି ଉପରେ ତୀକ୍ଷ୍ଣ ନଜର ରଖାଯିବ। ସିସିଟିଭି ମାଧ୍ୟମରେ ଲାଇଭ ଫୁଟେଜକୁ ଏଠାରେ ଅନୁଧ୍ୟାନ କରାଯିବା ସହ ମଣ୍ଡିରୁ ଧାନନେଇ ମିଲସ ଓ ଡିପୋକୁ ଯାଉଥିବା ଗାଡିକୁ ମଧ୍ୟ ନିରୀକ୍ଷଣ କରାଯିବ। ଉଭୟ ଖରିଫ ଓ ରବି

**ଅଭିଯୋଗ ପାଇଁ ଟୋଲଫ୍ରି ନଂ-୧୯୬୭**

ଋତୁରେ ଧାନ ସଂଗ୍ରହ ବେଳେ ଏହି କେନ୍ଦ୍ର କାର୍ଯ୍ୟ କରିବ। ଏଠାରେ ଉଭୟ ଅଡିଓ ଓ ଭିଡିଓ କଲ ମାଧ୍ୟମରେ ଯୋଗାଯୋଗ କରିବା ବ୍ୟବସ୍ଥା ରହିଛି। କୌଣସି ଅଭିଯୋଗ କିମ୍ବା ନିର୍ଦ୍ଦେଶ ଆସିଲେ ତ୍ୱରିତ ପଦକ୍ଷେପ ନିଆଯିବାର ବ୍ୟବସ୍ଥା ରହିଛି। ଏହି ଅବସରରେ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାର ଅଧିକ ଧାନ କିଣିବାକୁ ଦାବିକଲେ ମାହାଙ୍ଗା ବିଧାୟକ



**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ସରକାର ଧାର୍ଯ୍ୟ କରିଥିବା ପରିମାଣ ତୁଳନାରେ ଚାଷୀମାନେ ଅଧିକ ଧାନ ଉତ୍ପାଦନ କରୁଥିବାରୁ ସରକାର ଅଧିକ ପରିମାଣର ଧାନ କିଣିବାକୁ ବିଧାନସଭାରେ ଦାବି କରିଛନ୍ତି ବିଧାୟକ ସାରଦା ପ୍ରସାଦ ପ୍ରଧାନ। ପ୍ରଶ୍ନକାଳରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାର ଜଳସେଚିତ ଜମିରୁ ଏକର ପିଛା ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରୁ ଏକର ପିଛା ୧୩ କୁଇଣ୍ଟାଲ ଧାନ କିଣିବାକୁ ସ୍ଥିର କରିଛନ୍ତି। ହେଲେ ଉପକୂଳ ଜିଲ୍ଲାର ଚାଷୀମାନେ ଏହାଠାରୁ ଅଧିକ ଧାନ ଫଳାଉଛନ୍ତି। ତେଣୁ ସରକାର ସବୁତକ ଧାନ ଖରିଦ କରନ୍ତୁ।

ଶ୍ରୀ ପ୍ରଧାନ କହିଛନ୍ତି ଧାନଚାଷ କ୍ଷେତ୍ରରେ ତିନି ଟି ବିଭାଗ ଯଥା କୃଷି, ସମବାୟ ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟ ରହିବାକଥା। ପଶ୍ଚିମଓଡିଶାରେ ଧାନ କିଣା ହେବାର ଦେଢ ମାସ ପରେ ଉପକୂଳ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ମିଳୁଛି। ଯାହା ଫଳରେ ଏଠାରୁ କମ୍ ପରିମାଣରେ ଧାନ କିଣାଯାଉଛି। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଚାଷୀମାନଙ୍କ ଠାରୁ ୨୦୨୨-୨୩ରେ ୩ଲକ୍ଷ ୬୦ହଜାର କୁଇଣ୍ଟାଲ ଧାନ କିଣାଯାଇଥିବାବେଳେ ୨୦୨୩-୨୪ ଏହା ୨ଲକ୍ଷ ୬୦ ହଜାର କୁଇଣ୍ଟାଲକୁ ହ୍ରାସ ପାଇଛି। ଯେହେତୁ ଚଳିତବର୍ଷ ନୂଆସରକାର ଧାନ ଦର ବୃଦ୍ଧି କରିଛନ୍ତି ତେଣୁ ଚାଷୀମାନେ ଅଧିକ ପରିମାଣରେ ଧାନ ବିକ୍ରି ପାଇଁ ଆଗ୍ରହୀ ଅଛନ୍ତି। ସରକାର ୨୦୨୨-୨୩ ବର୍ଷରେ କିଣିଥିବା ଧାନ ଠାରୁ ଅଧିକ ୧୦ ପ୍ରତିଶତ ଟାର୍ଗେଟ ରଖନ୍ତୁ। ସେହିଭଳି ମଣ୍ଡିଗୁଡିକରେ ଚାଷୀମାନେ ଧାନ ଓଜନ ପାଇଁ ୪/୫ ଦିନ ଧରି ଅପେକ୍ଷା କରୁଥିବା ପ୍ରସଙ୍ଗ ଉଠାଇ ବିଧାୟକ ଶ୍ରୀ ପ୍ରଧାନ କହିଥିଲେ ଯେ ଚାଷୀମାନେ ଦିନକୁ ହଜାରେ କୁଇଣ୍ଟାଲ ଧାନ ଧରି ଆସୁଥିବାବେଳେ ମିଲରମାନେ ୨୦୦ କୁଇଣ୍ଟାଲ ନେବାପାଇଁ ଗାଡି ଧରି ଆସି ପହଞ୍ଚୁଛନ୍ତି। ତେଣୁ ଚାଷୀମାନେ ମଣ୍ଡିରେ ଧାନ ଓଜନ ପାଇଁ ଅପେକ୍ଷା କରୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସମବାୟ ସମିତିଗୁଡିକ ଚାଷୀଙ୍କ ଠାରୁ ଧାନ ଓଜନ କରି ରଖିଦିଅନ୍ତୁ। ମିଲରମାନେ ଯେତେବେଳେ ଚାହିଁବେ ନେଇପାରିବେ। ଶ୍ରୀ ପ୍ରଧାନଙ୍କ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ, ଉପକୂଳରେ ବିଳମ୍ବରେ ଧାନ ଅମଳ ହେଉଥିବାର ଚାଷୀମାନଙ୍କୁ ପରେ ଟୋକନ ମିଳୁଛି। ତେବେ ଚଳିତବର୍ଷ କେତେ ଧାନ ଉତ୍ପାଦନ ହୋଇଛି ଓ ଚାଷୀମାନେ କେତେ ଧାନ ବିକ୍ରି କରିବେ ତାହାର ସର୍ଭେ କରାଯାଉଛି।

## କାର୍ଯ୍ୟରେ ଯୋଗଦେଲେ ସୁଜାତା କାର୍ତ୍ତିକେୟନ



**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ଛୁଟି ଅବଧି ବୃଦ୍ଧି ଆମେଦନ ମଂଜୁର ନ ହେବାରୁ କାର୍ଯ୍ୟରେ ଯୋଗ ଦେଲେ ବରିଷ୍ଠ ଆଇଏଏସ୍ ଅଫିସର ତଥା ଭୈରବ କାର୍ତ୍ତିକେୟ ପାଣ୍ଡିଆନଙ୍କ ପତ୍ନୀ ଏସ୍ ସୁଜାତା କାର୍ତ୍ତିକେୟନ ରାଉତ । ୬ ମାସ ଛୁଟିରୁ ଫେରିବା ପରେ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ମଙ୍ଗଳବାର ସୁଜାତାଙ୍କ ଛୁଟି ଆବେଦନ ଖାରଜ ହେବା ପରେ ସେ ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବିଜେଡିର ନିର୍ବାଚନୀ ପରାଜୟ ପରେ ନମ୍ବର-୧ ନେତା କୁହାଯାଉଥିବା ପାଣ୍ଡିଆନଙ୍କ ପତ୍ନୀ ସୁଜାତା ପିଛିଲା ଭାବେ ମେ’୩୧ରୁ ଝିଅର ଦଶମ ପରୀକ୍ଷା କାରଣ ଦର୍ଶାଇ ୬ ମାସ ଛୁଟି ନେଇଥିଲେ। ଯାହା ଗତକାଲି ଶେଷ ହୋଇଥିଲା। ଛୁଟି ଆଉ ୬ ମାସ ବୃଦ୍ଧି ପାଇଁ ଆବେଦନ କରିଥିଲେ। ହେଲେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ସୁଜାତାଙ୍କୁ ଚିଠି ଲେଖି ତାଙ୍କର ଛୁଟି ଆବେଦନକୁ ରାଜ୍ୟ ସରକାର ଖାରଜ କରିଥିବା ଅବଗତ କରିଥିଲେ। ଏହା ସହିତ ଆଜି ଚାକିରିରେ ଯୋଗ ଦେବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ବିଜେଡି ସରକାରରେ ମିଶନ ଶକ୍ତିର ସଚିବ ଥିଲେ ସୁଜାତା। ସଚିବ ଥାଇ ମଧ୍ୟ ନିର୍ବାଚନରେ ବିଜେଡିକୁ ଭୋଟ ଦେବା ପାଇଁ ମହିଳାମାନଙ୍କୁ ଧମକାଉଥିବା ଅଭିଯୋଗରେ ବିବାଦକୁ ଆସିଥିଲେ। ସାଧାରଣ ନିର୍ବାଚନବେଳେ ବିଜେଡିକୁ ସହଯୋଗ କରୁଥିବା ଅଭିଯୋଗରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ମିଶନ ଶକ୍ତିଣଉ ହଟାଟଶଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିଲା। ନୂଆ ସରକାର ଆସିବା ମାତ୍ରେ ଝିଅର ଦଶମ ପରୀକ୍ଷା ପାଇଁ ରାଜ୍ୟ ସରକାରଙ୍କୁ ଛୁଟି ଆବେଦନ କରିଥିଲେ ଓ ଯାହାକୁ ତତ୍କାଳୀନ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଅନୁମୋଦନ କରିଥିଲେ।

## ଲିଙ୍ଗରାଜ ମନ୍ଦିର ଭିତରେ ସିଗାରେଟ୍ ଟାଣିଲେ ଯୁବକ

### ଇନ୍‌ଷ୍ଟାଗ୍ରାମରେ ଫଟୋ ଭାଇରାଲ



**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ପୁଣି ଲିଙ୍ଗରାଜ ମନ୍ଦିର ଭିତର ଫଟୋ ଭାଇରାଲ। ଜଣେ ଯୁବକ ମନ୍ଦିର ରୋଷଘର ନିକଟରେ ସିଗାରେଟ ଟାଣୁଥିବା ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଗତ ସୋମବାର ଏଭଳି ବେଆଇନ ଘଟଣା ଘଟିଛି। ଏବେ ଏହି ଫଟୋ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ସେବାୟତଙ୍କ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ନିକଟରେ ଶିଲ୍ପା ସେଟ୍ଟୀ ମନ୍ଦିର ଭିତରେ ଭିଡିଓ ସୁଟିଂ କରିଥିବା ବେଳେ ଏବେ ଆଉ ଜଣେ ଯୁବକ ସିଗାରେଟ୍ ଟାଣି ଫଟୋ ଉଠାଇବା ଘଟଣା ମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେବୀ ପ୍ରସାଦ ଦାସ ନାମକ ଜଣେ ଯୁବକ ସୋମବାର ନିଜ ଇନଷ୍ଟାଗ୍ରାମ ଆଇଡି (ଦେବୀ ଅଣ୍ଡରସ୍କୋଲ ୧୦୫) ରେ ଲିଙ୍ଗରାଜ ମନ୍ଦିର ଭିତରେ ସିଗାରେଟ ଟାଣୁଥିବା ଫଟୋ ପୋଷ୍ଟ କରିଥିଲେ । ଯାହାକୁ ମାତ୍ର ଅଳ୍ପ କିଛି ସମୟ ମଧ୍ୟରେ ଅନେକ ଲୋକ ଭ୍ୟୁ କରିଥିଲେ। ଫଟୋରେ ଦେବୀ ମନ୍ଦିର ରୋଷଘର ପାଖରେ ଠିଆ ହୋଇ ସିଗାରେଟ ଟାଣିବାର ଦୃଶ୍ୟ ରହିଛି। ସମ୍ପୃକ୍ତ ଯୁବକ ଆଖପାଖ ଅଞ୍ଚଳର ବୋଲି କିଛି ସେବାୟତ କହିଛନ୍ତି। ଅକ୍ଟୋବର ୨୮ରେ ଶିଲ୍ପା ସେଟ୍ଟୀ ଲିଙ୍ଗରାଜ ମନ୍ଦିରକୁ ଭିଡିଓ ସୁଟିଂ କ୍ୟାମେରା ନେଇ ଅନେକ ଫଟୋ ଓ ଭିଡିଓ ସୁଟ ପରେ ସେସବୁକରେ ଅପଲୋଡ କରିଥିଲେ। ତେବେ ଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଆମ ପାଖକୁ ମନ୍ଦିର କାର୍ଯ୍ୟାଳୟ କିମ୍ବା ଅନ୍ୟ କାହାର ଅଭିଯୋଗ ଆସିଲେ ଆମେ ନିଶ୍ଚୟ ତଦନ୍ତ କରିବୁ।

## ୨ ନାବାଳକ ସମେତ ୧୭ ଦାଦନ ଶ୍ରମିକ ଉଦ୍ଧାର, ୨ ଦଲାଲ ଗିରଫ

**ବଲାଙ୍ଗିର, ୨୭।୧୧(ସଂଚାର ବ୍ୟୁରୋ):** ବ୍ୟାପକ ସଚେତନତା ସତ୍ତ୍ୱେ ଦାଦନ ଚାଲାଣ କମିବା ନାଁ ଧରୁନି। କାମ ଯୋଗାଇ ଦେବାର ପ୍ରଲୋଭନ ଦେଖାଇ ବାହାର ରାଜ୍ୟକୁ ଚାଲାଣବେଳେ ବଲାଙ୍ଗିର ଜିଲ୍ଲା ଲର୍କୀ ଗାଁରୁ ୧୭ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛି ପୁଲିସ। ଉଦ୍ଧାର ଶ୍ରମିକମାନଙ୍କ ମଧ୍ୟରେ ପୁରୁଷ ୭, ମହିଳା ୮ ଓ ଛୋଟ ଛୁଆ ୨ ଜଣ ଅଛନ୍ତି। ଉଦ୍ଧାର ଶ୍ରମିକଙ୍କ ଘର ଦେଓଗାଁ ଥାନା କୁଡ଼ାସିଂହା ଗାଁରେ। ଘଟଣାରେ ବେଳପଡ଼ା ଥାନା ତଅଁଳା ଗାଁର ମାଧବ ଷାଣ୍ଢ



ଓ ତୁରେକେଲା ଥାନା ଲର୍କୀ ଗାଁର ଧନେଶ୍ୱର ନାଗଙ୍କୁ ଦୁଇ ଜଣକୁ ଗିରଫ କରିଛି ତୁରେକେଲା ପୁଲିସ। ମଙ୍ଗଳବାର ୧୭ ଜଣ ଦାଦନ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିଲା। ତୁରେକେଲା ପୁଲିସ କୌଣସି ସୂତ୍ରରୁ ଖବର ପାଇ ବାଟରେ ଜଗି ରହିଥିଲା। ଦାଦନ ଶ୍ରମିକମାନେ ଯିବାବେଳେ ଲର୍କୀ ଗାଁ ନିକଟରେ ଅଟକାଇ ଥିଲା ପୁଲିସ। ଶ୍ରମିକଙ୍କୁ ପଚରାଉଚରା କରାଯିବା ପରେ ଘରକୁ ପଠାଇ ଦିଆଯାଇଛି। ଏହି ଘଟଣାରେ କେଉଁ କେଉଁମାନେ ସଂପୃକ୍ତ ଅଛନ୍ତି, ପୁଲିସ ତାର ଖୋଳତାଡ଼ କରୁଛି।

## ୪ରେ ଶ୍ରୀଜିଉଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

### ● ନୀତିକାନ୍ତି ଶୃଙ୍ଖଳିତ ପାଇଁ ଛତିଶା ନିଯୋଗ ବୈଠକ



**ପୁରୀ,୨୭।୧୧(ସଂଚାରବ୍ୟୁରୋ):** ଡ଼ିସେମ୍ବର ୪ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ନୀତିକାନ୍ତି ଶୃଙ୍ଖଳିତ ପାଇଁ ଛତିଶା ନିଯୋଗ ବୈଠକରେ ଆଲୋଚୋନା ହୋଇଛି। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରତ୍ନ ଭଣ୍ଡାର ମରାମତି ଉପରେ ମଧ୍ୟ ଆଲୋଚୋନା ହୋଇଥିଲା। ତେବେ ରତ୍ନ ଭଣ୍ଡାର ମରାମତି ଅନୁଧ୍ୟାନ ପାଇଁ ନୀତି ପ୍ରଶାସକ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କୁ ନେଇ ଏକ ଦୁଇ ଜଣିଆ କମିଟି ଗଠନ ହୋଇଛି। ଜିଲ୍ଲାପାଳ କହିଛନ୍ତି, ୪ତାରିଖରେ ରାଷ୍ଟ୍ରପତି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଦର୍ଶନ ବ୍ୟବସ୍ଥା କିଭଳି ଶୃଙ୍ଖଳିତ ହୋଇ ପାରିବ ସେ ନେଇ ଛତିଶା ନିଯୋଗ ସହିତ ଆଲୋଚୋନା ହୋଇଛି। ରତ୍ନ ଭଣ୍ଡାର ମରାମତି ବେଳେ କିଭଳି ସେବା ପୂଜାରେ ବାଧା ନ ଉପୁଜିବ ଓ ଭକ୍ତଙ୍କ ଦର୍ଶନ ପ୍ରଭାବିତ ନ ହେବ ସେ ନେଇ ଆଲୋଚୋନା ହେଲା। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ କମାଣ୍ଡରଙ୍କୁ ନେଇ ଦୁଇ ଜଣିଆ କମିଟି ଗଠନ ହୋଇଛି। ଉକ୍ତ କମିଟି ରତ୍ନ ଭଣ୍ଡାର ମରାମତି ସମୟରେ ଯେପରି କିଛି ଅସୁବିଧା ନ ହେବ ତାହା ଉପରେ ଧ୍ୟାନ ରଖିବ। ରତ୍ନ ଭଣ୍ଡାର ମରାମତି ଉପରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ଦେବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୪ ତାରିଖ ସକାଳ ୮.୪୫ ରେ ଶ୍ରୀମନ୍ଦିରକୁ ଶୋଧ କରାଯିବ। ଦିନ ୧୦.୧୫ ରୁ ୧୦.୪୦ ଯାଏ ରାଷ୍ଟ୍ରପତି ଶ୍ରୀମନ୍ଦିରରେ ରହିବେ। ରାଷ୍ଟ୍ରପତି ଦର୍ଶନ ସାରି ଫେରିବା ପରେ ସାଧାରଣ ନୀତି କାନ୍ତି ଅନୁଷ୍ଠିତ ହେବ। ରାଷ୍ଟ୍ରପତି ମହାପ୍ରଭୁଙ୍କୁ ଦର୍ଶନ କରିବାର କିଛି ସମୟ ପୂର୍ବରୁ ସାଧାରଣ ଦର୍ଶନ ବନ୍ଦ କରାଯିବ।

## ରାଜଧାନୀରେ ୪ ବର୍ଷର ଝିଅକୁ ବିକିଲେ ଦମ୍ପତି



**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ରାଜଧାନୀରେ ୪୦ ହଜାର ଟଙ୍କାରେ ଶିଶୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ପାରିବାରିକ ଗଣ୍ଡଗୋଳ ପାଇଁ ଜଣେ ବ୍ୟକ୍ତି ଦ୍ୱିତୀୟ ପତ୍ନୀ ସହିତ ମିଶି ନିଜ ୪ ବର୍ଷର ଝିଅକୁ ବିକ୍ରି କରିଛନ୍ତି। ଟଙ୍କପାଣି ଅଞ୍ଚଳରେ ରହୁଥିବା ବିହାରର କାଠମିସ୍ତ୍ରୀ ଶୁବୋଧ ଶର୍ମାଙ୍କର ପ୍ରଥମ ପତ୍ନୀ ଥିବା ବେଳେ ଦ୍ୱିତୀୟ ବିବାହ କରିଛନ୍ତି। ପ୍ରଥମ ପତ୍ନୀଙ୍କର ଏକ ୪ ବର୍ଷର କନ୍ୟା ଅଛି। ଗୁଡ଼ିଆ ଦେ’ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବିବାହ ପରେ ଉଭୟ ସ୍ୱାମୀ-ସ୍ତ୍ରୀ, ଝିଅ(ପ୍ରଥମ ପତ୍ନୀଙ୍କ ଝିଅ) କୁ ନେଇ ଓଡ଼ିଶା ଆସି ଟଙ୍କପାଣି ଅଞ୍ଚଳରେ ଭଡ଼ାରେ ରହୁଥିଲେ। ହେଲେ ସଉତୁଣୀ ଝିଅକୁ ନେଇ ଅନେକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ନିଜର ୪ ବର୍ଷର ଝିଅକୁ ଅନାଥାଶ୍ରମରେ ରଖିବାକୁ ନିଷ୍ପତ୍ତି ନେଇଥିଲେ ଶୁବୋଧ। କିନ୍ତୁ ପରବର୍ତ୍ତୀ ସମୟରେ ଗୁଡ଼ିଆଙ୍କ ପ୍ରରୋଚନାରେ ଝିଅକୁ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ୨ ଜଣ ମହିଳା ଦଲାଲଙ୍କ ସହ ଯୋଗାଯୋଗ କରିଥିଲେ। ଦୁଇ ମହିଳା ଦଲାଲ ପିପିଲି ଅଞ୍ଚଳର ରଘୁନାଥ ବେହେରା ଓ ତାଙ୍କ ପତ୍ନୀଙ୍କୁ ଯୋଗାଡ଼ କରିଥିଲେ। ମୂଲଚାଲ ପରେ ୪୦ ହଜାର ଟଙ୍କାରେ ଡିଲ୍ ଫାଇନାଲ୍ ହୋଇଥିଲା। ରଘୁନାଥ ଓ ତାଙ୍କ ପତ୍ନୀ ୩୫ ହଜାର ଟଙ୍କା ଏବଂ ଫୋନ୍ ପେ’ରେ ବାକି ୫ ହଜାର ଟଙ୍କା ଗୁଡ଼ିଆଙ୍କୁ ଦେଇଥିଲେ। ତା’ପରେ ଝିଅକୁ ନେଇ ଯାଇଥିଲେ। ସେପଟେ ଘର ମାଲିକ ଝିଅକୁ ଦେଖିବାକୁ ନ ପାଇ ପଚରା ଉଚରା କରିଥିଲେ। ଝିଅ ବିକ୍ରି କରାଯାଇଥିବା ନେଇ ସେ କୌଣସି ସୂତ୍ରରୁ ଖବର ପାଇଥିଲେ। ଘର ମାଲିକ ଏନେଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଏସ୍‌ସିଏସ୍‌ରେ ଏମ୍‌ବିଏ ଓ ଏମ୍‌କମ୍ ଛାତ୍ରଛାତ୍ରୀଙ୍କ ପାଇଁ ନିଯୁକ୍ତି ମେଳା

**ପୁରୀ,୨୭।୧୧ (ସଂଚାର ବ୍ୟୁରୋ):** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ‘ବଜାଜ୍ କ୍ୟାପିଟାଲ ଇନ୍ସୁରାନ୍ସ ବ୍ରୋକିଙ୍ଗ ଲିମିଟେଡ’ ସଂସ୍ଥା ଦ୍ୱାରା ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଏଭଳି ନିଯୁକ୍ତି ସୁଯୋଗର ଲାଭ ଉଠେଇବା ସହିତ, ନୂତନ କର୍ମ ନିଯୁକ୍ତିରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏମ୍.ବି.ଏ. ଓ ଏମ୍.କମ୍ ବିଭାଗର ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ବଜାଜ କ୍ୟାପିଟାଲ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ‘ବଜାଜ କ୍ୟାପିଟାଲ ଇନସୁରାନସ ବ୍ରୋକିଙ୍ଗ ଲିମିଟେଡ୍’ ତରଫରୁ ପୁରୀ ଓ ବାଲେଶ୍ୱର ପାଇଁ ନିଯୁକ୍ତ କ୍ଷେତ୍ରୀୟ ବିପଣନ ପ୍ରବନ୍ଧକ ବାହିସ୍ମିତା ରାଉତ ଏବଂ ପୁରୀ ଶାଖା ପ୍ରବନ୍ଧକ ସନ୍ତୋଷ କୁମାର ମହାପାତ୍ର ଚୟନ ପ୍ରକ୍ରିୟା ପରିଚାଳନା ସହିତ ୯ ଜଣଙ୍କୁ ମନୋନୀତ କରିଥିଲେ। ବିଭାଗୀୟ ବରିଷ୍ଠ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ପ୍ୟାରୀ ମୋହନ ଜେନା, ବରିଷ୍ଠ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ ଓ ସୌମ୍ୟା ମହାନ୍ତି ସହଯୋଗ କରିଥିଲେ।

## ବ୍ଲୁଫ୍ଲାଗ୍ ବିଚ୍‌ରେ ପହଞ୍ଚିଲା ଟ୍ୟାଙ୍କ ଓ ଜାହାଜ




**୪ରେ ନୌସେନା ଦିବସ**

**ପୁରୀ, ୨୭।୧୧ (ସଂଚାର ବ୍ୟୁରୋ):** ଡ଼ିସେମ୍ବର ୪ରେ ପୁରୀ ସମୁଦ୍ର କୂଳରେ ଭାରତୀୟ ନୌସେନା ପାଳନ କରିବ ନୌସେନା ଦିବସ। ଏହି ଅବସରରେ ନୌସେନା ନିଜର ପରାକ୍ରମ ପ୍ରଦର୍ଶନ କରିବ। ଯୁଦ୍ଧ ଜାହାଜ, ଯୁଦ୍ଧ ବିମାନ, ବିଭିନ୍ନ କମାଣ୍ଡ ରଣ କୌଶଳ ପ୍ରଦର୍ଶନ କରିବେ । ନୌସେନାର ୨୫ ଜାହାଜ, ୪୦ ଯୁଦ୍ଧ ବିମାନଏଥିରେ ସାମିଲ ହେବେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନୌସେନା ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବ୍ଲୁ ଫ୍ଲାଗ ବିଚ୍ରେ ରାଷ୍ଟ୍ରପତିଙ୍କ ପାଇଁ ସ୍ୱତନ୍ତ୍ର ମଞ୍ଚ ସହ ଭିଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ବ୍ଲୁ ଫ୍ଲାଗ ବିଚକୁ ସୁନ୍ଦର ଭାବେ ସଜ୍ଜାଯାଉଛି । ପୁରୀ ସମୁଦ୍ର କୂଳରେ ନୌବାହିନୀର ଏକ ବୃହତ ଜାହାଜ ଲାଗିଛି ଓ ୪ ଟ୍ୟାଙ୍କ ପହଞ୍ଚିଛି। ଆହୁରି ଅନେକ ଜାହାଜ, ଯୁଦ୍ଧ ବିମାନ, ହେଲିକପ୍ଟର ସହିତ ଅନେକ ସାମରିକ ଯୁଦ୍ଧ ସାମଗ୍ରୀ ଆସିବ। ନୌସେନା ଦିବସ ଅବସରରେ ନୌସେନାର ଯବାନମାନେ ପ୍ୟାରେଡ ରିହରସଲ କରିଛନ୍ତି । ଦିଗବାରେଣି ଛକ ଠାରୁ ଷ୍ଟର୍ଲିଙ୍ଗ ମୁହାଣ ବେଳାଭୂମି ଏବଂ ନିଳାଦ୍ରୀ ବିଚରୁ ପେଣ୍ଟକଟା ବିଚରେ ସାଧାରଣ ଲୋକେ ନୌସେନାର ଏହି ଭବ୍ୟ କାର୍ଯ୍ୟକ୍ରମ ଦେଖିବା ପାଇଁ ବ୍ୟବସ୍ଥା କରାଯାଉଛି । ତେବେ ରାଷ୍ଟ୍ରପତିଙ୍କ ଗସ୍ତ ଏବଂ ନୌସେନାର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ପୁରୀ ପୋଲିସ ପକ୍ଷରୁ ପୁରୀ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ମଧ୍ୟ କରାଯିବ। ନୌସେନାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦେଖିବା ପାଇଁ ଏବେ ପୁରୀ ସହରବାସୀ ଏବଂ ପର୍ଯ୍ୟଟକ ବେଶ୍ ଉତ୍ସାହିତ ଅଛନ୍ତି। ମତ୍ସ୍ୟଜୀବୀଙ୍କ ପାଇଁ କଟକଣା ଜାରୀ କରାଯାଇଛି । ନୌବାହିନୀର ଯୁଦ୍ଧ ଜାହାଜ ଯେଉଁ ସ୍ଥାନରେ ରହିବେ ସେହି ଅଞ୍ଚଳକୁ ଡଙ୍ଗା ଏବଂ ଟ୍ରଲର ଯାତାୟାତକୁ ନିଷିଦ୍ଧ କରାଯାଇଛି ।

# ସାମ୍ବାଦିକଙ୍କ ଉତ୍ତରଦାୟିତ୍ୱ ସବୁଠୁ ପବିତ୍ର

**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ସତ୍ୟର ଅନ୍ୱେଷଣ ଆବଶ୍ୟକ, ସତ୍ୟର ଅଧ୍ୟୟନ ମଧ୍ୟ ଆବଶ୍ୟକ। ଏହା ହୋଇପାରିଲେ ଭାରତ ଋଦ୍ଧିମନ୍ତ ହେବ। ‘ପ୍ରତିଦିନ’ର ୨୨ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି।

ଭୁବନେଶ୍ୱର ଜୟଦେବ ଭବନରେ ବୁଧବାର ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍‌ଦୌସ, ବରିଷ୍ଠ ବିଜେପି ନେତା ସଜ୍ଜନ ଶର୍ମା, ଓଏମ୍‌ସି ସିନିୟର ମ୍ୟାନେଜର (ପର୍ସନାଲ) ଲାଖଣ ହାଁସଦାଃ, ବରିଷ୍ଠ ସାମ୍ବାଦିକ ଡ. ଅଶୋକ କୁମାର ପଣ୍ଡା ଓ ଅକ୍ଷୟ କୁମାର ସାହୁ ‘ପଲିଟିକାଲ ବିଜିନେସ ଡେଲି’ର ସମ୍ପାଦକ ବିଜୟ କେତନ ମିଶ୍ର।




ମୁଖ୍ୟ ଅତିଥି ଶ୍ରୀ ପୂଜାରୀ କହିଥିଲେ, ସତ୍ୟର ଅନ୍ୱେଷଣରେ ଯାଉଥିବା ବ୍ୟକ୍ତିଙ୍କ ରାସ୍ତା ପୁଷ୍ପମୟ ହୋଇ ନ ଥାଏ। ସେହିପରି ହେଉଛି ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ରାସ୍ତା। ଶ୍ରୀ ପୂଜାରୀ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ଉଦାହରଣ ଦେଇ କହିଥିଲେ, ‘ମତେ ଯଦି ଗୋଟିଏ ବଡ଼ କାଠଗଣ୍ଡି ଓ ଏକ କୁରାଢ଼ି ଦିଆଯାଏ ଏବଂ କୁହାଯାଏ ୧୦ ଘଣ୍ଟା ମଧ୍ୟରେ ଏହାକୁ ଦୁଇ ଖଣ୍ଡ କର, ତେବେ ମୁଁ ୯ ଘଣ୍ଟା କୁରାଢ଼ିର ଧାର କରିବି ଏବଂ ଗୋଟିଏ ଘଣ୍ଟାରେ କାଠ ଗଣ୍ଡି ଦୁଇ ଖଣ୍ଡ କରିବି।’ ସାମ୍ବାଦିକତା ମଧ୍ୟ ସେହିପରି। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଯଦି ସଠିକ ଭାବେ ଉତ୍ତରଦାୟିତ୍ୱ ପାଳନ କରେ ତେବେ ଅନ୍ୟ ତିନିଟି ସ୍ତମ୍ଭ ମଧ୍ୟ ଠିକ୍‌ଠାକ୍ ଚାଲିବ। ୨୦୪୭ ଅମୃତକାଳ ବେଳକୁ ନୂଆ ପିଢ଼ି ଆସିଯାଇଥିବେ। ସେମାନେ ବି ଏହି ପବିତ୍ର ଉତ୍ତରଦାୟିତ୍ୱ ଅନୁସରଣ କରିଚାଲିବେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାରବାଟୀ କଟକ ବିଧାୟକା ସୋଫିଆ ଫିର୍‌ଦୌସ କହିଥିଲେ, ପଥ ଯେତେ କଠିନ ହେଉ ଗଣମାଧ୍ୟମ ସେହିପଥ ଅତିକ୍ରମ କରି ଚାଲିଛି। ପ୍ରିଣ୍ଟ ମିଡ଼ିଆ ଚାଲିଛି ଓ ଚାଲିଥିବ। ବିଜେପି ନେତା ସଜ୍ଜନ ଶର୍ମା, ଲାଖଣ ହାଁସଦା, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ଡ. ଅଶୋକ କୁମାର ପଣ୍ଡା କହିଥିଲେ, ‘ପ୍ରତିଦିନ’ ୨୨ ବର୍ଷରେ ପଦାର୍ପଣ କରିଥିବା ସାମାନ୍ୟ କଥା ନୁହେଁ। ମାଇଣ୍ଡ ଓ ମାଇଣ୍ଡସେଟ୍ ପ୍ରସଙ୍ଗ ଉଲ୍ଲେଖ କରି ସେ କହିଥିଲେ, ଆମେ ଠିକ୍ କରୁଛୁ କି ଭୁଲ୍ କରୁଛୁ ଏହା ନିଜେ ବିଚାର କରିବା ଉଚିତ। ସ୍ୱାଗତ ଅଭିଭାଷଣ ପ୍ରଦାନ କରି ‘ପ୍ରତିଦିନ’ର ସମ୍ପାଦକ ସୁଧୀର କୁମାର ପଣ୍ଡା କହିଥିଲେ, ବିନା ଖବର ପ୍ରସାରଣରେ ସାଧାରଣ ଲୋକଙ୍କର ସମାଧାନ ହୋଇପାରିବନାହିଁ। ଯେଉଁ ରୂପରେ ଆଧୁନିକତା ଆସୁ ନା କାହିଁକି ଗଣମାଧ୍ୟମ ଓ ସାମ୍ବାଦିକଙ୍କୁ ଅଣଦେଖା କରିହେବନାହିଁ। ‘ପ୍ରତିଦିନ’ ୨୨ ବର୍ଷରେ ପଦାର୍ପଣ କରିଥିବାରୁ ସେ ଏହାର ଟିମ୍, ସମ୍ବାଦଦାତା, ଶୁଭେଚ୍ଛୁ, ବିଜ୍ଞାପନଦାତା, ପାଠକପାଠିକା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତରେ ଲଞ୍ଚ ହେଲା ମହିନ୍ଦ୍ରାର ୨ଟି ନୂଆ ଇଲେକ୍ଟ୍ରିକ୍ କାର୍




ନୂଆଦିଲ୍ଲୀ, ୨୭।୧୧: ମହିନ୍ଦ୍ରା ଏହାର ୨ଟି ନୂଆ ଇଲେକ୍ଟ୍ରିକ୍ ଏସ୍‌ୟୁଭି ବିଓ ୬ଇ ଏବଂ ଏକ୍ସଇଭି ୯ଇକୁ ଭାରତୀୟ ବଜାରରେ ଲଞ୍ଚ କରିଛି। ବିଇ-୬ ଏବଂ ଏକ୍ସଇଭି ୯ଇ ମହିନ୍ଦ୍ରାର ନୂଆ ଇନଗ୍ଲୋବ ପ୍ଲାଟଫର୍ମରେ ନିର୍ମିତ ପ୍ରଥମ ପ୍ରଡକ୍ସନ ଇଲେକ୍ଟ୍ରିକ୍ ଏସୟୁଭି ହେବ। କମ୍ପାନୀ ଅନୁଯାୟୀ, ଗ୍ରାହକମାନେ ମାର୍ଚ୍ଚ ୨୦୨୫ ରୁ ଏହି ଗାଡିର ଡେଲିଭରି ଗ୍ରହଣ କରିବା ଆରମ୍ଭ କରିବେ। ମହିନ୍ଦ୍ରା ବିଇ ୬-ଇ ପ୍ରାରମ୍ଭିକ ମୂଲ୍ୟ ୧୮ ଲକ୍ଷ ୯୦ ହଜାର ଟଙ୍କାରେ ଲଞ୍ଚ କରାଯାଇଛି, ଯାହାର ଡିଜାଇନ୍ ବହୁତ ଚମତ୍କାର। ଏହି ଇଲେକ୍ଟ୍ରିକ୍ କାରର କନସେପ୍ଟ ୨୦୨୨ ମସିହାରେ ଆରମ୍ଭ କରାଯାଇଥିଲା। ମହିନ୍ଦ୍ରା ଏକ୍ସଇଭି ୯ଇର ମୂଲ୍ୟ ବିଷୟରେ କହିବାକୁ ଗଲେ ଏହା ୨୧ ଲକ୍ଷ ୯୦ ହଜାରରୁ ଆରମ୍ଭ ହୋଇଛି।

ମହିନ୍ଦ୍ରା ଏବଂ ମହିନ୍ଦ୍ରା ଉଭୟ ଇଲେକ୍ଟ୍ରିକ୍ କାରର ଡିଜାଇନ୍ ଅତ୍ୟନ୍ତ ଦମଦାର୍, ଯାହା ମସ୍କୁଲାର୍‌ରେ ଅଛି। ମହୀନ୍ଦ୍ର ବିଇ ୬-ଇକୁ ୫୯ କେଡବ୍ଲ୍ୟୁଏଚ୍ ଏବଂ ଏକ୍ସଇଭି ୯-ଇ ୭୯ କେଡବ୍ଲ୍ୟୁଏଚ୍ ବ୍ୟାଟେରୀ ପ୍ୟାକ୍ ସହିତ ଲଞ୍ଚ କରାଯାଇଛି। ବିଇ ୬-ଇର ପରିସର ପ୍ରାୟ ୬୮୨ କିଲୋମିଟର ଥିବାବେଳେ ସମାନ ବ୍ୟାଟେରୀ ପ୍ୟାକ୍ ସହିତ ଏକ୍ସଇଭି ୯ଇର ସୀମା ୬୫୬ କିଲୋମିଟର। ଉଭୟ ଇଲେକ୍ଟ୍ରିକ୍ ଏସୟୁଭିର ଫିଚର୍ସ ବିଷୟରେ କହିବାକୁ ଗଲେ ଏଥିରେ ପାନୋରାମିକ୍ ଡିସପ୍ଲେ, ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ସେଣ୍ଟ୍ରାଲ୍ ଟଚ୍ ସ୍କ୍ରିନ୍ ଡ୍ୟାସବୋର୍ଡ ଅଛି। ଏହା ବ୍ୟତୀତ ହେଡ୍ ଅପ୍ ଡିସପ୍ଲେ ସହିତ ଆମ୍ବିଏଣ୍ଟ, କନେକ୍ଟେଡ୍ ଭଏସ୍ ଟେକ୍, ୧୬ ସ୍ପିକର ହର୍ମାଲ୍ କାର୍ଡନ୍ ଅଡିଓ ସିଷ୍ଟମ ସହିତ ଡଲବି ଅଟମୋସ୍ ଉପଲବ୍ଧ। ଏହି ଇଲେକ୍ଟ୍ରିକ୍ କାର୍ଟ ଅନ୍ୟାନ୍ୟ ଫିଚର୍ସରେ ଲେବଲ୍ ୨ ଏଡିଏଏସ୍ ଏବଂ ଗୋଟିଏ ଟଚ୍ ପାର୍କିଂ କାର୍ଯ୍ୟ ପରି ଫିଚର୍ସଗୁଡିକ ସାମିଲ୍ ରହିଛି। ମହିନ୍ଦ୍ରା ଏକ୍ସଇଭି ୯-ଇର ଲମ୍ବ ୪.୭୮୯ ମିଟର ଏବଂ ଗ୍ରାଉଣ୍ଡ କ୍ଲିୟରାନ୍ସ ୨୦୭ ମିଲିମିଟର ହେବ। ଏହା ସହିତ ୬୬୩ ଲିଟର ବୁଟ୍ ସ୍ପେସ୍ ଏବଂ ୧୫୦ ଲିଟର ଫ୍ରଙ୍କ୍ ସ୍ପେସ୍ ରହିବ। ଏହା ସହିତ, ଯଦି ଆମେ ବିଇ ୬-ଇର ଲମ୍ବ ବିଷୟରେ ଆଲୋଚନା କରିବା, ଏହା ୪.୩୭୧ ମିଟର ହେବ, ଯାହାର ଗ୍ରାଉଣ୍ଡ କ୍ଲିୟରାନ୍ସ ୨୦୭ ମିଲିମିଟର ହେବ।

## ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ଏକ୍ସପୋ ଉଦ୍‌ଘାଟିତ



**ଭୁବନେଶ୍ୱର,୨୭।୧୧:** ପ୍ରତି ବର୍ଷ ଭଳି ଚଳିତ ମଧ୍ୟ ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ ଏକ୍ସପୋ-୨୦୨୪' ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ ଏହି ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ୨୦୨୪ ନଭେମ୍ବର ୨୬ ରୁ ଡିସେମ୍ବର ୨୬ ପର୍ଯ୍ୟନ୍ତ ଏହି ମେଳା ପ୍ରଦର୍ଶନୀ ପଡ଼ିଆରେ ଜାରି ରହିବ। ପ୍ରତିଦିନ ସକାଳ ୧୧ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଏହି ମେଳା ସବୁ ବର୍ଗର ଗ୍ରାହକଙ୍କ ପାଇଁ ଖୋଲା ରହିଛି। ଏହି ମେଳାରେ ୧୭ ରାଜ୍ୟର ବୁଣାକାର ସଂଘ, ବ୍ୟବସାୟୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନର ଆକର୍ଷଣୀୟ ଷ୍ଟଲ୍ ସାଙ୍ଗକୁ ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଓ ପୋଷାକ ସମ୍ଭାର ଉପଲବ୍ଧ। ଗ୍ରାହକଙ୍କ ପାଇଁ ଆୟୋଜକଙ୍କ ପକ୍ଷରୁ ଆକର୍ଷଣୀୟ ରିହାତି ଓ ଅତିରିକ୍ତ ସୁବିଧା ସାଙ୍ଗକୁ ଲୋକପ୍ରିୟ ବ୍ରାଣ୍ଡର ଶାଢ଼ି, ପୋଷାକ, ଘରକରଣା ସାମଗ୍ରୀ ଓ ଆସବାବପତ୍ର ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି। ଓଡ଼ିଶା ସମେତ ପୁଡୁଚେରୀ, ତେଲଙ୍ଗାନା, ତାମିଲନାଡୁ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ପଞ୍ଜାବ, ଆସାମ, କର୍ନାଟକ, ଆନ୍ଧ୍ରପ୍ରଦେଶ, ବିହାର, ଗୁଜରାଟ, ଉତ୍ତରପ୍ରଦେଶ, ହରିୟାଣା ଏବଂ ଜମ୍ମୁ ଆଣ୍ଡ କଶ୍ମୀର ଭଳି ରାଜ୍ୟର ଲୋକପ୍ରିୟ ପୋଷାକ ଓ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଉଭୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଉପଲବ୍ଧ ବୋଲି କାମଧେନୁ ଖଦି ଉଲ୍ ପାନିପଥ ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହି ମେଳାରେ ୧୭ ରାଜ୍ୟର ବ୍ୟବସାୟୀ ମୋଟ ୯୦ ଟି ଷ୍ଟଲ୍ ଜରିଆରେ ସେମାନଙ୍କର ପୋଷାକ ଓ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଉଭୟ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି।

## ଓଡ଼ିଶାର ବାସନା ଚାଉଳ କିଣିବାକୁ ଦିଲ୍ଲୀରେ ଗ୍ରାହକଙ୍କ ବଢୁଛି ଚାହିଦା



**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୧୧:** ଓଡ଼ିଶାର ବାସନା ଚାଉଳର ବାସ୍ନା ଏବେ ଦିଲ୍ଲୀରେ ପହଞ୍ଚିଛି। ନୂଆଦିଲ୍ଲୀରେ ଚାଲିଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ଚାଷୀଙ୍କ ଦ୍ୱାରା ଅମଳ ହୋଇଥିବା ବିଭିନ୍ନ କିସମର ସୁଗନ୍ଧିତ ଚାଉଳ କିଣିବାକୁ ଗ୍ରାହକମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର 'ଓଡ଼ିଶା ମଣ୍ଡପ'ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଛି। ଗୋଟିଏ ଷ୍ଟଲରେ ବିଭିନ୍ନ ପ୍ରକାର କୃଷି ଉତ୍ପାଦ ମଧ୍ୟରେ ବାଦଶାହା ଭୋଗ, ନୂଆ କଳାଜିରା, ସୁଗନ୍ଧା ଆଦି ବିଭିନ୍ନ କିସମର ଚାଉଳ ପ୍ରଦର୍ଶନ କରାଯିବା ସହ ବିକ୍ରି କରାଯାଉଛି। ଜୈବିକ ପଦ୍ଧତିରେ ଅମଳ ହୋଇଥିବା ଏହିସବୁ ସୁଗନ୍ଧିତ ଚାଉଳର ବେଶ ଚାହିଦା ରହିଛି। "ଓଡ଼ିଶା ମଣ୍ଡପ ସବୁଠୁ ସୁନ୍ଦର ଲାଗୁଛି। ତା'ସହ ଏଠାରେ ଥିବା ଷ୍ଟଲରେ ବିଭିନ୍ନ ପ୍ରକାର ବାସ୍ନା ଚାଉଳ ମିଳୁଛି। ଆମେ ବାସୁମତୀ ଚାଉଳ ଖାଉଥିବାରୁ ସୁଗନ୍ଧିତ ନୂଆ କଳାଜିରା ଚାଉଳ ନେଉଛୁ," କହିଛନ୍ତି ପ୍ରବାସୀ ଓଡ଼ିଆ ମଧୁସୂଦନ ପଲାଇ। ବର୍ତ୍ତମାନ ରାଜ୍ୟର ୧୩ଟି ଜିଲ୍ଲାରେ ୮ ପ୍ରକାର ବାସନା ଚାଉଳ ଚାଷ କରାଯାଉଛି। ଏଥିପାଇଁ ଚାଷୀମାନଙ୍କୁ କୃଷି ବିଭାଗ ପକ୍ଷରୁ ବିଭିନ୍ନ ଇନ୍‌ପୁଟ ଓ ବୈଷ ୟିକ ସହାୟତା ଦିଆଯାଉଛି। ଚଳିତ ବର୍ଷ ନୂଆଦିଲ୍ଲୀର ବାଣିଜ୍ୟ ମେଳାରେ ପ୍ରାୟ ୨.୮ ମେଟ୍ରିକ୍ ଟନ୍ ସୁଗନ୍ଧିତ ଚାଉଳ ବିକ୍ରି ହେବ ବୋଲି କୃଷି ବିଭାଗ ଆକଳନ କରିଛି।

## ଆର୍ଥିକ ନିଅଣ୍ଟ ୭.୮ ଟ୍ରିଲିୟନ ଡଲାରକୁ ବୃଦ୍ଧି ଆକଳନ

ନୂଆଦିଲ୍ଲୀ,୨୭।୧୧: ବର୍ତ୍ତମାନ ସମୟରେ ଜାରି ରହିଥିବା ଭୂ ରାଜନୈତିକ ପରିସ୍ଥିତ ଓ ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ବିଶ୍ୱ ଅର୍ଥନୀତିର ଆର୍ଥିକ ନିଅଣ୍ଟକୁ ଆହୁରି ଖରାପ କରିପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଥିବା ବେଳେ ସଂଘୀୟ ସରକାରଙ୍କ ଆର୍ଥିକ ନିଅଣ୍ଟ ଜିଡିପିର ୬.୪%ର ଅତ୍ୟଧିକ ଉଚ୍ଚସ୍ତର (ଯେତେବେଳେ ଅର୍ଥନୀତି ଉନ୍ନତ ସ୍ଥିତିରେ ରହିଥିବା ସମୟରେ) ଏବଂ ୧୦ ବର୍ଷ ପରେ ମଧ୍ୟ ଏହା ୭% ରହିବ ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ବର୍ତ୍ତମାନ ଟ୍ରମ୍ପଙ୍କ ପ୍ରସ୍ତାବିତ ଯୋଜନାଗୁଡିକ ଆସନ୍ତା ୧୦ବର୍ଷରେ ଆର୍ଥିକ ନିଅଣ୍ଟକୁ ୭.୮ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବ ବୋଲି ବନ୍ଧନ ଏଏମ୍‌ସିର ଫିକ୍ସଡ୍ ଇନ୍‌କମ୍ ବିଭାଗର ଉପାଧ୍ୟକ୍ଷ ଓ ଅର୍ଥନୀତିଜ୍ଞ ଶ୍ରୀଜିଥ୍ ବାଲାସୁବ୍ରମଣ୍ୟନ ବିସ୍ତୃତ ରୂପେ ଆଲୋକପାତ କରିଛନ୍ତି।

ସେହିଭଳି ଆସନ୍ତା ୧୦ ବର୍ଷ ମଧ୍ୟରେ ଆର୍ଥିକ ନିଅଣ୍ଟ ୭.୮ ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବ ବୋଲି (କମିଟି ଫର୍ ରେସ୍‌ପନ୍ସିବୁଲ ଫେଡେରାଲ ବଜେଟ ଅନୁଯାୟୀ) ଆକଳନ କରାଯାଉଛି, ଉଦାହରଣ ସ୍ୱରୂପ ଆର୍ଥିକ ନିଅଣ୍ଟ ୭% ପରିବର୍ତ୍ତେ ୧୦% ରହିବ।

ସେହିପରି ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଟିକସ ହ୍ରାସ ଓ ୨୦୧୭ ରୁ ନିଯୁକ୍ତି ଆଇନର ବିସ୍ତାର, ଯାହା ବ୍ୟକ୍ତିଗତ ଆୟ, ଇଷ୍ଟେଟ୍ ଓ ଗିଫ୍ଟ ଟିକସ ଏବଂ କମ୍ପାନୀଗୁଡିକ ଦ୍ୱାରା କରାଯାଉଥିବା ନିର୍ଦ୍ଦିଷ୍ଟ ନିବେଶ ପାଇଁ ରିହାତିର କମ୍ ଟିକସ ହାର ଲାଗି ବ୍ୟବସ୍ଥା ହୋଇଥିଲା। ଯଦି ଏହାକୁ ୨୦୨୫ପରେ ମଧ୍ୟ ଆଗକୁ ବିସ୍ତାର କରାଯାଏ। ତେବେ ଏହା ଏକାକୀ ଆସନ୍ତା ୧୦ ବର୍ଷ ମଧ୍ୟରେ ଆର୍ଥିକ ନିଅଣ୍ଟରେ ୫.୩ ଟ୍ରିଲିୟନ ଡଲାର ଯୋଗ କରିବ ବୋଲି ଆକଳନ କରାଯାଉଛି। ଅପରପକ୍ଷରେ ଅନ୍ୟ ଯୋଜନାଗୁଡିକ ମିଳିତ ଭାବେ ଆଉ ୫ଟ୍ରିଲିୟନ ଡଲାର ଯୋଗ କରିବେ। ଏପରିକି କିଛି ଆଂଶିକ ଭାବେ ନିରାଶାଜନକ ପଦକ୍ଷେପ ମଧ୍ୟ ରହିଛି, ଯାହାକୁ ସଞ୍ଚୟ ବୃଦ୍ଧି କରିବା ପାଇଁ ଚିହ୍ନଟ କରାଯାଇଛି ଏବଂ ସରକାରୀ ଖର୍ଚ୍ଚକୁ ହ୍ରାସ କରାଯିବାର ସମ୍ଭାବନା ମଧ୍ୟ ରହିଛି ବୋଲି ବାଲାସୁବ୍ରମଣ୍ୟନ କହିଛନ୍ତି। ସେହିପରି ୨୦୧୭-୨୦ ମଧ୍ୟରେ ଯେତେବେଳେ ଟ୍ରମ୍ପ ରାଷ୍ଟ୍ରପତି ଥିଲେ, ସେହି ସମୟ ତୁଳନାରେ ଆଜିର ଆର୍ଥିକ ପ୍ରସଙ୍ଗ ଭିନ୍ନ ରହିଛି। ଆମେରିକାର ଅଭିବୃଦ୍ଧି ସ୍ଥିର ରହିଛି କିନ୍ତୁ ଏହା ସୁଧ ହାରର ପ୍ରଭାବରୁ ବେଶିଦିନ ବଞ୍ଚିତ୍ ରହିପାରିବ ନାହିଁ, ଯାହାକି ଫେଡ୍ ଦ୍ୱାରା ନିକଟରେ ହୋଇଥିବା ହ୍ରାସ ସତ୍ତ୍ୱେ ଗତ କିଛି ସମୟ ହେବ ଅପେକ୍ଷାକୃତ ଉଚ୍ଚସ୍ତରରେ ରହିଛି। କ୍ରେଡିଟ୍ କାର୍ଡ ଓ ଅଟୋ ଲୋନ୍‌କୁ ନେଇ ଅପରାଧ ବୃଦ୍ଧି ପାଇବାରେ ଲାଗିଛି, ନିକଟରେ ଉଚ୍ଚ ଉତ୍ପାଦକତା ହାର ସ୍ଥିର ରହିଥିବା ଦେଖିବାକୁ ମିଳିଛି। ୟୁରୋପ ମଧ୍ୟ ଉଚ୍ଚ ମୁଦ୍ରାସ୍ଫୀତି, ଜଟିଳ ମୁଦ୍ରାନୀତି ଓ ମହାମାରୀ ପୂର୍ବ ତୁଳନାରେ ଉଚ୍ଚ ଆର୍ଥିକ ନିଅଣ୍ଟ ଭଳି ଆହ୍ୱାନଗୁଡିକର ସମ୍ମୁଖୀନ ହେଉଛି। କିନ୍ତୁ ଅଭିବୃଦ୍ଧି ଅପେକ୍ଷାକୃତ ଦୁର୍ବଳ ରହିଛି। ଚୀନ୍ ପ୍ରପର୍ଟି ସେକ୍ଟର ଓ ଉପଭୋକ୍ତା ଚାହିଦା କ୍ଷେତ୍ରରେ ମନ୍ଥରତାର ସମ୍ମୁଖୀନ ହେବା ଜାରି ରଖିଛି।

## ଇଭି ମାର୍କେଟରେ ହୋଣ୍ଡା ଟୁ ହ୍ୱିଲର୍ସର ଏଣ୍ଟ୍ରି, ଲଞ୍ଚ ହେଲା ଆକ୍ଟିଭା-ଇ




ନୂଆଦିଲ୍ଲୀ, ୨୭।୧୧: ଦେଶର ଟୁ ହ୍ୱିଲର ଇଣ୍ଡଷ୍ଟ୍ରିରେ ଏକ ଭରସାଯୋଗ୍ୟ ବ୍ରାଣ୍ଡ୍ ହୋଇପାରିଛି ହୋଣ୍ଡା । କମ୍ପାନିର ଭିନ୍ନ ଭିନ୍ନ ବାଇକ ଏବଂ ସ୍କୁଟର ଗ୍ରାହକଙ୍କ ମନଜିଣିବାରେ ସଫଳ ହୋଇଛି । ଏଥିପାଇଁ ତ' ଭାରତରେ ସବୁଠୁ ଅଧିକ ବିକ୍ରି ହେଉଥିବା ସ୍କୁଟର ମଧ୍ୟରେ ରହିଛି ହୋଣ୍ଡାର ନାଁ। ଆଉ ଏହି ଧାରାକୁ ବଜାୟ ରଖିବା ପାଇଁ କମ୍ପାନି ଆଉ ପାଦେ ଆଗେଇଛି। ଭାରତୀୟ ଇଭି ଟୁ ହ୍ୱିଲର ମାର୍କେଟରେ ଏଣ୍ଟ୍ରି ମାରିଛି ହୋଣ୍ଡା ଟୁ ହ୍ୱିଲର୍ସ ଇଣ୍ଡିଆ। ଲଞ୍ଚ କରିଛି ଦେଶର ସବୁଠୁ ଅଧିକ ବିକ୍ରି ହେଉଥିବା ସ୍କୁଟର ହୋଣ୍ଡା ଆକ୍ଟିଭାର ଇଭି ଭାରିଆଣ୍ଟ 'Honda Activa e' । ବୁଧବାର ଆକ୍ଟିଭା ଇଭିର ଲଞ୍ଚ ହୋଇଥିବାବେଳେ, ୨୦୨୫ ଜାନୁଆରୀ ୧ରୁ ଏହାର ବୁକିଂ ଆରମ୍ଭ ହୋଇଯିବ। ସେହିଭଳି ୨୦୨୫ ଫେବ୍ରୁଆରୀ ୧ରୁ ଆରମ୍ଭ ହେବ ଡେଲିଭରୀ। ତେବେ ଆସନ୍ତୁ ଜାଣିବା କ'ଣ ରହିଛି ଏହାର ଫିଚର୍ସ ଓ ଦାମ୍। ଲଞ୍ଚ ହୋଇଛି ହୋଣ୍ଡା ଟୁ ହ୍ୱିଲର୍ସ ଇଣ୍ଡିଆର ନୂଆ ଇଲେକ୍ଟ୍ରିକ୍ ଆକ୍ଟିଭା ସ୍କୁଟର। ଭରପୁର ଫିଚର୍ସ ସହ ମାର୍କେଟକୁ ଆସିବାକୁ ପ୍ରସ୍ତୁତ ହୋଣ୍ଡା ଆକ୍ଟିଭା ଇଭି। ଏହି ଇଭିର ବିଶେଷତ୍ୱ ହେଉଛି ସ୍ୱାପେବୁଲ ବ୍ୟାଟେରୀ। ଅର୍ଥାତ ବ୍ୟାଟେରୀରୁ ଚାର୍ଜ ସରିଗଲେ, କମ୍ପାନିର ବ୍ୟାଟେରୀ ଷ୍ଟେସନରୁ ଆଉ ଏକ ବ୍ୟାଟେରୀ ନେଇପାରିବେ ଗ୍ରାହକ। ତେବେ କମ୍ପାନି ଏହାକୁ ୨ ଭାରିଆଣ୍ଟରେ ଲଞ୍ଚ କରିଥିବାବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ସହରରେ ଉପଲବ୍ଧ ହେବ। ପରେ କମ୍ପାନି ଏହାକୁ ଅନ୍ୟ ସହରରେ ଲଞ୍ଚ କରିବ। କାରଣ ଏହି ସ୍କୁଟର ପାଇଁ କମ୍ପାନି ବ୍ୟାଟେରୀ ସ୍ୱାପିଂ ଷ୍ଟେସନ ମଧ୍ୟ ବିକଶିତ କରିବାକୁ ଯାଉଛି। ଆଉ ସ୍ୱାପିଂ ଷ୍ଟେସନ ପ୍ରସ୍ତୁତ ହେଲେ ହିଁ ଗାଡ଼ିର ବିକ୍ରିରେ କୌଣସି ଅସୁବିଧା ହେବ ନାହିଁ। ହୋଣ୍ଡା ଆକ୍ଟିଭା ଇଭିକୁ କମ୍ପାନି ଷ୍ଟାଣ୍ଡାର୍ଡ ଏବଂ ରୋଡସିଙ୍କ ଡୁଓ (RoadSync Duo) ଭାରିଆଣ୍ଟରେ ଆଣୁଛି। ଏଥିରେ ଷ୍ଟାଣ୍ଡାର୍ଡ ଭାରିଆଣ୍ଟର ଓଜନ ୧୧୮ କିଲୋଗ୍ରାମ ଏବଂ ରୋଡସିଙ୍କ୍ ଡୁଓ ଭାରିଆଣ୍ଟର ଓଜନ ୧୧୯ କିଲୋଗ୍ରାମ ହେବ। ଏଥିରେ ଭିନ୍ନ ଭିନ୍ନ ଡିସପ୍ଲେ ଏବଂ ଫିଚର୍ସ ମିଳିବ। ଷ୍ଟାଣ୍ଡାର୍ଡ ଭାରିଆଣ୍ଟରେ ୫ ଇଞ୍ଚର ଟିଏଫଟି ସ୍କ୍ରିନ ଏବଂ ରୋଡସିଙ୍କ୍ ଡୁଓରେ ୭ ଇଞ୍ଚର ସ୍କ୍ରିନ ମିଳିବ। ଏହା ସହ ଏଥିରେ ଆପଣଙ୍କୁ ଟର୍ଣ୍ଣ-ବାଏ-ଟର୍ଣ୍ଣ ନାଭିଗେସନ, ନୋଟିଫିକେସନ ଆଲର୍ଟ ଭଳି ଅନେକ ସୁବିଧା ମଧ୍ୟ ମିଳିବା ନେଇ କମ୍ପାନି ପକ୍ଷରୁ ସୂଚନା ଦିଆଯାଇଛି।।

## ଏସାର ଗ୍ରୁପ୍ ଅଧ୍ୟକ୍ଷଙ୍କ ପରଲୋକ



ମୁମ୍ବାଇ, ୨୭।୧୧: ଏସାର ଗ୍ରୁପ୍ ଅଧ୍ୟକ୍ଷ ତଥା ସହ-ପ୍ରତିଷ୍ଠାତା ଶଶିକାନ୍ତ ରୁଇଆ(୮୧)ଙ୍କର ପରଲୋକ ହୋଇଛି। ଦୀର୍ଘଦିନ ହେଲା ଅସୁସ୍ଥ ଥିବା ଶଶିକାନ୍ତଙ୍କର ମୃତ୍ୟୁ ନଭେମ୍ବର ୨୫ ତାରିଖ ରାତି ୧୧ଟା ୫୫ରେ ମୁମ୍ବାଇଠାରେ ହୋଇଛି । ଆମେରିକାରେ ଚିକିତ୍ସିତ ହେଉଥିବା ଶଶିକାନ୍ତଙ୍କୁ ପ୍ରାୟ ମାସକ ପୂର୍ବେ ଭାରତକୁ ଅଣାଯାଇଥିଲା। ତାଙ୍କର ପତ୍ନୀ ମଞ୍ଜୁ ଏବଂ ଦୁଇ ପୁଅ ପ୍ରଶାନ୍ତ ଓ ଅଂଶୁମାନ ଅଛନ୍ତି। ବାପା ନନ୍ଦ କିଶୋର ରୁଇଆଙ୍କ ମାର୍ଗଦର୍ଶନରେ ଶଶିକାନ୍ତ ୧୯୬୫ ମସିହାରେ ବ୍ୟବସାୟ ଆରମ୍ଭ କରିଥିଲେ। ସେ ଓ ତାଙ୍କ ସାନ ଭାଇ ରବି ରୁଇଆ ମିଶି ୧୯୬୯ ମସିହାରେ ଏସାରର ଭିତ୍ତି ପକାଇଥିଲେ। ଚେନ୍ନାଇ ବନ୍ଦରରେ ତରଙ୍ଗରୋଧକ ପ୍ରାଚୀର ନିର୍ମାଣ କାର୍ଯ୍ୟରୁ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏସାର ଗ୍ରୁପ୍ ଇସ୍ପାତ, ତୈଳ ବିଶୋଧନ, ଉତ୍ତୋଳନ, ଟେଲିକମ, ଶକ୍ତି ଏବଂ ନିର୍ମାଣ ଆଦି କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଥିଲା। ଶଶିକାନ୍ତଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକବ୍ୟକ୍ତ କରିଛନ୍ତି। ଏକ ବାର୍ତ୍ତାରେ ମୋଦୀ କହିଛନ୍ତି ଯେ ଶଶିକାନ୍ତ ବିଶ୍ୱ ଶିଳ୍ପ ଜଗତରେ ଜଣେ ବିରାଟ ବ୍ୟକ୍ତି ଥିଲେ। ତାଙ୍କ ନିକଟରେ ବ୍ୟାପକ ଜ୍ଞାନ ରହିଥିଲା। ଆମ ଦେଶକୁ କିଭଳି ଉନ୍ନତ କରାଯାଇ ପାରିବ ସେ ସଂପର୍କରେ ସର୍ବଦା ଆଲୋଚନା କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ପତଞ୍ଜଳି ଫୁଡ୍‌ସରେ ଏଲ୍‌ଆଇସି ବଢ଼ାଇଲା ନିଜର ଅଂଶଧନ

ନୂଆଦିଲ୍ଲୀ, ୨୭।୧୧: ସରକାରୀ ବୀମା କମ୍ପାନୀ ଏଲଆଇସି ବାବା ରାମଦେବଙ୍କ ନେତୃତ୍ୱାଧିନ କମ୍ପାନୀ ପତଞ୍ଜଳୀ ଫୁଡ୍ସରେ ନିଜର ଅଂଶଧନ ବୃଦ୍ଧି କରିଛି। କମ୍ପାନୀ ଖୋଲା ବଜାରରୁ ଏହି କ୍ରୟ କରିଛି। ଉକ୍ତ ନିବେଶ ପରେ ଏବେ ଏଲଆଇସିର ପତଞ୍ଜଳି ଫୁଡ୍‌ସରେ ମୋଟ୍ ସେୟାର ୪.୯୮୬ ପ୍ରତିଶତରୁ ବଢି ୫.୦୨ ପ୍ରତିଶତ ହୋଇ ଯାଇଛି। ଏଲଆଇସି ରେଗୁଲେଟରୀକୁ ଦେଇଥିବା ସୂଚନାରେ କହିଛି ଯେ, ପତଞ୍ଜଳି ଫୁଡ୍ସରେ ସେ ନିଜର ସେୟାର ୧,୮୦,୪୮,୩୭୭ ସେୟାରୁ ବୃଦ୍ଧି ପାଇ ୧,୮୧,୭୩,୩୭୭ ସେୟାର ଯାଏ କରିଛି। ଯାହାକି ୫.୦୨୦ ପ୍ରତିଶତ ସହ ସମାନ। କହି ରଖୁଛୁ କି, ଏଲଆଇସି ଓପେନ ମାର୍କେଟ୍‌ରେ ୧୭୬୪.୯୬ ଟଙ୍କା ପ୍ରତି ସେୟାର ହିସାବରେ ୧,୨୫,୦୦୦ ସେୟାର କିଣିଛି। ଏହି କ୍ରୟ ପରେ ଏଲଆଇସି ପାଖରେ ଏବେ ପତଞ୍ଜଳି ଫୁଡ୍ସର ୧,୮୧,୭୩,୩୭୭ ସେୟାର ହୋଇ ଯାଇଛି। ପତଞ୍ଜଳି ଫୁଡ୍ସର ନେଟ୍ ପ୍ରଫିଟ୍ ଦ୍ୱିତୀୟ ତ୍ରୟମାସିକରେ ୩୦୯ କୋଟି ଟଙ୍କା ରହିଛି। ବାର୍ଷିକ ଆଧାରରେ କମ୍ପାନୀର ନେଟ୍ ପ୍ରଫିଟ୍‌ରେ ୨୧,୪୦ ପ୍ରତିଶତର ବୃଦ୍ଧି ହୋଇଛି। କହି ରଖୁଛୁ କି, ଗତ ବର୍ଷ ଏହି ତ୍ରୟମାସିକରେ କମ୍ପାନୀର ନେଟ୍ ପ୍ରଫିଟ୍ ୨୫୪.୫୦ କୋଟି ଟଙ୍କା ରହିଥିଲା। ଜୁଲାଇରୁ ସେପ୍ଟେମ୍ବର ବେଳେ ପତଞ୍ଜଳ ଫୁଡ୍ସର ରେଭନ୍ୟୁ ୮୧୫୪.୨୦ କୋଟି ଟଙ୍କା ରହିଛି। କମ୍ପାନୀର ରେଭନ୍ୟୁ ବାର୍ଷିକ ଆଧାରରେ ୪.୨ ପ୍ରତିଶତ ବଢ଼ିଛି।

## ୟୁପିଆଇ ଠକେଇ ୮୫% ବୃଦ୍ଧି, ୨୦୨୩-୨୪ରେ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ମାମଲା




ଭୁବନେଶ୍ୱର, ୨୧।୧୧: ଏବେ ଡିଜିଟାଲ ପେମେଣ୍ଟ ଦ୍ରୁତ ହାରରେ ବଢ଼ୁଛି। ଏପଟେ ସାଇବର ଠକେଇ ମଧ୍ୟ ଲୋକଙ୍କ ଚିନ୍ତା ବଢ଼ାଇଛି। ୨୦୨୩ରେ ୟୁପିଆଇ ଠକେଇ ୮୫% ବୃଦ୍ଧି ହୋଇଛି। ଗୋଟିଏ ବର୍ଷରେ ୟୁପିଆଇ ଠକେଇର ଏଭଳି ମାମଲା ସାମ୍ନାକୁ ଆସିଥିବା ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସଂସଦରେ ସୂଚନା ଦେଇଛନ୍ତି। ୨୦୨୨-୨୩ରେ ୭.୨୫ ଲକ୍ଷ ଠକେଇ ମାମଲା ସାମ୍ନା ଆସିଥିଲା। ଏଥିରେ ୫୭୩ କୋଟିର ଠକେଇ ହୋଇଥିଲା। ଏହା ୨୦୨୩-୨୪ରେ ୧୩.୪୨ ଲକ୍ଷ ମାମଲା ଏବଂ ୧୦୮୭ କୋଟି ଠକେଇ ରହିଥିଲା। ଚଳିତ ଆର୍ôଥକ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ୬.୩୨ ଲକ୍ଷ ଠକେଇ ମାମଲା ସାମ୍ନାକୁ ଆସିଥିବା ବେଳେ ଏଥିରେ ୪୮୫ କୋଟିର ଠକେଇ ହୋଇଥିବା ସୂଚନା ମିଳିଛି।

## ବଡ଼ ଫ୍ୟାମିଲି ପାଇଁ ମହିନ୍ଦ୍ରାର ଏସ୍‌ୟୁଭି କିଣନ୍ତୁ



**ନୂଆଦିଲ୍ଲୀ, ୨୭।୧୧:** ଯଦି ଆପଣ ନିଜ ବଡ଼ ଫ୍ୟାମିଲି ପାଇଁ କମ୍ ବଜେଟରେ ଏକ ନୂଆ କାର କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଆଜି ଆମେ ଆପଣଙ୍କ ପାଇଁ ଏକ ଗୁଡ୍ ନ୍ୟୁଜ୍ ନେଇଆସିଛୁ। ଆଜି ଆମେ ଆପଣଙ୍କୁ ଏକ ୯-ସିଟର୍ ଏସୟୁଭି ବିଷୟରେ କହିବାକୁ ଯାଉଛୁ, ଯାହା Bolero Neo ର ଅପଡେଟ୍ ମଡେଲ୍। ଏହି SUV ୩-ରୋ'ରେ ଆସେ (2-3-4 ସିଟିଂ ଲେଆଉଟ୍)। Bolero Neo+ ପ୍ରାରମ୍ଭିକ ମୂଲ୍ୟରେ ୧୧ ଲକ୍ଷ ୩୯ ହଜାର ଏକ୍ସ-ଶୋ'ରୁମ୍ ମୂଲ୍ୟରେ ଉପଲବ୍ଧ। ଯଦି ଆପଣ ସ୍କର୍ପିଓ କ୍ଲାସିକ୍ କିଣିବାକୁ ଚାହୁଁନାହାଁନ୍ତି ତେବେ ଆପଣ Bolero Neo+ କାର୍ କିଣିପାରିବେ। P4 ଭାରିଆଣ୍ଟର ମୂଲ୍ୟ ୧୧.୩୯ ଲକ୍ଷ ଟଙ୍କା ଏବଂ P10 ଭାରିଆଣ୍ଟର ମୂଲ୍ୟ ୧୨.୪୯ ଲକ୍ଷ ଟଙ୍କା।

Mahindra Bolero Neo+ ରେ ୨.୨-ଲିଟର ଇଞ୍ଜିନ ଅଛି। ଏହି ଇଞ୍ଜିନ୍ ୧୨୦PS ର ପାୱାର୍ ଏବଂ ୨୮୦Nm ର ଟର୍କ ଜେନେରେଟ୍ କରେ। ଏହି ଇଞ୍ଜିନ୍ ସହିତ ଟ୍ରାନ୍ସମିସନ୍ ପାଇଁ ଏକ ୬-ସ୍ପିଡ୍ ମାନୁଆଲ୍ ଗିଅରବକ୍ସ ପ୍ରଦାନ କରାଯାଇଛି, ଯାହା ଏକ ରିୟର୍-ହ୍ୱିଲ୍-ଡ୍ରାଇଭ୍। ମହିନ୍ଦ୍ରା ବୋଲେରୋ ନେଓ ପ୍ଲସ୍ ର କ୍ୟାବିନ୍ ବିଷୟରେ କହିବାକୁ ଗଲେ, ଏହା ଏକ ନୂତନ ଷ୍ଟିଅରିଂ ହ୍ୱିଲ୍ ଏବଂ ଟ୍ୱିନ୍ ପଡ୍ ଡିସପ୍ଲେ ସହିତ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ପାଇଥାଏ। ଏଥିରେ ୧୬ ଇଞ୍ଚ ଇନଫୋଟେନ୍ମେଣ୍ଟ ୟୁନିଟ୍ ସହିତ କ୍ଲାଇମେଟ୍ କଣ୍ଟ୍ରୋଲ୍ ଡାଏଲ୍ ଅଛି। ବୋଲେରୋ ନିଓ ପ୍ଲସ୍ ର ଡିଜାଇନ୍ ବୋଲେରୋ ନେଓ ସହିତ ବହୁତ ସମାନ। କିନ୍ତୁ ଏହାର ଫ୍ରଣ୍ଟ ବମ୍ପରରେ ଫଗ୍ ଲ୍ୟାମ୍ପ ହାଉସିଂ ଏବଂ ବୁଲ୍ ବାର୍ ଭଳି ଫିଚର୍ସଗୁଡିକ ଯୋଡି ହୋଇଛି। ଏହି କାରରେ ନୂଆ ୧୬-ଇଞ୍ଚର ଆଲଏ ହ୍ୱିଲ୍ ଲଗାଯାଇଛି। ବୋଲେରୋ ନିଓ ପ୍ଲସ୍ ବୋଲେରୋ ନେଓ ଠାରୁ ୪୦୫ ମିମି ଲମ୍ବା। ବୋଲେରୋ ନିଓ ପ୍ଲସ୍ ର ଲମ୍ବ ୪,୪୦୦ ମିମି। ଏହାର ହ୍ୱିଲ୍ ବେସରେ କୌଣସି ପରିବର୍ତ୍ତନ ହୋଇନାହିଁ। ମହିନ୍ଦ୍ରା ବୋଲେରୋ ନିଓ ପ୍ଲସରେ ୨-୩-୪ ର ସିଟିଂ କନଫ୍ୟୁଗରେସନ୍ ସହିତ ୩ ରୋ' ସେଟ୍ ଅପ୍ ଅଛି। ଏହି କାରର ଶେଷ ଧାଡିରେ ସାଇଡ୍ ଫେସିଂ ସିଟ୍ ସ୍ଥାପିତ ହୋଇଛି। ଏହି ମହିନ୍ଦ୍ରା କାରରେ ବ୍ଲୁଟୁଥ୍, USB ଏବଂ aux କନେକ୍ଟିଭିଟି ମଧ୍ୟ ପ୍ରଦାନ କରାଯାଇଛି।

# ବାଘ ଖାଇଲା ବାଛୁରୀ

## ଭୟଭିତ ଅବସ୍ଥାରେ ଗ୍ରାମବାସୀ



**ଉଦଳା,୨୭।୧୧ (ସଂଚାର ବ୍ୟୁରୋ):** ଗାଁ ରେ ମାତିଛି ବାଘ। ଗୁହାଳ ରୁ ନେଇ ଖାଇଗଲା ବାଛୁରୀ। ଏଭଳି ଘଟଣା ସାମ୍ନାକୁ ଆସିଛି ଉଦଳା ବନାଞ୍ଚଳ ଅଧୀନ ଚଡଦା ଗ୍ରାମରୁ। ଗ୍ରାମର ଶଙ୍କର ମାରାଣ୍ଡି ଗତକାଲି ରାତିରେ ଗୁହାଳରେ ବାଛୁରୀ ବାନ୍ଧି ଥିଲେ। ଓ୍ୱିଲ ନିକଟରେ ଥିବା ଗୁହାଳରେ ବାଛୁରୀ ବାନ୍ଧି ଘରେ ରହିଥିଲେ। ଆଜି ସକାଳୁ ସେ ଗୁହାଳରେ ପହଂଚିବା ପରେ ବାଛୁରୀ ନ ଥିବା ଦେଖିବାକୁ ପାଇଥିଲେ। ଶେଷରେ ଅନେକ ଖୋଜା ଖୋଜି କରିବା ପରେ ଗୁହାଳ ଠାରୁ କିଛି ଦୂରରେ ବାଛୁରୀଟି ମୃତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଯାହାକି କେହି ବନ୍ୟ ଜନ୍ତୁ ବାଛୁରୀ କୁ ଖାଇଥିବା ଅନୁମାନ କରିଥିବା ବେଳେ ୩ ଗୋଟି ଓ୍ୱିଲରେ ବାଘ ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହା ସହିତ ଓ୍ୱିଲ ଗୁଡିକରେ ରକ୍ତ ପଡ଼ିଥିବା ଦେଖିବା ପରେ ଗ୍ରାମକୁ ବାଘ ଆସିଥିବା ଜାଣିବାକୁ ପାଇଥିଲେ। ବାଘ ଆତଙ୍କରେ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ। ବାଘ ଏବେ ଗ୍ରାମ ନିକଟରେ ଥିବା ଗ୍ରାମବାସୀ ସନ୍ଦେହ କରୁଥିବା ବେଳେ ବନ ବିଭାଗ କୁ ଏ ନେଇ ସୂଚନା ପ୍ରଦାନ କରିଥିବା ବେଳେ ବନ ବିଭାଗ ଆସି ବାଘ ବାଛୁରୀ ଖାଇଥିବା କହିଛନ୍ତି।

# ଦୁର୍ଗମରେ ଅଞ୍ଚଳରେ ବାଟବଣା ହେଉଛି ବିକାଶ



**ମାଲକାନଗିରି,୨୭।୧୧ (ସଂଚାର ବ୍ୟୁରୋ):** ଅପହଞ୍ଚ ବିକାଶ । ରାସ୍ତା, ବିଦ୍ୟୁତ, ଶିକ୍ଷା, ଏବଂ ପାନୀୟ ଜଳଭଳି ଉତ୍କଟ ସମସ୍ୟା ଭିତରେ ଜିଉଁଛନ୍ତି ଦୁର୍ବିସହ ଜୀବନ । ଏ ହେଉଛି ନାରାୟଣପାଟଣା ବ୍ଲକର ଶୁଡେଶୁ ଗାଁ। ଜଙ୍ଗଲ ପାହାଡ଼ ଘେରା ସୁଡ଼େଶୁ ଗାଁ ଏହି ଗାଁରେ ଦିନେ ମାଓବାଦି ଗଡ଼ ବୋଲି ପରିଚୟ ଥିଲା। ମାଓବାଦି ମାନେ ଏହି ଗାଁରେ ରହି ଅନେକ ହିଂସାକାଣ୍ଡ ଘଟାଉଥିଲେ । ସେଥିପାଇଁ ସରକାର ଓ ପ୍ରଶାସନର ନଜର ପଡିଥିଲା ସୁଡ଼େଶୁ ଉପରେ । ପ୍ରଶାସନିକ ତତ୍ପରତା ଯୋଗୁଁ ଗାଁକୁ ମାଓମୁକ୍ତ କରାଗଲା ସତ, କିନ୍ତୁ ସୁଡେଶୁ ଗାଁକୁ ପହଞ୍ଚି ପାରିନି ବିକାଶର ରଥ। ସୁଡ଼େଶୁ ଗାଁରେ ପାଖାପାଖି 60 ଘର ପରିବାର ଲୋକ ବସବାସ କରୁଛନ୍ତି । ମାତ୍ର ଗାଁକୁ ଯାତାୟତ ପାଇଁ ରାସ୍ତା କହିଲେ ପାଞ୍ଚଟି ପାହାଡ଼ ଚଢ଼ିକି ଯିବା ପାଇଁ ପଡ଼ିଥାଏ । ପାହାଡର ଆବଡା ଖାବଡା ରାସ୍ତାରେ ପାଞ୍ଚ କିଲୋମିଟର ଚଢ଼ିବା ପାଇଁ ପୁରା ଦିନ ଲାଗିଯାଏ। ମାତ୍ର ବର୍ଷ ପରେ ବର୍ଷ ବିତି ଯାଉଥିଲେବି ରାସ୍ତା ସମସ୍ୟାର ସମାଧାନ ହୋଇନି। ସେହିପରି ପାନୀୟ ଜଳ କହିଲେ ଆଜିବି ଗାଁରୁ ମୁଣ୍ଡ ପାହାଡ଼ରୁ ଆସିଥିବା ଝରଣା ପାଣି ହିଁ ସାହା ଭରଷା। ଝରଣା ପାଣିକୁ ପାଇପ ଯୋଗେ ଆଣି ବ୍ୟବହାର କରୁଛନ୍ତି ଏହି ଞ୍ଚଳବାସୀ। ଏହି ପାଣି ପିଇ ବିଭିନ୍ନ ସମୟରେ ଲୋକେ ରୋଗଗ୍ରସ୍ତ ହେଉଥିବା ଅଭିଯୋଗ ମଧ୍ୟ ହୁଏ ମାତ୍ର ଜଳ ଯୋଗାଣ ର ବିକଳ୍ପ ନଥିବାରୁ ଏହି ପାଣିକୁ ବର୍ଷ ତମାମ ପାନୀୟ ଜଳ ଭାବେ ବ୍ୟବହାର କରନ୍ତି ଅଞ୍ଚଳବାସୀ। ଗାଁରେ ପ୍ରାକ ଶିକ୍ଷା କଥା ନ କହିଲେ ଭଲ। ନା ଭିତ୍ତି ଭୂମି ଅଛି ନା ଅଛନ୍ତି ଶିକ୍ଷାକ। ଖୋଲା ଆକଶ ତଳେ ଜରିପାଲ ପକାଇ ପାଠ ପଢୁଛନ୍ତି ଦେଶର ଭବିଶ୍ୟତ। ପ୍ରଶାସନ ମାଓ କବଳରୁ ସିନା ଗାଁକୁ ବଞ୍ଚାଇ ଦେଲା କିନ୍ତୁ ମୌଳିକ ସମସ୍ୟାର ସମାଧାନ କରିବାକୁ ଭୁଲିଗଲେ। ଆଜିବି ରାସ୍ତା ପାଣି ଶିକ୍ଷା ଯୋଗାଇ ଦେବାକୁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେବି କେହି ଦାବି ପୁରଣ କରୁ ନଥିବା ଅଭିଯୋଗ ହୋଇଛି। ସରକାରୀ ଯୋଜନା ଅପେକ୍ଷାରେ ସୁଡ଼େଶୁବାସୀ। ମାଓ କବଳରୁ ମୁକ୍ତ କଲେ ମାତ୍ର ସମସ୍ୟାର ସମାଧାନ କଲେନି। ନୂଆ ସରକାର ସମସ୍ୟା ବୁଝିବେ ଓ ସମାଧ୍ନ କରିବେ ବୋଲି ଗ୍ରାମବାସୀ ଆଶାବାଦୀ।

# ବର୍ଷ ବର୍ଷ ଧରି ଅପେକ୍ଷା କଲେ ମଧ୍ୟ ମିଳୁନି ସୂଚନା ଅଧିକାର ତଥ୍ୟ

**ଖପ୍ରାଖୋଲ,୨୭।୧୧(ସଂଚାର ବ୍ୟୁରୋ):** ସରକାର ତଥା ଅମଲାତନ୍ତ୍ର ର ସୁପରିଚାଳନ ପାଇଁ ସୂଚନା ଅଧିକାର ଆଇନ। ହେଲେ ବାସ୍ତବ ରେ କେତେ ସ୍ୱଚ୍ଛ ସରକାର ଙ୍କ ତଥ୍ୟ। ଖାଲି ନାଁ କୁ ମାତ୍ର ସୂଚନା ଅଧିକାର । ତଥ୍ୟ ମାଗିଲେ ମିଳୁନି ପ୍ରକୃତ ତଥ୍ୟ ସାମ୍ନା କୁ ଆସୁନି ସତ୍ୟତା ତାହେଲେ ଭୁଲ କେଉଁଠି କିଏ ଦିଶହୀନ କରୁଛି ସୂଚନା ଅଧିକାର...ଅବହେଳିତ ଉପାନ୍ତ ଖପ୍ରାଖୋଲ ବ୍ଲକ ଏଇଠି ପେଟ ପାଇଁ ଦାଦନ ଯାଉଛନ୍ତି ଲୋକେ...ହେଲେ ପ୍ରଶାସନ କହୁଛି ପର୍ଯ୍ୟାପ୍ତ ପରିମାଣ ରେ କର୍ମଦିବସ ସୃଷ୍ଟି ହେଉଛି । ତାହେଲେ କାହିଁକି ଦାଦନ ମୁହାଁ ଲୋକେ ୟାର ତଥ୍ୟ ମାଗିଲେ ବାବୁ ମାନଙ୍କ ନାହିଁ ତେଗୁଛି...ସେହି ପରି ଅମୃତ ସରୋବର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ପରିମଳ ଯୋଜନା ଏଇମିତି ପାଖାପାଖି ୧୦ଟି ସୂଚନା ଅଧିକାର ତଥ୍ୟ ମାଗ ଗଲାଣି ହେଲେ ନାଁ ତଥ୍ୟ ମିଳୁଛି ଯଦି ବା ମିଳୁଛି ସନ୍ତୋଷ ଜନକ ତଥ୍ୟ ମିଳୁନି...ବିଶେଷ କାରି ପଶ୍ଚିମ ଓଡିଶା ର ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ର ବୈଶାଖୀ ମେଳା ଖର୍ଚ୍ଚ ଅଟକଳ ର ତଥ୍ୟ ଓ ୫ଟି ସ୍କୁଲ ନିର୍ମାଣ ତଥ୍ୟ ମଗାଯାଇଥିଲା ହେଲେ ତା ମଧ୍ୟ ଆଜି ପର୍ଯ୍ୟନ୍ତ ମିଳୁନି ଫଳ ରେ ଢୋଲ ଭିତରେ ପୋଲ ସଦୃଶ ପ୍ରଶାସନ ସୂଚନା ଲୁକାଇବା ସେଇ ଦିଗ କୁ ଇଙ୍ଗିତ କରୁଛି ନିଶ୍ଚୟ । ମୋଟା ମୋଟୀ କହିବାକୁ ଗଲେ ଖପ୍ରାଖୋଲ ରେ ତାଳୁ ରୁ ତଳିପା ଯାଏ ଝୋଲ... ମୁଁତ ମୁତୁରି ତୁତ ମୁତୁରି ହେଂସ କାହିଁକି ଧୋଇବା ।

# ଡମ ସମାଜର ଦିଆଲ ପରବ: ସାଂସ୍କୃତିକ ଗୌରବ ଉତ୍ସବ



**ରାୟଗଡା,୨୭।୨୪(ସଂଚାର ବ୍ୟୁରୋ):** ନଭେମ୍ବର ୨୬ ସମ୍ବିଧାନ ଦିବସ ଅବସରରେ ରାୟଗଡା ଜିଲ୍ଲା ର ୧୧ ଗୋଟି ବ୍ଲକ କୁ ନେଇ ଜିଲ୍ଲା ସ୍ତରୀୟ ଡମ ସମାଜ ଦିଆଲ ପରବ ଭେଟ ଘାଟ ବର୍ଷ -( ୨ ) ବେଶ ଧୁମଧାମ ଭାବରେ ପାଳନ ଉତ୍ସବ ସଭାପତି ଧିମାନ ଧନିରାମ ନାୟିକ ଙ୍କ ନେତୃତ୍ୱ ଅନୁଷ୍ଠିତ ହଇଛି । ଏହି କାର୍ଯ୍ୟକ୍ରମରେ ଡମ ମାନଙ୍କ ଦ୍ୱାରା ନାଚ-ଗୀତ ମାଧ୍ୟମରେ କଳା ସାଂସ୍କୃତିକ ପରିବେଷଣ କରାଯାଇ ସଂସ୍କୃତିର ଗୌରବ ଓ ଐତିହ୍ୟକୁ ଓଡିଶା ସମେତ ଭାରତ ଓ ସାରା ବିଶ୍ୱରେ ପ୍ରଚାର ପ୍ରସାର କରି ଡମ ସମାଜ ପରମ୍ପରା କୁ ବଜାୟ ରଖିବା ପାଇଁ ଶପଥ ନେଇଥିଲେ । ଏହି ଉତ୍ସବରେ ରାୟଗଡା ଜିଲ୍ଲାର ପ୍ରାୟ ୧୧ ଗୋଟି ବ୍ଲକ ର ସମସ୍ତ ଗ୍ରାମପଞ୍ଚାୟତ ଓ ଗ୍ରାମରୁ ଲୋକମାନେ ଜଗ ଦେଇଥିଲେ। ଏହି ଉତ୍ସବରେ ପ୍ରାୟ ୫୦ ହଜାର ରୁ ଉର୍ଦ୍ଧଲୋକ ଉପସ୍ଥିତ ହୋଇଥିବାରୁ କାର୍ଯ୍ୟକ୍ରମ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା । ଅନେକ ବ୍ଲକ ରୁ ଆସିଥିବା ଲୋକମାନେ ରେଳଓ୍ୱେ ଛକ,କରାପୁଟ ଛକ, ମେଡିକାଲ ଛକ ରୁ ପାରମ୍ପରିକ ବାଜା ସହ କଳାହାଣ୍ଡିଆ ଦୂଲଦୁଲି ବାଦ୍ୟଯନ୍ତ୍ର ମାଧ୍ୟମରେ ସମସ୍ତେ ମନରଞ୍ଜନ ର ସହିତ ବାଣଫୁଟାଇ ରାୟଗଡା ବସଷ୍ଟାଣ୍ଡ ନିକଟରେ ଥିବା ଡ଼.ବି. ଆର ଅମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ଏକତ୍ରିତ ହୋଇ ପୁଷ୍ପ ମାଲ୍ୟ ଅର୍ପଣ କରି ପ୍ରେରଣାଦାୟୀ ସହର ପରିକ୍ରମା କରି ଜି.ସି.ଡି ପଡିଆରେ ଡମ ସମାଜ ଦ୍ୱାରା ଆୟୋଜିତ ହୋଇଥିବା ଷ୍ଟେଜନିକଟ କୁ ପହଞ୍ଚି ସମସ୍ତେ ନିଜ ନିଜର ସ୍ଥାନ ଅଧିଗ୍ରହଣ କରିଥିଲେ ଏବଂ ସମ୍ବିଧାନ ର ଶପଥ ନେଇଥିଲେ ପରବର୍ତୀ ସମୟରେ ଡମ ସମାଜ ର ପରମ୍ପରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବ ର ମୁଖ୍ୟ ଅତିଥି ଡ଼କ୍ଟର ଦୟାନିଧି ବାଗ, ସମ୍ମାନିୟ ଅତିଥି ଉପେନ୍ଦ୍ର ନାଏକ, ରବିନ୍ଦ୍ର ଖସଲା, ମହନ ମହାନନ୍ଦିଆ, ସଂଗୀତା ନାଏକ, ଚନ୍ଦ୍ରକଳା ନାଏକ,ମୁଖ୍ୟ ବକ୍ତା କ୍ଷେତ୍ରବାସୀ ମାନସେଟ ଙ୍କୁ ଡମ ସମାଜ ତରଫରୁ ମଞ୍ଚ ଉପରେ ସମ୍ମାନିତ କରି କାର୍ଯ୍ୟକ୍ରମ କୁ ଆଗେଇ ନେବା ସହିତ ପ୍ରଥମେ ବାବା ସାହେବ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ।

# ଗୋରୁ ବୋଝେଇ ଗାଡି ଅଟକ



**ଦଶରଥପୁର,୨୭।୧୧(ସଂଚାର ବ୍ୟୁରୋ):** ବିଶ୍ୱ ହିନ୍ଦୁପରିଷଦ ବଜରଙ୍ଗଦଳ ଦଶରଥପୁର ପ୍ରଖଣ୍ଡ ତରଫରୁ କସପା ପଞ୍ଚାୟତ ପଞ୍ଚପଡ଼ା ଗ୍ରାମ ନିକଟରେ ଏକ ଗୋରୁ ବୋଝେଇ ଟ୍ରକଟିକୁ ଗତକାଲି ବିଳମ୍ବିତ ରାତିରେ ଧରିବା ସହ ଦଶରଥପୁର ପୋଲିସ ଜିମା ଦେଇଛନ୍ତି । ସୂଚନା ଅନୁସାରେ ଗତକାଲି ୨୬/୧୧ ରାତି ପ୍ରାୟ ୧ଘଟିକା ସମୟରେ ଏକ ଟ୍ରକ ଯୋଗେ ୧୨ ଟି ଗୋରୁ ଚାଲାଣ କରାଯାଉଥିବାବେଳେ ଦଶରଥପୁର ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର କର୍ମୀମାନେ ଖବର ପାଇ ଗାଡିଟିକୁ ଅଟକ ରଖିବା ସହ ଦଶରଥପୁର ଥାନାରେ ଜିମା ଦେଇଥିଲେ । ଦଶରଥପୁର ପ୍ରଖଣ୍ଡ ସଂଯୋଜକ ଲୋକନାଥ ଦାସଙ୍କ ନେତୃତ୍ୱରେ, ପ୍ରଖଣ୍ଡ ସହ ସୁରକ୍ଷା ପ୍ରମୁଖ ରାମକୃଷ୍ଣ ଦାସ,ପ୍ରଖଣ୍ଡ ସାପ୍ତାହିକ ମିଳନ ପ୍ରମୁଖ ଦେବାଶିଷ ଦେବ, ଦଶରଥପୁର ପ୍ରଖଣ୍ଡ ଗୋ ସୁରକ୍ଷା ପ୍ରମୁଖ ଅମରଜିତ ତ୍ରିପାଠୀ, ଅହିୟାସ ଉପନଗର ସଂଯୋଜକ ଦୀପ୍ତି ଜେନା, ଅହିୟାସ ଉପନଗର ସହ ସଂଯୋଜକ ରାହୁଲ ବେହେରା,ଅହିୟାସ ଉପନଗର ଗୋ-ସୁରକ୍ଷା ପ୍ରମୁଖ ଜୟଦେବ ଜେନା ,କସପା ଖଣ୍ଡ ସଂଯୋଜକ ଆଶିଷ ସାହୁ, କସପା ଖଣ୍ଡ ମହାବିଦ୍ୟାଳୟ ପ୍ରମୁଖ ଦୀପକ ଗୋଛାୟତ ,ତରପଦା ଖଣ୍ଡ ସଂଯୋଜକ ସରୋଜ କର, ଦଶରଥପୁର ଖଣ୍ଡ ସଂଯୋଜକ ଜୀବନ ମଲ୍ଲିକ ପ୍ରମୁଖ ବିଳମ୍ବିତ ରାତିରେ ଅହିୟାସ ନିକଟରେ ଉପସ୍ଥିତ ରହିବା ସହ ଗୋମାତା ମାନଙ୍କୁ ଉଦ୍ଧାର କରିବାରେ ପ୍ରମୁଖ ଭୁମକା ଗ୍ରହଣ କରିଛନ୍ତି।

# ଖସୁଛି ପାରଦ,ବଢ଼ୁଛି ଶୀତ

## ଭବାନୀପାଟଣାରେ ୧୧, ଥୁଆମୂଳ ରାମପୁରରେ ୬ ଡିଗ୍ରି



**କଳାହାଣ୍ଡି,୨୭।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ପାରଦ ଖସିବାରେ ଲାଗିଥିବା ବେଳେ ଶୀତ ବଢ଼ିବା ଯୋଗୁଁ ଜାଡ଼ରେ କଳାହାଣ୍ଡି ଜିଲ୍ଲାବାସୀ ଥରୁଛନ୍ତି। ଭବାନୀପାଟଣାଠାରେ ପାରଦ ୧୧ ଡିଗ୍ରି ସେଲସିୟସ୍ ଥିବା ବେଳେ ଥୁଆମୂଳ ରାମପୁରରେ ୬ ଡିଗ୍ରିକୁ ପାରଦ ଖସିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହରରେ ଆଜି ସକାଳେ ସର୍ବନିମ୍ନ ତାପମାତ୍ରା ୧୧.୨ ଡିଗ୍ରିରେ ପହଞ୍ଚିଛି। ସେହିଭଳି ଗତକାଲି ପାରଦ ୧୧ ଡିଗ୍ରିରେ ପହଞ୍ଚି ଥିଲା । ଦିନକୁ ଦିନ ପାରଦ ଖସିବା ଯୋଗୁଁ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଥୁଆମୂଳ ରାମପୁର ବ୍ଲକ୍‌ରେ ଗତକାଲି ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରି ଥିବା ବେଳେ ଦୁର୍ଗମ ଅଞ୍ଚଳରେ ଏହା ଆହୁରି କମ ଥାଇପାରେ ବୋଲି ଅନୁମାନ କରାଯାଉଛି। ପାରଦ ଖସିବାରେ ଲାଗିଥିବା ଯୋଗୁଁ ଥୁଆମୂଳ ରାମପୁରର ଦୁର୍ଗମ ଅଞ୍ଚଳରେ ଶିଶିର ବିନ୍ଦୁ ଦେଖିବାକୁ ମିଳୁଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଲୋକେ ନିଆଁ ଉହ୍ଲେଇର ସାହାରା ନେଉଛନ୍ତି।

# ବସ୍‌ଷ୍ଟାଣ୍ଡରେ ବସ୍ ମାଲିକ ସଂଘ ସଭାପତିଙ୍କୁ ଛୁରାମାଡ଼




**କୋରାପୁଟ,୨୭।୧୧(ସଂଚାର ବ୍ୟୁରୋ):** ଘରୋଇ ବସ୍ ମାଲିକ ସଂଘ ସଭାପତି ଶେଖ କାସିମଙ୍କୁ ଛୁରୀରେ ଆକ୍ରମଣ କରାଯାଇଛି। ଆଜି ଅପରାହ୍ନ ପ୍ରାୟ ୨ଟା ବେଳେ କୋରାପୁଟ ବସ୍‌ଷ୍ଟାଣ୍ଡରେ ତାଙ୍କ ଉପରେ ହୋଇଛି ଆକ୍ରମଣ। ତାଙ୍କ ଡାହାଣ କାନ୍ଧରେ ଆଘାତ ଲାଗିଥିବା ବେଳେ କୋରାପୁଟ ମେଡିକାଲ କଲେଜ ଓ ହସ୍‌ପିଟାଲରେ ତାଙ୍କର ଚିକିତ୍ସା କରାଯାଇଛି। ବସ୍ ସମୟକୁ ନେଇ କୋରାପୁଟ ଘରୋଇ ବସ୍ ମାଲିକ ସଂଘରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଯାଇଥିଲା। ଗତକାଲିଠାରୁ ବିବାଦ ଆରମ୍ଭ ହୋଇଥିବା ବେଳେ ଘଟଣାର ସମାଧାନ ପାଇଁ ଆଜି ସଂଘର ସଭାପତି ଶେଖ କାସିମ ନିଜେ ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ଗୋଟିଏ ଗୋଷ୍ଠୀର ବସ୍ ମାଲିକଙ୍କ ସହିତ ସେ ଆଲୋଚନା କରୁଥିବା ବେଳେ ହଠାତ୍ ୫ରୁ ୮ ଜଣ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ସେମାନେ ତାଙ୍କ କାନ୍ଧରେ ଛୁରୀ ଭୁଷି ଦେଇଥିଲେ। ଏହା ପରେ ସେମାନେ ବାଇକ୍‌ରେ ସେଠାରୁ ଫେରାର ହୋଇଯାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶେଖ କାସିମଙ୍କୁ ଉଦ୍ଧାର କରି କୋରାପୁଟ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରିଥିଲା। ଶେଖ କାସିମଙ୍କ ପକ୍ଷରୁ ଏହି ଘଟଣା ନେଇ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ଏହି ଘଟଣା ନେଇ କୋରାପୁଟ ବସ୍ ମାଲିକ ସଂଘ ସଭାପତି ଶେଖ କାସିମ କହିଛନ୍ତି, ସଂଘର ପୂର୍ବତନ ସଂପାଦକ ଶରତ ଗୌଡ଼ ଓ ନରେଶଚନ୍ଦ୍ର ପାଢ଼ୀଙ୍କ ସହିତ ୮ରୁ ୧୦ ଜଣ ଯୁବକ ଆସିଥିଲେ। ସେମାନେ ବସ୍ ଟାଇମିଂ ନେଇ ଗତକାଲି ଗୋଟିଏ ବସ୍‌ର କଣ୍ଡକ୍ଟରଙ୍କୁ ଫୋନ୍ କରି ପିଟିବାକୁ ଧମକ ଦେଇଥିଲେ। ଯଦିଓ ସେ ବସ୍ ତା' ସମୟରେ ଯାଉଥିଲା, ତଥାପି ସେମାନେ ଧମକ ଦେଇଥିଲେ।

# ଠିକାସଂସ୍ଥା କରୁଛି ବିଦ୍ୟୁତ୍ ଚୋରି

## ଆଠ ମାସ ଧରି ବୁହା ଚାଲିଛି ପାଣି



**ନୟାଗଡ଼,୨୭।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଛି । ସହର ମଧ୍ୟରେ ନିର୍ମାଣ ହେଉଥିବା ରାସ୍ତାକାମ ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହେଉଥିବା ବେଳେ ଠିକାସଂସ୍ଥା ରାସ୍ତାକାମ ପାଇଁ ବିଦ୍ୟୁତ୍ ଚୋରୀ କରୁଥିବା ଦେଖାଯାଇଛି । ନୟାଗଡ଼ ପୌରାଞ୍ଚଳର ବିଭିନ୍ନ କଲୋନୀ ତଥା ସାହିରେ ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା । ଟେଣ୍ଡର ପ୍ରକିୟା ଶେଷ ହେବା ପରେ ୧୩ କିମି ରାସ୍ତାକୁ ଦୁଇ ଠିକାଦାରଙ୍କୁ ଦାୟିତ୍ୱ ଦିଆଗଲା । ରାସ୍ତା ନିର୍ମାଣ ଜଣେ ଠିକାଦାର କରିବା ସମ୍ଭବ ଥିବା ବେଳେ ପୂର୍ତ୍ତ ବିଭାଗ ଅତି ଚତୁରତାର ସହ ଦୁଇ ଜଣଙ୍କୁ ଦାୟିତ୍ୱ ଦେଇଛି । ତଥାପି ରାସ୍ତା ନିର୍ମାଣ ବିଳମ୍ବିତ ଭାବେ ଚାଲିଛି । ଯେଉଁ ନୂଆ ରସ୍ତା ନିର୍ମାଣ ହୋଇଛି, ତାହା ମଧ୍ୟରୁ ଅନେକ ଅନାବଶ୍ୟକ ସ୍ଥାନରେ ନିର୍ମାଣ ହେଉଥିବା ବେଳେ ଅନେକ ରାସ୍ତା ନିର୍ମାଣ ପରେ ପରେ ଫାଟି ଆଁ କରିଛି । ନୟାଗଡ଼ ପୌରାଞ୍ଚଳ ଅନ୍ତର୍ଗତ ତାରିଣୀନଗର, ସୁରନଗର, ମାର୍ଥାକଲୋନୀ, ସରସ୍ୱତୀ ବିହାର, ଓ୍ୱାର୍ଡ଼ ନଂ ୯ ଏବଂ ୧୦ ଏସ୍‌ପି ରେସିଡେନ୍ସ ଲେନ୍, ରାଥାନାଥ କଲୋନୀ, ପୁରୁଣାରାଜବାଟୀ ରାସ୍ତାକୁ ମିଶାଇ ମୋଟ ୫ କିମି ୪ ମିଟର ରାସ୍ତା ନିର୍ମାଣ ପାଇଁ ୯ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏହି କାମକୁ ଆରକେଏସଏସ ନାମକ ଠିକାସଂସ୍ଥା ନିର୍ମାଣ କରୁଛି । ୨୦୨୪ ମସିହା ଜାନୁୟାରୀ ୩୧ରୁ ଅକ୍ଟୋବର ୩୦ ତାରିଖ ମଧ୍ୟରେ ନିର୍ମାଣ ଶେଷ କରିବା ପାଇଁ ସଂସ୍ଥା ୮ କୋଟି ୫୪ ଲକ୍ଷ ଟଙ୍କାରେ ଟେଣ୍ଡର ହାତେଇଥିଲା । ନିର୍ମାଣ ଅବଧି ଶେଷ ହୋଇଥିବା ବେଳେ ଏହି ରାସ୍ତାକାମ କେବେ ଶେଷ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଠିକାସଂସ୍ଥା ଦୀର୍ଘ ୮ ମାସ ଧରି ବିଦ୍ୟୁତ୍ ଚୋରୀ କରୁଥିବା ଅଭିଯୋଗ ହୋଇଛି । ଷ୍ଟାଡିୟମ୍ ସମ୍ମୁଖରେ ଥିବା ଶ୍ରୀରାମ ବିହାର ରାସ୍ତାରେ ପ୍ରତ୍ୟେକ ଦିନ ବିଦ୍ୟୁତ୍ ଚୋରୀ କରି ପାଣି ଟ୍ୟାଙ୍କର ଭର୍ତ୍ତୀ କରାଯାଉଥିବା ଅଭିଯୋଗ ହୋଇଛି । ୮ ମାସ ଧରି ଉକ୍ତ ସଂସ୍ଥା ବିଦ୍ୟୁତ୍ ଚୋରୀ କରି ଆସୁଥିବା ବେଳେ ପୂର୍ତ୍ତ ବିଭାଗ କି ବିଦ୍ୟୁତ୍ ବିଭାଗ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ।

# ସନିମାଲ ଓ ସୁକଲତେର୍ମାରେ ହାତୀ ଉପଦ୍ରବ

**ବରଗଡ଼,୨୭।୧୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଘେଁସ ରେଞ୍ଜ ଅଧିନସ୍ଥ ସନିମାଲ ଓ ସୁକଲତେର୍ମା ଗାଁ ରେ ଜଙ୍ଗଲୀ ହାତୀପଲ ଙ୍କ ଦ୍ୱାରା ବ୍ୟାପକ ପରିମାଣର କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ସନିମାଲ ଓ ବାଟତେର୍ମା ଗାଁ ସ୍ଥିତ ଧାନଫସଲ ସମେତ ପାତଲଘଣ୍ଟା ଓ ଲଙ୍କା ଚାଷ ହୋଇଥିବା ଚାଷଜମି ମାନଙ୍କୁ ଗତ ରାତିରେ ହାତୀପଲ ପହଞ୍ଚି ବ୍ୟାପକ ପରିମାଣରେ ଧାନଫସଲ ଓ ପରିବାଚାଷ (ପ୍ରାୟ ୪ ହେକ୍ଟରୁ ଉର୍ଦ୍ଧ୍ୱ) ଦଳିଚକଟି ନଷ୍ଟ କରିଦେଇଥିବା ଚଷୀମାନେ ଅଭିଯୋଗ କରିଛନ୍ତି । ଖବର ପାଇ ଡି ଏଫ୍ ଓ ବିକ୍ରମ ଦେବ ପଟ୍ଟନାୟକ,ଘେଁସ ରେଞ୍ଜର ବିଜୟ ଲକ୍ଷ୍ମୀ ପଟେଲ , ବନବିଭାଗ କର୍ମଚାରୀ ଓ ରକ୍ଷକ ଦଳ ଗତ ରାତିରେ ହାତୀପଲ ଙ୍କୁ ନିକଟସ୍ଥ ଜଙ୍ଗଲ ପଟକୁ ଘଉଡ଼ାଇଥିଲେ। ଘେଁସ ବନବିଭାଗ କର୍ମଚାରୀମାନେ ସକାଳେ ହାତୀପଲ ଦ୍ୱାରା କ୍ଷୟକ୍ଷତି ହୋଇଥିବା ଚାଷଜମି ସବୁର ଆକଳନ କରିଛନ୍ତି। ଏନେଇ ବନବିଭାଗ ପକ୍ଷରୁ କୌଣସିପ୍ରକାର ପ୍ରତିକ୍ରିୟା ମିଳିନଥିବାବେଳେ ସୁକଲତେର୍ମା ଗ୍ରାମର ରଘୁନାଥ ନାଏକ, ଜୟଦେବ ବାରିକ, ଶାନ୍ତିଲାଲ ବାରିକ, ଜଗବନ୍ଧୁ ବାରିକ, ସୌକିଲାଲ ନାଏକ, ଗୋଲକବିହାରୀ ବାରିକ ଏବଂ ସନିମାଲ ଗ୍ରାମର ହୃଦାନନ୍ଦ ଦାଶ, ଜିତେନ୍ଦ୍ର ଭୁଏ, ପ୍ରଦୀପ ପାଣିଗ୍ରାହୀ, କିଶୋର ପଣ୍ଡା ପ୍ରମୁଖ ଚାଷୀ ମାନଙ୍କ ପ୍ରାୟ ୪ ହେକ୍ଟର ରୁ ଉର୍ଦ୍ଧ୍ୱ ଚାଷଜମିର ଧାନଫସଲ ଓ ପରିବା ଚାଷ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି । ହାତୀପଲରେ ୨୮ ଟି ହାତୀ ରହିଥିବା କହିଛନ୍ତି ।

# ସୁବର୍ଣ୍ଣ ମାଟି ଚା' କପର ଶୁଭାରମ୍ଭ



**ସୁବର୍ଣ୍ଣପୁର,୨୭।୧୧(ସଂଚାର ବ୍ୟୁରୋ):** ଆଜି ସୋନପୁର ମୁନିସିପାଲଟି କୁମ୍ଭାରପଡ଼ା ସ୍ଥିତ ମିଶନ ଶକ୍ତି ପକ୍ଷରୁ ଶ୍ରୀ ସମୃଦ୍ଧି ଉତ୍ପାଦକ ଗୋଷ୍ଠୀ ସୋନପୁର ଠାରେ କୁଲହଡ(ମାଟିକପ) ମେସିନର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଜିଲ୍ଲାରେ ପ୍ରଥମଥର ପାଇଁ ଏହି ମେସିନ ସ୍ଥାପନକରି ସ୍ୱୟଂ ସହାୟକ ମହିଳା ଙ୍କୁ ରୋଜଗାର ଯୋଗାଇଛି। ଏଥିରେ ମୂଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅନ୍ୟା ଦାସ ,ଡେପୁଟି,ସିଇଓ,ଓରମାସ ଜିଲ୍ଲା ସଂଯୋଜକ ବିଶ୍ୱଜିତ ପରିଡ଼ା ମିଶନ ଶକ୍ତି ମହିଳା ମାନେ ଯୋଗଦେଇଥିଲେ ।

# ଅଭିଯୁକ୍ତଙ୍କ ମୁହଁରେ କଳା ବୋଳିଲେ, ଜୋତା ମାଳ ପକାଇଲେ ନାବାଳିକା



**କେନ୍ଦୁଝର ,୨୭।୧୧(ସଂଚାର ବ୍ୟୁରୋ):** ଗାଁ ରାସ୍ତାରେ ଅସଦାଚରଣ କରିଥିଲେ ବୋଲି ଅଭିଯୁକ୍ତଙ୍କ ମୁହଁରେ କଳା ବୋଳିଲେ ଓ ବେକରେ ଜୋତା ମାଳ ପକାଇଲେ ପୀଡ଼ିତା ନାବାଳିକା। ତା'ପରେ ଅଭିଯୁକ୍ତଙ୍କୁ ଗାଁ ଦାଣ୍ଡରେ ବୁଲାଇଲେ। ଏପରି କଙ୍ଗାରୁ କୋର୍ଟ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଆକୁଳ ଗାଁରେ ବସିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୋମବାର ଅପରାହ୍ନ ୫ଟା ସମୟରେ ଆକୁଳ ଗାଁ ମୁଣ୍ଡା ସାହିର ଜଣେ ନାବାଳିକା ଶୌଚ ପାଇଁ ଯାଇଥିଲେ। ତାଙ୍କୁ ଏକୁଟିଆ ପାଇ ସେହି ଗାଁର ପ୍ରଶାନ୍ତ ନାୟକ ଅସଦାଚରଣ କରିଥିଲେ। ସେହି ସମୟରେ ନାବାଳିକା ଜଣଙ୍କ ପାଟି କରିବାରୁ ନିକଟରେ ଫୁଟବଲ୍ ଖେଳୁଥିବା କିଛି ଯୁବକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ମଙ୍ଗଳବାର ନାବାଳିକାଙ୍କ ପରିବାର ଓ ମୁଣ୍ଡା ସାହି ଲୋକମାନେ ପ୍ରଶାନ୍ତଙ୍କ ଘରେ ପହଞ୍ଚି ଥିଲେ। ତାଙ୍କୁ ଗାଁ ଦାଣ୍ଡକୁ ନେଇ ଯାଇଥିଲେ। ଗାଁ ଦାଣ୍ଡରେ ଅଭିଯୁକ୍ତ କୁହାଯାଉଥିବା ପ୍ରଶାନ୍ତଙ୍କ ମୁହଁରେ ପୀଡିତା ନାବାଳିକା କାଳା ବୋଳିଥିଲେ। ପରେ ତାଙ୍କ ବେକରେ ଜୋତା ମାଳ ପକାଇ ଥିଲେ। ତା'ପରେ ପ୍ରଶାନ୍ତଙ୍କ ବେକରେ ନାଗରା ଓ ଅଣ୍ଟାରେ ଦୌଡ଼ି ବାନ୍ଧି ଦେଲେ ଗାଁ ଲୋକ। ପରେ ପୂରା ଗାଁ ବୁଲାଇଲେ। ଦୀର୍ଘ ୪ ଘଣ୍ଟା ଧରି ଶୋଭାଯାତ୍ରା କରି ଗାଁ ବୁଲାଇଥିଲେ। ଏ ସମ୍ପର୍କରେ ଖବର ପାଇଁ ଗାଁରେ ପହଞ୍ଚିଥିଲା ପୁଲିସ। ଗାଁ ଲୋକଙ୍କ କବଳରୁ ପ୍ରଶାନ୍ତଙ୍କୁ ଉଦ୍ଧାର କରିଥିଲା।
ପରବର୍ତ୍ତୀ ସମୟରେ ଅଭିଯୁକ୍ତ କୁହାଯାଉଥିବା ପ୍ରଶାନ୍ତ ଏନେଇ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ୫ ଜଣଙ୍କ ନାଁରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସେପଟେ ନାବାଳିକା ପକ୍ଷରୁ ଅସଦାଚରଣ ନେଇ ଥାନାରେ କୌଣସି ମାମଲା ହୋଇନାହିଁ।

# ଜାନୁଆରୀ ୬ରୁ ଆରମ୍ଭ ହେବ ସୁବର୍ଣ୍ଣ ଲୋକ ମହୋତ୍ସବ



**ସୁବର୍ଣ୍ଣପୁର, ୨୭।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତୁତି ବୈଠକ। ଏହି ବୈଠକରେ ସଭାପତିତ୍ୱ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅାଞ୍ଜେଲିନା ପଧାନ, ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଉପ ଜିଲ୍ଲାପାଳ,ସୋନପୁର, ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ଜିଲ୍ଲାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ, ଜିଲ୍ଲାର ତହସିଲଦାର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ବୃନ୍ଦ, ଜିଲ୍ଲା ସଂସ୍କୃତି ପରିଷଦ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ, କଳାକାର ମାନେ ଉପସ୍ଥିତ ରହି ସେମାନଙ୍କର ମୂଲ୍ୟବାନ ଓ ଉପାଦେୟ ପ୍ରସ୍ତାବ ଓ ମତାମତ ପ୍ରଦାନ କରିଥିଲେ।ଏହି ପ୍ରସ୍ତୁତି ବୈଠକରେ ଆଗାମୀ ଜାନୁୟାରୀ ୨୦୨୫ ମାସର ୦୬.୦୧.୨୦୨୫ ରୁ ୧୦.୦୧.୨୦୨୫ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ସ୍ଥିତ ରାମେଶ୍ୱର ପଡିଆ ରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁବର୍ଣ୍ଣ ଲୋକ ମହୋତ୍ସବ ଅନୁଷ୍ଠିତ କରିବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିରୀକୃତ କରାଗଲା ।ଉକ୍ତ ପ୍ରସ୍ତୁତି ବୈଠକ ରେ ଗତ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୪ ର ପାଣ୍ଠି ସଂଗ୍ରହ ଓ ଖର୍ଚ୍ଚ ର ବିବରଣୀ ସମସ୍ତ ଙ୍କ ଅବଗତି ନିମନ୍ତେ ପାଠ କରାଯାଇଥିଲା। ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ଯେପରି ଅଧିକ ପାଣ୍ଠି ସଂଗ୍ରହ କରାଯାଇପାରିବ ସେଥି ପାଇଁ ବିଶଦ ଭାବେ ଆଲୋଚନା କରାଯାଇଥିଲା । ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ସମସ୍ତ କମିଟି ଗଠନ ଓ କମିଟି ଗୁଡ଼ିକର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ଅବସରରେ ସ୍ମରଣିକା ପ୍ରକାଶନ ପାଇଁ ଲେଖକ, କବି ଓ ଜନସାଧାରଣଙ୍କ ଠାରୁ ସୁବର୍ଣ୍ଣପୁର ଜିଲ୍ଲାର ଇତିହାସ, ସଂସ୍କୃତି,କଳା ଓ ପରମ୍ପରା ଉପରେ ପ୍ରବନ୍ଧ, କାହାଣୀ ଓ କବିତା ର ଲେଖା ଗୁଡିକ districtculture. subar napur@gmail.com ଇମେଲ ଠିକଣା ରେ ପଠାଇବା ପାଇଁ ଅନୁରୋଧ କରାଗଲା। ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ପୂର୍ବରୁ ରିଙ୍ଗ ରୋଡ ସମେତ ସୁବର୍ଣ୍ଣପୁର ସହରର ସମସ୍ତ ରାସ୍ତା ଓ ଛକ ଜାଗା ମାନଙ୍କରେ ଆଲୋକିକରଣ କରିବା ର ଆବଶ୍ୟକତା ଅଛି ବୋଲି ବୁଦ୍ଧିଜୀବୀ ତଥା ସାମ୍ବାଦିକ ଶ୍ରୀ ଦିଲୀପ କୁମାର ପାତ୍ର ବୈଠକ ର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟ ରେ ନିର୍ବାହୀ ଅଧିକାରୀ, ମ୍ୟୁନିସପାଲିଟି, ସୋନପୁର ଙ୍କୁ ଆବଶ୍ୟକୀୟ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

# ଖଳାରୁ ଧାନ ଚୋରି

**ବରଗଡ଼,୨୭।୧୧(ସଂଚାର ବ୍ୟୁରୋ):** ରାତି ଅଧରେ ଖଳାରୁ ଧାନ ଚୋରି କରି ଚମ୍ପଟ ମାରିବାକୁ ଉଦ୍ୟମ କରୁଥିଲେ ଚୋର। ହେଲେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଗଲେ। ଚୋରମାନଙ୍କୁ କାବୁ କରି ପୁଲିସ ଜିମାରେ ଦେଇଛନ୍ତି ଗ୍ରାମବାସୀ। ଏପରି ଘଟଣା ଘଟିଛି ବରଗଡ଼ ଜିଲ୍ଲାରେ। ଅଭିଯୁକ୍ତମାନେ ସମ୍ବଲପୁର ଜୁଜୁମୁରା ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୪ଜଣ ନାବାଳକ ଅଛନ୍ତି। ଚାଷୀମାନେ କ୍ଷେତରୁ ଧାନ ଆଣି ଅମଳକରି ତାକୁ ଖଳାରେ ରଖିଛନ୍ତି। ଗତକାଲି ରାତିରେ ୮ ଜଣ ଚୋର ଏକ ମିନି ଟ୍ରକ୍ ଆଣି ଖଳାରେ ଥିବା ଧାନକୁ ଗାଡ଼ିରେ ଲଦି ନେବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସେମାନେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ। ଗ୍ରାମବାସୀ ଚୋରମାନଙ୍କୁ କାବୁ କରିଥିଲେ ଓ ପୁଲିସକୁ ଖବର ଦେଇଥିଲେ।